# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁଲାଇ ୩୧/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, July 31/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**୧୦୦ତମ ଡେଭିସ୍ କପ୍ ମ୍ୟାଚ ଖେଲିଲେ ଭିସିନି**

ଡେଭିସ୍ କପ୍ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଖେଳାଳି ଭାବେ ୧୦୦ମ୍ୟାଚ ଖେଳି ଇତିହାସ ସୃଷ୍ଟି କରିଛନ୍ତି ଡୋମେନିକୋ ଭିସିନି।

୧୪

୧୨

**ଘର ବିକିଲେ ଜାହ୍ନବୀ**

ହିନ୍ଦୀ ଚଳଚ୍ଚିତ୍ର ନାୟିକା ଜାହ୍ନବୀ କପୁର ମୁମ୍ବାଇ ଜୁହୁରେ ଥିବା ତାଙ୍କର ଲକ୍ଜ୍ୟୁରି ଆପାର୍ଟମେଣ୍ଟକୁ ୪୪ କୋଟିରେ ବିକ୍ରି କରିଛନ୍ତି।



**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

### ଭାରୋତ୍ତୋଳନରେ ଭାରତକୁ ୩ ପଦକ

# ସ୍ୱର୍ଣ୍ଣ ଜିତିଲେ ମୀରାବାଈ



**ବର୍ମିଂହାମ୍, ୩୦।୭ (ପି.ଟି.)**

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରୋତ୍ତୋଳନରେ ଭାରତର ମୀରାବାଈ ଚାନୁ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଶନିବାର ମହିଳା ୪୯କେଜି ଫାଇନାଲ ସ୍ନାଚ୍‌ରେ ୮୮କେଜି ଏବଂ କ୍ଲିନ୍ ଓ ଜର୍କରେ ୧୧୩କେଜି ଓଜନ ଉଠାଇଥିବା ବେଳେ ମୋଟ (୮୮କେଜି+୧୧୩କେଜି) ୨୦୧କେଜି ଉତ୍ତୋଳନ କରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୂଆ ରେକର୍ଡ କରିଛନ୍ତି। ସେ ତାଙ୍କ ତୃତୀୟ ପ୍ରଚେଷ୍ଟାରେ ୧୧୫ କେଜି ଓଜନ ଉଠାଇବାରେ ବିଫଳ ହୋଇଥିଲେ। ଭାରତ ଶନିବାର ଭାରୋତ୍ତୋଳନରେ ଏହା ପୂର୍ବରୁ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ଜିତିସାରିଥିଲା।

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରୋତ୍ତୋଳକ ସଙ୍କେତ ସର୍‌ଗର୍ ଭାରତ ପାଇଁ ପ୍ରଥମ ପଦକ ଆଣିଦେଇଛନ୍ତି। ପୁରୁଷ ୫୫ କେଜି ଶ୍ରେଣୀରେ ସେ ରୌପ୍ୟ ପଦକ ଜିତିଛନ୍ତି। ୨୧ ବର୍ଷୀୟ ଭାରୋତ୍ତୋଳକ ସ୍ୱର୍ଣ୍ଣ ଜିତିବେ ବୋଲି ଅନୁମାନ କରାଯାଉଥିଲା। ମାତ୍ର ସେ କ୍ଲିନ ଓ ଜର୍କ ପ୍ରଚେଷ୍ଟାରେ ଦୁଇଥର ବିଫଳ ହୋଇଥିଲେ। ସେ ମୋଟ (୧୧୩ କେଜି + ୧୩୫ କେଜି) ୨୪୮ କେଜି ଉତ୍ତୋଳନ କରିପାରିଥିଲେ। ମାଲେସିଆର ମହମଦ ଆନିକ୍ କ୍ଲିନ ଓ ଜର୍କରେ ୨୪୯କେଜି (୧୦୭କେଜି+ ୧୪୨କେଜି) ଉତ୍ତୋଳନ କରି ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଶ୍ରୀଲଙ୍କାର ଇସୁରୁ କୁମାରା ୨୨୫କେଜି(୧୦୫କେଜି+ ୧୨୦କେଜି) ଓଜନ ଉଠାଇ ବ୍ରୋଞ୍ଜ ପଦକ ପାଇଥିଲେ। ସ୍ନାଚ ବିଭାଗରେ ସର୍‌ଗର୍ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦେଇଥିଲେ। କ୍ଲିନ୍ ଓ ଜର୍କ ପୂର୍ବରୁ ସେ ୬ କିଲୋଗ୍ରାମ ଅଗ୍ରଣୀ ରହିଥିଲେ। ମାତ୍ର ଭାରତୀୟ ଭାରୋତ୍ତୋଳକ ଓଜନ ଉଠାଇବା ବେଳେ ତ୍ରୁଟି ଯୋଗୁ ତାଙ୍କ ଡାହାଣ କହୁଣିରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ କ୍ଲିନ୍ ଓ ଜର୍କରେ ଥରେ ମାତ୍ର ଉତ୍ତୋଳନ କରିପାରିଥିଲେ। ସେ ତାଙ୍କ ଦ୍ୱିତୀୟ ଓ ତୃତୀୟ ପ୍ରଚେଷ୍ଟାରେ ୧୩୯କେଜି ଉତ୍ତୋଳନ କରିବାରେ ବିଫଳ ରହିଥିଲେ। ଗତ ସଂସ୍କରଣରେ ଭାରତୀୟ ଭାରୋତ୍ତୋଳକମାନେ ୫ ସ୍ୱର୍ଣ୍ଣ ସହ ୯ ପଦକ ଜିତିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଙ୍କେତ ଭାରତ ପାଇଁ ଭଲ ଆରମ୍ଭ କରିଛନ୍ତି। ତାଙ୍କ ଭବିଷ୍ୟତର ଉତ୍ତରୋତ୍ତର କାମନା କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସଙ୍କେତ କହିଛନ୍ତି, ତାଙ୍କଠାରୁ ଡୋପ୍ ସାମ୍ପଲ ସଂଗ୍ରହ ପରେ ସେ ତାଙ୍କର ତୁରନ୍ତ ଏକ୍ସ-ରେ କରାଇନେବେ। ବର୍ତ୍ତମାନ ସେ ବହୁ ଯନ୍ତ୍ରଣା ଅନୁଭବ କରୁଛନ୍ତି। ସେ ତାଙ୍କ ପଦକକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସାଙ୍ଗ୍‌ଲିରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ଜିତିବାରେ ସର୍‌ଗର୍ ହେଉଛନ୍ତି ଦ୍ୱିତୀୟ ଆଥଲେଟ୍। ପୂର୍ବରୁ ରେସ୍‌ଲର ଭାରତୀମାନେ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ସାଙ୍ଗ୍‌ଲିରେ ତାଙ୍କ ପିତାଙ୍କ ସହ ମିଶି ସେ ଏକ ପାନ ଦୋକାନ ଚଳାଉଛନ୍ତି।

# ପ୍ରଭାତ ବିଶ୍ୱାଳଙ୍କ ୨୫ ଲକ୍ଷ ଟଙ୍କା ଜବତ କଲା ଇଡି

**ସି-ଶୋର୍ ଚିଟ୍ ଫଣ୍ଡ ମାମଲା**

- ଜବତ ତାଲିକାରେ ରହିଛି ମୋଟ ୩.୯୨କୋଟି
- ମିଡିଆ ଗୁରୁ କନ୍‌ସଲଟାନ୍ସି ସଂସ୍ଥାର ମଧ୍ୟ ସମ୍ପତ୍ତି ଆଟାଚ୍
- ୨୦୧୭ରେ ଗିରଫ ହୋଇ ଜେଲ ଯାଇଥିଲେ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ବହୁ ଚର୍ଚ୍ଚିତ ସି-ଶୋର୍ ଚିଟ୍‌ଫଣ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ୩କୋଟି ୯୨ଲକ୍ଷ ୨୦ହଜାର ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ୍ କରିଛି। ଏହି ସମ୍ପତ୍ତିରେ ପୂର୍ବତନ କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ



ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ

କଟକ ଏସ୍‌ବିଆଇ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ରହିଛି। ଏଥିସହ ବାକି ସମ୍ପତ୍ତି ନୋଏଡାସ୍ଥିତ ଥିବା ମିଡିଆ ଗୁରୁ କନ୍‌ସାଲଟାନ୍ସି ସଂସ୍ଥାର ବୋଲି ଇଡି ପକ୍ଷରୁ କୁହାଯାଇଛି। ସି-ଶୋର୍ କମ୍ପାନୀଠାରୁ ଏସବୁ ଅର୍ଥ ଆସିଥିବା ପ୍ରମାଣ ମିଳିବା ପରେ ପ୍ରିଭେନଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ), ୨୦୦୨ ଅନୁଯାୟୀ ଇଡି ଏଭଳି ପଦକ୍ଷେପ ନେଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ ଓ ଚାର୍ଜସିଟ୍ ଆଧାରରେ ଏହି ସମ୍ପତ୍ତି ଆଟାଚ୍ ହୋଇଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୨୬୧.୯୨ କୋଟି ଟଙ୍କା ଆଟାଚ୍ କରାଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

ଇଡି ସୂଚନା ଅନୁଯାୟୀ, ସି-ଶୋର୍ କମ୍ପାନୀ ଏକ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ହୋଇ ମଧ୍ୟ ଏକାଧିକ ଲୋକଙ୍କ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ** ଇଡିକୁ ଏତେ କ୍ଷମତା ?





Cut the Coupon & Send it to: Dharitri, B-15, Industrial Estate Rasulgarh, Bhubaneswar - 751010 **or** Click the Photo of the filled Message & send it to: rakhimessagecontest@dharitri.com Whatsapp No.: 9692975378

ଆମର ପ୍ରିୟ ପାଠିକା/ପାଠକ। 'ରାଖୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର 'ବାର୍ତ୍ତା ପ୍ରତିଯୋଗିତା'। ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ। ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ। ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ। ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୬ ଅଗଷ୍ଟ ୨୦୨୨। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।

**MESSAGE COUPON**

ବାର୍ତ୍ତା

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

..........................................................................

ନାମ:.............................................., ବୟସ:..................

ଠିକଣା:..................................................................

.................................... ମୋବାଇଲ ନଂ. ..........................

"BASIC T & Cs": *T & C apply

The Dharitri Management reserves the right to decide on the qualification and basis for winning messages.


# ବନ ବିଭାଗର ନିରସ୍ତ୍ର ମୁକାବିଲା

- ପଦା ହେଲାଣି ଜଙ୍ଗଲ, ବଢୁଛି ହାତୀମୃତ୍ୟୁ

**ରତନ ନାୟାର**
**ଢେଙ୍କାନାଳ ଅଫିସ୍, ୩୦।୭**

ବଦଳିଗଲାଣି ଶିକାର କୌଶଳ। ଏକଦା ତୀର, ବିଦ୍ୟୁତ୍ ଫାଶରେ ବନ୍ୟପ୍ରାଣୀଙ୍କୁ ମାରୁଥିବା ଶିକାରୀ ଏବେ ଧରିଲେଣି ଅତ୍ୟାଧୁନିକ ବନ୍ଧୁକ। ବନ ବିଭାଗ ଡାଳେ ଡାଳେ ଗଲେ ସେମାନେ ଯାଉଛନ୍ତି ପତ୍ରେ ପତ୍ରେ। କେଉଁଠି ହାତୀ ବିଚରଣ କରୁଛନ୍ତି, କେଉଁ ସ୍ଥାନରେ ବାଘ ରହୁଛନ୍ତି, କେଉଁ ଜଳାଶୟ ନିକଟକୁ କେଉଁ ସମୟରେ ବନ୍ୟଜନ୍ତୁ ପାଣି ପିଇବାକୁ ଆସୁଛନ୍ତି, ଯାହା ବନ କର୍ମଚାରୀ ଜାଣିପାରୁନାହାନ୍ତି ସେସବୁର ସବିଶେଷ ସୂଚନା ସେମାନଙ୍କ ପାଖରେ। ଏବେ ଓଡ଼ିଶାରେ ଯେଉଁଭଳି ଭାବେ ଐତିହ୍ୟ ପ୍ରାଣୀ ହାତୀ, ବାଘ ସମେତ ଅନ୍ୟ ଜଙ୍ଗଲୀ ଜୀବଙ୍କ ଶିକାର ଚାଲିଛି, ଏମିତି ଲାଗୁଛି ମାତ୍ର ବର୍ଷ କେଇଟାରେ ଅନେକ ସଂରକ୍ଷିତ ଜଙ୍ଗଲରୁ ସେମାନଙ୍କ ସତ୍ତା ଲିଭିଯିବ। ହେଲେ ଏହାକୁ ଗୁରୁତ୍ୱର ସହ ନେଉନାହାନ୍ତି ରାଜ୍ୟ ସରକାର। ବନ ବିଭାଗର ଢାଞ୍ଚାଗତ ପରିବର୍ତ୍ତନ ହେଉ ନ ଥିବାବେଳେ ଆଧୁନିକ ଅସ୍ତ୍ର ଓ କୌଶଳ ବ୍ୟବହାରରେ ଅନଭିଜ୍ଞ କର୍ମଚାରୀ ଶିକାରୀ ଏବଂ କାଠଚୋରଙ୍କ ଉଚିତ ମୁକାବିଲା କରିପାରୁନାହାନ୍ତି। ଆଇନ ଶୃଙ୍ଖଳା ରକ୍ଷା ଲାଗି ପୋଲିସ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଗ୍ନିଶମ ବାହିନୀକୁ ଆଧୁନିକୀକରଣ କରାଯାଉଥିବାବେଳେ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି ବନ ବିଭାଗ। ଏବେ ବି ପୁରୁଣାକାଳିଆ ଢଙ୍ଗରେ କର୍ମଚାରୀମାନେ ଠେଙ୍ଗା ଧରି ଜଙ୍ଗଲରେ ପଇଁତରା ମାରୁଥିବାବେଳେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଶିକାରୀଙ୍କ ସମ୍ମୁଖୀନ କିପରି ☞ପୃଷ୍ଠା-୪

# ଜୟନାରାୟଣ ମିଶ୍ର ବିରୋଧୀ ଦଳ ନେତା



☞ପୃଷ୍ଠା-୮




**ଛାତ୍ରଙ୍କୁ କ୍ଲାସ୍‌ରେ ତାଲା ପକାଇ ୧୦ ନିଲମ୍ବିତ**

ଉତ୍ତର ପ୍ରଦେଶର ହାଥରାସ ଗ୍ରାମରେ ଜଣେ ୨ୟ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀ ଗୃହରେ ବନ୍ଦ କରିବା ଅଭିଯୋଗରେ ପ୍ରଧାନଶିକ୍ଷକଙ୍କ ସମେତ ୧୦ ଜଣ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ୬ ବର୍ଷୀୟ ପ୍ରକାଶ କ୍ଲାସ୍ ରୁମ୍‌ରେ ଶୋଇପଡ଼ିଥିବାବେଳେ ସ୍କୁଲ କର୍ମଚାରୀ ଏ ବିଷୟରେ ଅବଗତ ନ ଥିଲେ। ହଠାତ୍ ପ୍ରକାଶଙ୍କ ନିଦ ଭାଙ୍ଗିଥିଲା ଓ ସେ ଜୋରରେ କାନ୍ଦିବାକୁ ଲାଗିଥିଲେ। କାନ୍ଦ ଶୁଣି ଆଖପାଖ ଲୋକେ ସ୍କୁଲରେ ଜମା ହୋଇଥିଲେ। ପ୍ରକାଶଙ୍କ ବାପା ସ୍କୁଲରେ ପହଞ୍ଚି କବାଟ ଭାଙ୍ଗି ପୁଅଙ୍କୁ ବାହାରକୁ ଆଣିଥିଲେ।

## ସଂକ୍ଷେପରେ

### ଏମ୍‌ଜିଏମ୍ ମେଡିକାଲ କଲେଜରେ ରାଗିଂ

## ୮ ବରିଷ୍ଠ ଛାତ୍ରଙ୍କ ନାଁରେ ମାମଲା

**ଇନ୍ଦୋର,୩୦।୭:** ଇନ୍ଦୋରର ମହାତ୍ମା ଗାନ୍ଧୀ ମେମୋରିଆଲ୍ (ଏମ୍‌ଜିଏମ୍) ମେଡିକାଲ କଲେଜରେ ଜୁନିୟର ପିଲାମାନଙ୍କୁ ସିନିୟରମାନେ ରାଗିଂ କରାଯାଉଥିବା ଅଭିଯୋଗ ହୋଇଛି। ୮ ଜଣ ବରିଷ୍ଠ ଏମ୍‌ବିବିଏସ୍ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେମାନେ ଜୁନିୟରମାନଙ୍କୁ ଚାପୁଡ଼ା ମାରିବା ସହ ଅଶାଳୀନ କାର୍ଯ୍ୟ କରିବା ଲାଗି ବାଧ କରାଉଥିଲେ। ନୂଆ ଛାତ୍ରୀଛାତ୍ରମାନେ ୟୁଜିସିର ଆଣ୍ଟି-ର୍ୟାଗିଂ ହେଲ୍ପଲାଇନରେ ଅଭିଯୋଗ କରିବା ପରେ ଏତଲା ଦାଏର ହୋଇଥିଲା। କଲେଜର ଜଣେ କର୍ମଚାରୀଙ୍କ ଆନୁଷ୍ଠାନିକ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଜୁନିୟର ଛାତ୍ରମାନେ ଅଭିଯୋଗରେ ସେମାନଙ୍କ ଉପରେ ହେଉଥିବା ନିର୍ଯାତନାର ଅଡ଼ିଓ, ଫଟୋଗ୍ରାଫ ଆଦି ସଂଯୋଗ କରିଛନ୍ତି।

## ପିଏମ୍‌ଓର ହସ୍ତକ୍ଷେପରେ ଅଟକିଲା ବାରାଣସୀ ଡିଏମ୍‌ଙ୍କ ବଦଳି



**ବାରାଣସୀ,୩୦।୭:** ଉତ୍ତରପ୍ରଦେଶ ସରକାର ବାରାଣସୀ ଜିଲା ମାଜିଷ୍ଟ୍ରେଟ୍ (ଡିଏମ୍) କୌଶଳ ରାଜ ଶର୍ମାଙ୍କୁ ପ୍ରୟାଗରାଜକୁ ବଦଳି କରିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ହସ୍ତକ୍ଷେପ ଫଳରେ ରାତି ଅଧରେ ଏହି ବଦଳିକୁ ବାତିଲ କରିଦିଆଯାଇଛି, ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। କୌଶଳଙ୍କୁ ଡିଭିଜନାଲ କମିଶନର ଭାବେ ପ୍ରୟାଗରାଜ ବଦଳି ହୋଇଥିଲା, ଯାହା ଜୁଲାଇ ୩୧ରେ କାର୍ଯ୍ୟକାରୀ ହୋଇଥାନ୍ତା। ଏବେ ଆଜମଗଡ଼ର ଡିଭିଜନାଲ କମିଶନର ବିଜୟ ବିଶବାସ ପନ୍ତଙ୍କୁ ପ୍ରୟାଗରାଜ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

## ପ୍ରୟାଗରାଜ ବିସ୍ଫୋରଣ: ୮ ଛାତ୍ରଙ୍କୁ ଜେଲ

**ପ୍ରୟାଗରାଜ,୩୦।୭:** ଉତ୍ତରପ୍ରଦେଶର ପ୍ରୟାଗରାଜ ସହରରେ ଗତ ଦୁଇ ସପ୍ତାହ ମଧ୍ୟରେ ଘଟିଥିବା ଏକାଧିକ ବିସ୍ଫୋରଣ ଘଟଣା ସହ ଛାତ୍ରମାନଙ୍କ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ବର୍ତ୍ତମାନ ସୁଦ୍ଧା ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ୩୫ ଛାତ୍ରଙ୍କୁ ପୋଲିସ ଧରିବା ପରେ ସେମାନଙ୍କ ମଧ୍ୟରୁ ୮ ସାବାଳକଙ୍କୁ ଜେଲ୍ ଏବଂ ୨୭ ଜଣ ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସାବାଳକ ଛାତ୍ରଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ କରିବା ଲାଗି ପୋଲିସ କର୍ତ୍ତୃପକ୍ଷ ବିଚାର କରୁଛନ୍ତି। ପ୍ରଥମ ବିସ୍ଫୋରଣ ଗତ ମେ'ରେ ସିଭିଲ୍ ଲାଇନ୍ ଥାନା ଅଞ୍ଚଳରେ ଘଟିଥିବାବେଳେ ଜୁଲାଇ ୪, ୧୫, ୧୬, ୨୨ ଏବଂ ୨୫ରେ ବିଭିନ୍ନ ସ୍କୁଲ୍ ଓ ଦୋକାନ ବାହାରେ ବିସ୍ଫୋରଣ ଘଟାଯାଇଥିଲା। ୧୦ଟି ଛାତ୍ର ଗୋଷ୍ଠୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ପୋଲିସ ଯାଞ୍ଚ କରୁଛି। ବିସ୍ଫୋରଣ ସହ ଆହୁରି ଅଧିକ ଛାତ୍ର ସମ୍ପୃକ୍ତ ଥିବା ବିଶ୍ୱାସ କରାଯାଉଛି ବୋଲି ପ୍ରୟାଗରାଜ ଏସ୍‌ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି।

## କୁଳପତିଙ୍କୁ ହସ୍ପିଟାଲ ଅସନା ବେଡ୍‌ରେ ଶୁଆଇଲେ ମନ୍ତ୍ରୀ

**ଚଣ୍ଡିଗଡ଼,୩୦।୭:** ବାବା ଫରିଦ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସର କୁଳପତି ଡା. ରାଜ୍ ବାହାଦୁର ରାଜ୍ୟ ସରକାରଙ୍କୁ ଇସ୍ତଫା ପତ୍ର ଲେଖିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କୁ ସର୍ବସମ୍ମୁଖରେ ଦୁର୍ବ୍ୟବହାର କରିଥିବା ସେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ପଞ୍ଜାବ ସ୍ୱାସ୍ଥ୍ୟମନ୍ତ୍ରୀ ଚେତନ ସିଂ ଜେରାମଜରା ଫରିଦକୋଟ୍‌ରେ ଥିବା ବାବା ଫରିଦ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସର ସମୀକ୍ଷା ପାଇଁ ପହଞ୍ଚିଥିଲେ। ଡାକ୍ତରଖାନା ପରିସରରେ କୁଡ଼ କୁଡ଼ ଅଳିଆ ଜମା ଥିବାବେଳେ ଡାକ୍ତରଖାନା ୱାର୍ଡରେ ଥିବା ଶଯ୍ୟାର ଅବସ୍ଥା ମଧ୍ୟ ଠିକ୍ ନ ଥିଲା। ଡାକ୍ତରଖାନାରେ ଗଣମାଧ୍ୟମ ପ୍ରତିନିଧୀଙ୍କ ସହ କ୍ୟାମେରାମ୍ୟାନ୍ ଥିବାବେଳେ ମନ୍ତ୍ରୀ ଚେତନ ସିଂ ଡା. ରାଜ ବାହାଦୁରଙ୍କୁ ବେଡ୍‌ରେ ଶୁଆଇ ଦେଇଥିଲେ।

**ଘାତକ ସାଜୁଛି ଜଳବାୟୁ ପରିବର୍ତ୍ତନ**



ଫୁଜୈରା ସହରରେ ଏକ ରାସ୍ତାରେ ଦୁଇଟି କାର୍ ବନ୍ୟା ପାଣିରେ ବୁଡ଼ିଯାଇଛି।



ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ୟୁଏଇର ଦୃଶ୍ୟ।

# ୟୁରୋପରେ ନିଆଁ, ୟୁଏଇରେ ବନ୍ୟା

**ଆବୁଧାବି, ୩୦।୭**

- ମରୁଭୂମିରେ ୨୭ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା: ୭ ମୃତ
- ବନ୍ୟାରେ ଭାସିଲା ଶତାଧିକ ବିଳାସପୂର୍ଣ୍ଣ ଗାଡ଼ି
- ରାସ୍ତା ଭାଙ୍ଗିଲା, ଏକାଧିକ ସହରକୁ ଯୋଗାଯୋଗ ବିଚ୍ଛିନ୍ନ

ଜଳବାୟୁ ପରିବର୍ତ୍ତନ ପୃଥିବୀକୁ ବିପର୍ଯ୍ୟୟ ମୁହାଁ କରିଛି। ଥଣ୍ଡା ଦେଶ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ତାପମାତ୍ରା ରେକର୍ଡ ଭାଙ୍ଗୁଥିବାବେଳେ ମରୁଭୂମିର ଦେଶ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ମୂଷଳ ଧାରାରେ ବର୍ଷା ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଦର୍ଶାଉଛି। ଏଠାରେ ଗୁରୁବାରଠାରୁ ଲାଗି ରହିଥିବା ବର୍ଷା ଗତ ୨୭ ବର୍ଷର ରେକର୍ଡ ଭାଙ୍ଗିଛି। ଫଳରେ ଦେଶର ବହୁ ସହର ଜଳମଗ୍ନ ହୋଇଛି। ବନ୍ୟା ଯୋଗୁ ବିଶେଷକରି ରାସ୍ ଅଲ୍ ଖୈମାହ, ଶାରଜା ଏବଂ ଫୁଜୈରା ସହର ଅଧିକ ପ୍ରଭାବିତ ହୋଇଛି। ଅଦ୍ୟାବଧି ବନ୍ୟାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ୟୁଏଇ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦେଶରେ ବର୍ଷା, ବନ୍ୟା ଭଳି ସ୍ଥିତିର ମୁକାବିଲା ପାଇଁ ସେଭଳି ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ୟୁଏଇରେ ବର୍ଷା ଓ ବନ୍ୟାର ଅସ୍ୱାଭାବିକ ଚିତ୍ର ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ସେପରି ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଘରେ, ଦୋକାନ ବଜାରରେ ପ୍ରବେଶ କରିଛି। ଫୁଜୈରାର ମାର୍କେଟଗୁଡ଼ିକରେ ପାର୍କିଂ ହୋଇଥିବା ବିଳାସପୂର୍ଣ୍ଣ ଗାଡ଼ିଗୁଡ଼ିକ ପାଣିରେ ବୁଡ଼ିଯାଇଥିବା ଏବଂ ଅନେକେ ଭାସି ଭାସି ଯାଉଥିବା ଦେଖିବାକୁ ମିଳିଛି। ବନ୍ୟା ଯୋଗୁ ରାସ୍ତାଗୁଡ଼ିକ ଭାଙ୍ଗି ଯାଇଛି। ପୂର୍ବ ୟୁଏଇର ଅନେକ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଘରଗୁଡ଼ିକ ପାଣିରେ ବୁଡ଼ିରହିବା ସହ ଲୋକଙ୍କ ବହୁ ସମ୍ପତ୍ତି ନଷ୍ଟ ହୋଇଛି। ସେନା ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଉଛି। ଶାରଜା ଓ ଫୁଜୈରାରେ ଅସ୍ଥାୟୀ ଆଶ୍ରୟସ୍ଥଳରେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଆଶ୍ରୟ ନେଇଛନ୍ତି। ଅନେକ ସ୍ଥାନରେ ହୋଟେଲଗୁଡ଼ିକୁ ଆଶ୍ରୟସ୍ଥଳୀ କରାଯାଇଛି। ଆଗକୁ ଆହୁରି ବର୍ଷିବ ବୋଲି ନ୍ୟାଶନାଲ ସେଣ୍ଟର ଅଫ୍ ମେଟେରୋଲୋଜି (ଏସ୍‌ସିଏମ୍) ପକ୍ଷରୁ ସେଠାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ହିଁ ଏମିରେଟ୍ସରେ ଏଭଳି ଅସ୍ୱାଭାବିକ ବର୍ଷାର କାରଣ ବୋଲି ସେଠାକାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଦୁବାଇ ଓ ଆବୁଧାବିରେ ଅପେକ୍ଷାକୃତ ଭାବେ କମ୍ ବର୍ଷା ରେକର୍ଡ ହୋଇଛି। ବନ୍ୟାସ୍ଥିତିର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ୟୁଏଇ କ୍ୟାବିନେଟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛି।

## ଆମେରିକାରେ ବନ୍ୟା: ୨୫ ମୃତ

**ଉଦ୍ଧାରକାର୍ଯ୍ୟରେ ଲାଗିଛି ୫୦ ହେଲିକପ୍ଟର**

**କେଣ୍ଟୁକି, ୩୦।୭:** ଆମେରିକା ମଧ୍ୟ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣାମ ଭୋଗୁଛି। ଦେଶର ପଶ୍ଚିମ ଭାଗରେ ଭୀଷଣ ଗରମ ଓ ମରୁଡ଼ି ଭଳି ସ୍ଥିତି ଲାଗିରହିଥିବାବେଳେ ଦକ୍ଷିଣ-ପୂର୍ବ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ବୁଧବାରଠାରୁ ଲଗାଣ ବର୍ଷା ଯୋଗୁ କେଣ୍ଟୁକି ରାଜ୍ୟରେ ବନ୍ୟା ହୋଇଛି। ଏଥିରେ ଅନ୍ୟୂନ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୬ ଶିଶୁ ରହିଛନ୍ତି। ଏହି ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଥିବା କେଣ୍ଟୁକି ଗଭର୍ନର ଆଣ୍ଡି ବେଶିଅର୍ କହିଛନ୍ତି। ଅନେକ ଘର ଓ ଦୋକାନରେ ପାଣି ପଶିଥିବାବେଳେ ବହୁସଂଖ୍ୟାରେ ଗାଡ଼ି ଭାସିଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ବନ୍ୟାକୁ 'ଏକ ବଡ଼ ବିପର୍ଯ୍ୟୟ' ଘୋଷଣା କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୫୦ ହେଲିକପ୍ଟର ଏବଂ ଶତାଧିକ ବୋଟ୍ ନିୟୋଜିତ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ୩୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଘରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି।



ବନ୍ୟା ଯୋଗୁ କେଣ୍ଟୁକି ରାଜ୍ୟର ଏକ ସହରରେ ବନ୍ୟାର ଦୃଶ୍ୟ।

## ବୁକର ବିଜେତାଙ୍କ ଆଗ୍ରା କାର୍ଯ୍ୟକ୍ରମ ବାତିଲ

**ଆଗ୍ରା,୩୦।୭(ପି.ଟି.)**

**ଶିବପାର୍ବତୀଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ**

ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ ବିଜେତା ଗୀତାଞ୍ଜଳି ଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଶନିବାର ଆଗ୍ରାରେ ଏକ କାର୍ଯ୍ୟକ୍ରମ ଆୟୋଜନ ହେବାର ଥିଲା। ତେବେ ଲେଖିକାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଆୟୋଜକମାନେ ଉକ୍ତ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛନ୍ତି। ସାଂସ୍କୃତିକ ସଂଗଠନ ରଙ୍ଗଲୀଳା ଏବଂ ଆଗ୍ରା ଥିଏଟର କ୍ଲବ୍ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ଥିଲା। ଗୀତାଞ୍ଜଳି ତାଙ୍କ ଉପନ୍ୟାସରେ ଭଗବାନ ଶିବ ଓ ଦେବୀ ପାର୍ବତୀଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ରଖିଥିବା ଅଭିଯୋଗ ହୋଇଛି ବୋଲି ରଙ୍ଗଲୀଳାର କାର୍ଯ୍ୟକର୍ତ୍ତା ଅନିଲ ଶୁକ୍ଳା କହିଛନ୍ତି। ହଥ୍ରାସ ଜିଲା ସଦାବାଦ ଅଞ୍ଚଳର ସନ୍ଦୀପ କୁମାର ପାଠକ ଲେଖିକାଙ୍କ ବିରୋଧରେ ଅଭିଯୋଗ



ଗୀତାଞ୍ଜଳି ଶ୍ରୀ

ଦାଏର କରିଛନ୍ତି। ଶିବପାର୍ବତୀଙ୍କ ସମ୍ପର୍କରେ ଗୀତାଞ୍ଜଳିଙ୍କ ଆପତ୍ତିଜନକ ମନ୍ତବ୍ୟ ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଥିବା ସନ୍ଦୀପ କହିଛନ୍ତି। ଗୀତାଞ୍ଜଳିଙ୍କ ଉପନ୍ୟାଶ 'ରେତ୍ ସମାଧି'କୁ ଆମେରିକୀୟ ଅନୁବାଦକ ଡାଇସି ରକ୍‌ୱେଲ୍ ଇଂଲିଶରେ 'ଟମ୍ବ ଅଫ୍ ସ୍ୟାଣ୍ଡ' ନାମରେ ଅନୁବାଦ କରିଛନ୍ତି। ଏହି ଉପନ୍ୟାଶ ଲାଗି ଗତ ମେ'ରେ ଗୀତାଞ୍ଜଳିଙ୍କୁ ପ୍ରଥମ ଭାରତୀୟ ଲେଖିକା ଭାବେ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ ମିଳିଥିଲା।

## ଅର୍ପିତାଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ ପ୍ରକ୍ରିୟା ଆରମ୍ଭ

**କୋଲକାତା,୩୦।୭**

ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ବିପୁଳ ପରିମାଣର ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ଇଡି ଜାଣିବାକୁ ପାଇଛି। ଏହା ବ୍ୟତୀତ ଅର୍ପିତାଙ୍କ ଟଲିଗଞ୍ଜ ଆପାର୍ଟମେଣ୍ଟ ପରିସରରେ ଅନ୍ୟୂନ ୪ଟି କାର୍ ପାର୍କିଂ କରିଥିବାବେଳେ ଏବେ ସେଗୁଡ଼ିକ ଉଭାନ ହୋଇଯାଇଛି।

## ଅବସର ନେବାକୁ ଚାହାନ୍ତି ପୋପ୍

**ଭାଟିକାନ୍,୩୦।୭**

ପୋପ୍ ଫ୍ରାନ୍ସିସ୍‌ଙ୍କ ଆଣ୍ଠୁରେ ସମସ୍ୟା ଯୋଗୁ ସେ ପୂର୍ବଭଳି ଆଉ ଭ୍ରମଣ କରିପାରୁ ନ ଥିବା ଶନିବାର ସ୍ୱୀକାର କରିଛନ୍ତି। ସପ୍ତାହବ୍ୟାପୀ କାନାଡ଼ା ତୀର୍ଥଯାତ୍ରା ତାଙ୍କ ପାଇଁ ଏକ ପରୀକ୍ଷା ସଦୃଶ ଥିଲା, ଯାହା ତାଙ୍କୁ ଭ୍ରମଣ ନ କରିବା ପାଇଁ ଏବଂ ସମ୍ଭବ ହେଲେ ଅବସର ନେଇଯିବା ଲାଗି ସୂଚାଇ ଦେଇଥିବା ପୋପ୍ କହିଛନ୍ତି। ନୁନାଭୁଟ୍‌ରୁ ଭାଟିକାନ୍ ଫେରୁଥିବାବେଳେ ବିମାନରେ ଖବରଦାତାମାନଙ୍କୁ ସୂଚନା ଦେଇ ୮୫ ବର୍ଷୀୟ ପୋପ୍ କହିଥିଲେ, ସେ ଇସ୍ତଫା ଦେବା କଥା ଭାବି ନାହାନ୍ତି କିନ୍ତୁ ତାଙ୍କ ପାଇଁ ଦ୍ୱାର ଖୋଲା ରହିଛି। ଜଣେ



ପୋପ୍ ଇସ୍ତଫା ଦେବାରେ କିଛି ଭୁଲ୍ ନାହିଁ ବୋଲି ସେ କହିଛନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କିମ୍ବା କିଛି ବିପର୍ଯ୍ୟୟ ଘଟିବ ନାହିଁ। ଆପଣମାନେ ପୋପ୍‌ଙ୍କୁ ବଦଳାଇପାରିବେ ବୋଲି ବିମାନ ହ୍ୱିଲ୍‌ଚେୟାରରୁ ୪୫ ମିନିଟ୍‌ର ଖବରଦାତା ସମ୍ମିଳନୀରେ ଫ୍ରାନ୍ସିସ୍ କହିଥିଲେ।

## ତିସ୍ତା, ଶ୍ରୀକୁମାରଙ୍କୁ ମିଳିଲାନି ଜାମିନ

**ଅହମଦାବାଦ,୩୦।୭**

**ଗୁଜରାଟ ଦଙ୍ଗା ମାମଲା**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ମୁମ୍ବାଇର ନାଗରିକ ଅଧିକାରୀ କର୍ମୀ ତିସ୍ତା ସିତଲଭାଡ ଏବଂ ଗୁଜରାଟର ଅବସରପ୍ରାପ୍ତ ପୋଲିସ ଡିଜି ଆର୍.ବି. ଶ୍ରୀକୁମାରଙ୍କ ଜାମିନ ଆବେଦନକୁ ଅହମଦାବାଦର ଏକ ସେସନ୍ସ କୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ଷଡ଼ଯନ୍ତ୍ର ଓ ପ୍ରମାଣ ଜାଲିଆତି କରିବା ନେଇ ସେମାନଙ୍କ ବିରୋଧରେ ମାମଲା ରହିଛି। ସେମାନଙ୍କୁ ଜାମିନରେ ଛାଡ଼ିଲେ ଏହା ଅନ୍ୟ ଅପରାଧୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ବିଚାରପତି କହିଛନ୍ତି। ୨୦୦୨ ଦଙ୍ଗା ମାମଲାରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦେଇଥିବା କ୍ଲିନ୍‌ଚିଟ୍‌କୁ ଗତ ଜୁନ୍ ୨୪ରେ ସୁପ୍ରିମକୋର୍ଟ କାଏମ



ତିସ୍ତା ସିତଲଭାଡ

ରଖିବା ସହ ମୃତ କଂଗ୍ରେସ ଏମ୍‌ପି ଆହସାନ ଜାଫ୍ରିଙ୍କ ସ୍ତ୍ରୀ ଜାକିଆ ଜାଫ୍ରିଙ୍କ ପିଟିଶନକୁ ଖାରଜ କରିଦେବା ପରଦିନ ତିସ୍ତା ଏବଂ ଶ୍ରୀକୁମାରଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ସହ ପୂର୍ବତନ ଆଇପିଏସ୍ ଅଫିସର ସଞ୍ଜୀବ ଭଟ୍ଟ ମଧ୍ୟ ଜାକିଆଙ୍କ ପାଇଁ ସାକ୍ଷ୍ୟ ଦେଇଥିଲେ। ଭଟ୍ଟଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା।

## ବିକାଶରେ ବାଧକ କଟ୍ଟରପନ୍ଥୀ

**ନୂଆଦିଲ୍ଲୀ, ୩୦।୭**

**ଆନ୍ତଃ ଧର୍ମୀୟ ସମ୍ମିଳନୀରେ ଡୋଭାଲ**

- ପପୁଲାର ଫ୍ରଣ୍ଟ ଭଳି ସଙ୍ଗଠନ ବ୍ୟାନ୍ ହେଉ
- ଧର୍ମ, ବିଚାରଧାରା ନାଁରେ ଅସ୍ଥିରତା ସୃଷ୍ଟି କରାଯାଉଛି

କେତେକ ତତ୍ତ୍ୱ ଧର୍ମ ଓ ବିଚାରଧାରା ନାଁରେ ଦେଶରେ ଅସ୍ଥିରତା ସୃଷ୍ଟି ଉଦ୍ୟମ କରୁଛନ୍ତି। କେତେକ କଟ୍ଟରପନ୍ଥୀ ସଙ୍ଗଠନ ଦେଶର ଏକତା ଏବଂ ଶାନ୍ତି ଭଙ୍ଗ କଲାଭଳି କାର୍ଯ୍ୟ କରୁଛନ୍ତି। ଏଭଳି ପରିବେଶ ଦେଶର ବିକାଶରେ ବାଧକ ସାଜୁଛି ବୋଲି କହିଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ। ଦିଲ୍ଲୀରେ ଶନିବାର ଅଲ୍ ଇଣ୍ଡିଆ ସୁଫି ସଜ୍ଜାଦନାଶିନ୍ କାଉନ୍‌ସିଲ ପକ୍ଷରୁ ଆୟୋଜିତ ଆନ୍ତଃ ଧର୍ମୀୟ ସମ୍ମିଳନୀରେ ଧର୍ମୀୟ ଗୁରୁଙ୍କ ଉପସ୍ଥିତିରେ ଡୋଭାଲ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଭଳି ସଙ୍ଗଠନକୁ ଟାର୍ଗେଟ କରିଥିଲେ। ସେମାନଙ୍କ କାର୍ଯ୍ୟକଳାପକୁ କେବଳ ନିନ୍ଦା ପର୍ଯ୍ୟାପ୍ତ ନୁହେଁ। ଏଭଳି ବିଭିଜନକାରୀ ମୌଳବାଦୀ ଶକ୍ତିବିରୋଧରେ




ଅଜିତ ଡୋଭାଲ

ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବୈଠକରେ ସାମିଲ ମୁସଲମାନ ଲିଡରମାନେ ମଧ୍ୟ ପିଏଫ୍‌ଆଇ ଉପରେ କଟକଣା ଲଗାଇବାକୁ ଦାବି କରି ଏ ସମ୍ପର୍କିତ ପ୍ରସ୍ତାବକୁ ସମର୍ଥନ ଦେଇଥିଲେ।

ଭାଜପାରୁ ନିଲମ୍ବିତ ପୂର୍ବତନ ଦଳୀୟ ମୁଖପାତ୍ର ନୂପୁର ଶର୍ମା ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ଟିପ୍ପଣୀ ଦେବାର ପ୍ରାୟ ୨ ମାସ ପରେ ଡୋଭାଲଙ୍କ ଏଭଳି ମନ୍ତବ୍ୟ ଆସିଛି। ନୂପୁର ଶର୍ମା ବିବାଦ ପରେ ଏକାଧିକ ହତ୍ୟା ମାମଲା ଏବଂ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଲିଙ୍କ୍ ପିଏଫ୍‌ଆଇ ସହ ରହିଛି। ନିକଟରେ ଗିରଫ ହୋଇଥିବା କେତେଜଣ ଆତଙ୍କବାଦୀ ମଧ୍ୟ ଏହି ସଙ୍ଗଠନର ବୋଲି ଜଣାପଡ଼ିଛି। ଦିଲ୍ଲୀ ଦଙ୍ଗାରେ ପିଏଫ୍‌ଆଇର ସମ୍ପୃକ୍ତି ଥିବା ସାମ୍ନାକୁ ଆସିଥିଲା। ବୈଠକ ପରେ ଆୟୋଜକଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, କେତେକ ଅସାମାଜିକ ତତ୍ତ୍ୱ ଏବଂ ଗୋଷ୍ଠୀ ଯୋଗୁ ଦେଶ କଠିନ ପରିସ୍ଥିତି ଦେଇ ଗତିକରୁଛି। ସେମାନଙ୍କ କଟ୍ଟରପନ୍ଥୀ ବିଚାରଧାରା ଏବଂ ବିଭାଜନକାରୀ ନୀତି ଏଥିପାଇଁ ଦାୟୀ। ବୈଠକରେ ୮ ସୂତ୍ରୀ ପ୍ରସ୍ତାବ ଅଣାଯାଇଛି। ପିଏଫ୍‌ଆଇକୁ ବ୍ୟାନ କରାଯିବା ସେଥିରୁ ଅନ୍ୟତମ। ଏହା ଉପରେ ଉକ୍ତ ବୈଠକରେ ସହମତି ପ୍ରକାଶ ପାଇଛି। ସଂଖ୍ୟାଲଘୁ ଭାବିପାରନ୍ତି ଯେ ସେମାନଙ୍କ ସ୍ୱର ଛୋଟ। କିନ୍ତୁ ତାହା ନୁହେଁ। ସେମାନେ ବେଶ୍ ଦକ୍ଷ ଏବଂ ସକ୍ଷମ। ସେମାନଙ୍କୁ ସ୍ୱର ଉତ୍ତୋଳନ କରିବାକୁ ପଡିବ। ପ୍ରତ୍ୟେକ ନାଗରିକ ଏହି ଦେଶ ପାଇଁ ଗର୍ବ ଅନୁଭବ କରିବା ଉଚିତ। ଏହି ଦେଶକୁ ଆଗକୁ ନେବାରେ ସବୁ ଧର୍ମ ଏବଂ ପ୍ରତି ନାଗରିକଙ୍କ ଯୋଗଦାନ ରହିଛି ବୋଲି ଡୋଭାଲ କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୧୨,୯୮,୭୩୬ | ୬୪,୧୮,୩୭୧ | ୫୫,୧୧,୫୬,୬୪୬ |
| ଭାରତ | ୪,୪୦,୦୦,୧୩୮ | ୫,୨୬,୩୧୨ | ୪,୩୩,୩୦,୪୪୨ |
| ଓଡ଼ିଶା | ୧୩,୧୨,୧୧୬ | ୯୧୨୮(+୫୩) | ୧୨,୯୭,୩୪୪ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୨ ଲକ୍ଷ କୋଟିର ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ

- ରାଜ୍ୟର ମୁଣ୍ଡପିଛା ଋଣ ୨୨୦୪୩ ଟଙ୍କା
- ୩% ରହିବ ବିତ୍ତୀୟ ନିଅଣ୍ଟ: ଅର୍ଥମନ୍ତ୍ରୀ
- ଅବଢ଼ା ଯୋଜନା ପାଇଁ ୧୩୨୫ କୋଟି
- ଏକାମ୍ରକୁ ୨୦୦, ସମଲେଇ ଯୋଜନା ପାଇଁ ୨୦୦ କୋଟି

ଭୁବନେଶ୍ୱର,୩୦।୭(ବ୍ୟୁରୋ)

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ଶନିବାର ବିଧାନସଭାରେ ଗୃହୀତ ହୋଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ୨ ଲକ୍ଷ କୋଟିରୁ ପ୍ରଶାସନିକ ଖର୍ଚ୍ଚ ନିମନ୍ତେ ୮୯ ହଜାର ୫୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟୟ ନିମନ୍ତେ ୧ ଲକ୍ଷ କୋଟି, ବିପର୍ଯ୍ୟୟ ମୁକାବିଲା ପାଣ୍ଠି ପାଇଁ ୩ ,୨୧୦ କୋଟି ଏବଂ ରାଜ୍ୟରୁ ସ୍ଥାନୀୟ ନିକାୟଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରଶାସନିକ ବ୍ୟୟ ୩୩% ଅଧିକ ରହିଥିବା ବେଳେ ପୁଞ୍ଜି ବ୍ୟୟ ବାବଦକୁ ୩୮,୭୩୨ କୋଟି ଅଟକଳ ହୋଇଛି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୫.୪%। ଚଳିତ ଆର୍ଥିକ ବର୍ଷରେ ଏ ବାବଦକୁ ଥିବା ଆବଣ୍ଟନ ଗତ ବର୍ଷଠାରୁ ୫୬% ଅଧିକ ବୋଲି ମନ୍ତ୍ରୀ କହିଛନ୍ତି। ଏହି ବଜେଟରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ବଜେଟକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଓ 'ମୋ ସରକାର' ସଫଳ ରୂପାୟନ ପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ବଜେଟରେ ସରକାର ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ଜନସ୍ୱାସ୍ଥ୍ୟ ପାଇଁ ମୋଟ ୧୨,୬୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାକି ଗତ ବର୍ଷ ତୁଳନାରେ ୨୫% ଅଧିକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୨, ୬୬୪ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୨,୩୨୫ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୨,୧୫୬ କୋଟି ଏବଂ ସ୍ୱାସ୍ଥ୍ୟ ଓ ଭେଷଜ ଶିକ୍ଷାରେ ମାନବ ସମ୍ବଳ ଯୋଜନା ଅଧୀନରେ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୧୩-୧୪ରେ ପ୍ରଥମ କୃଷି ବଜେଟରେ ୭,୧୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୧,୧୬୬ କୋଟି ଟଙ୍କାରେ ପହଞ୍ଚିଛି। ଚାଷୀମାନଙ୍କର ସାମଗ୍ରିକ ବିକାଶ ପାଇଁ ୧,୮୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ମୋଟ ୨୭, ୩୨୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ମୋ ସ୍କୁଲ ଅଭିଯାନ ପାଇଁ ୬୪୬ କୋଟି, ୧୦୦ଟି ଉତ୍କର୍ଷ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ୍ ପାଇଁ ୭୯ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୪୨୦



କୋଟି ଏବଂ ସାମଗ୍ରିକ ଶିକ୍ଷା ଅଧୀନରେ ୩,୫୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୋ ସ୍କୁଲ ଅଭିଯାନରେ ରାଜ୍ୟର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୬୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାଧ୍ୟମିକ ସ୍କୁଲରେ ୩୪୬୨ ଅତିରିକ୍ତ ଶିକ୍ଷକ ପଦବୀ ମଞ୍ଜୁର ହେବା ସହିତ ଖାଲି ପଦବୀକୁ ମିଶାଇ ମୋଟ ୧୧,୪୦୩ ନୂତନ ଶିକ୍ଷକ ପଦବୀ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟବରାଦ ୩୮,୭୩୨ କୋଟି ଟଙ୍କା ରହିଛି, ଯାହାକି ରାଜ୍ୟ ଘରୋଇ ଉତ୍ପାଦର ୫.୪%।

ବସୁଧା ଓ ଜଳଜୀବନ ମିଶନ ପାଇଁ ୮,୩୮୯ କୋଟି ଏବଂ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ବିକାଶ ଯୋଜନାରେ ୩୨,୫୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ପାଇଁ ୨୪୯୩ କୋଟି ବ୍ୟୟବରାଦ କରାଯାଇଛି। ପର୍ଯ୍ୟଟନ ବିକାଶ ପାଇଁ ୫୦୯ କୋଟି ବ୍ୟୟବରାଦ କରାଯାଇଥିବା ବେଳେ କ୍ରୀଡ଼ା କ୍ଷେତ୍ର ପାଇଁ ୯୧୧ କୋଟି, ଗ୍ରାମ ଓ ସହରୀ ଜଳ ଯୋଗାଣ ପାଇଁ ୨୩୯୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ପାଇଁ ୫,୯୦୬ କୋଟି, ମିଶନ ଶକ୍ତି ପାଇଁ ୨ ହଜାର କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୩,୫୬୭ କୋଟି, ମମତା ଯୋଜନା ପାଇଁ ୨୪୭ କୋଟି, ଶ୍ରମ ନିଯୁକ୍ତି, ଜୀବିକା ପାଇଁ ୨୦୦୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସେହିପରି ବଜେଟରେ ସାମାଜିକ ନିରାପତ୍ତା ପାଇଁ ୩୭୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଖାଦ୍ୟ ନିରାପତ୍ତା ପାଇଁ ୧୦୨୩ କୋଟି, ଶକ୍ତି ବିଭାଗ ପାଇଁ ୩୪୮୨ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍ ପାଇଁ ୧୨୬୯ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପାଇଁ ୨୨୧୭ କୋଟି, ଇସ୍ପାତ ଓ ଖଣି କ୍ଷେତ୍ର ପାଇଁ ୧୮୩ କୋଟି, ସୂଚନା ପ୍ରଯୁକ୍ତିବିଦ୍ୟା ପାଇଁ ୩୦୨ କୋଟି, ନ୍ୟାୟ ପ୍ରଦାନ ଓ ଆଇନଶୃଙ୍ଖଳା ପାଇଁ ୭,୫୫୧ କୋଟି, ଜମି ପ୍ରଶାସନ ପାଇଁ ୧୫୧୧ କୋଟି, ଯୋଜନା ଓ ସଂଯୋଜନା ପାଇଁ ୩୦୩୫ କୋଟି ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ୧୬୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅବଢ଼ା ଯୋଜନା ପାଇଁ ୧୩୨୫ କୋଟି, ଏକାମ୍ର ଯୋଜନା ପାଇଁ ୨୦୦ କୋଟି ଏବଂ ସମଲେଇ ଯୋଜନା ପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

୨୦୨୨ ସୁଦ୍ଧା ରାଜ୍ୟର ମୁଣ୍ଡ ପିଛା ଋଣ ୨୨୦୪୨ ଟଙ୍କା ଥିବା ବେଳେ ମୁଣ୍ଡପିଛା ଆୟ ୧ ଲକ୍ଷ ୨୭ ହଜାର ଟଙ୍କା ରହିଛି। ରାଜ୍ୟର ଋଣ ଭାର ଅନ୍ୟ ରାଜ୍ୟ ତୁଳନାରେ ତଳ ଆଡୁ ୨ ନମ୍ବରରେ ରହିଛି। ଋଣ ଭାର ଜିଏସ୍‌ଡିପିର ୨୫% ମଧ୍ୟରେ ସୀମିତ ରହିଛି। ୨୦୨୨-୨୩ରେ ମୋଟ ରାଜସ୍ୱ ପ୍ରାପ୍ତି ୧ ଲକ୍ଷ ୯୬୭ କୋଟି ଏବଂ ବ୍ୟୟ ୧ ଲକ୍ଷ ୭୨୭ କୋଟି ଆକଳନ କରାଯାଇଛି। ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫% ହେବା ବେଳେ ବିତ୍ତୀୟ ନିଅଣ୍ଟ ୩%ରେ ସୀମିତ ରହିବ। ବର୍ଷ ଶେଷରେ ରାଜ୍ୟର ଋଣ ଭାର ଜିଏସ୍‌ଡିପିର ୧୫.୬%ରେ ରହିବା ନେଇ ଆକଳନ କରାଯାଇଛି। ମୋଟ ଋଣ ଭାର ୧ ଲକ୍ଷ କୋଟି ଟପିବ ନାହିଁ। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୮ରୁ ୮.୫% ରହିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ସତ୍ତ୍ୱେ ରାଜ୍ୟର ଆର୍ଥିକ ସ୍ଥିତି ଭଲ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୩ କମ୍ପାନୀର ୨.୫୨ କୋଟି ଅଚଳ

## ଲୋନ୍ ଆପ୍ ଠକେଇ ମାମଲାରେ ଇଓଡବ୍ଲ୍ୟୁ କାର୍ଯ୍ୟାନୁଷ୍ଠାନ

- କମ୍ପାନୀ ଚଳାଉଥିଲେ ଚାଇନା ନାଗରିକ ଲିୟୁ ଇ
- ପୂର୍ବରୁ ଲୁକ୍ ଆଉଟ୍ ସର୍କୁଲାର ଜାରି ହୋଇଛି
- ଗିରଫ ହୋଇଛନ୍ତି ୫ ସହଯୋଗୀ

ଭୁବନେଶ୍ୱର,୩୦।୭ (ବ୍ୟୁରୋ)

ଗ୍ରାହକଙ୍କୁ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଆଦାୟ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)। ଏହି ମାମଲାରେ (ନଂ.୯/୨୦୨୨)ରେ ମାଷ୍ଟରମାଇଣ୍ଡ ଥିବା ଚାଇନା ନାଗରିକ ଲିୟୁ ଇ'ଙ୍କ ବିରୋଧରେ ପୂର୍ବରୁ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଥିବାବେଳେ ଏବେ ଇଓଡବ୍ଲ୍ୟୁ ତାଙ୍କର ୩ଟି ସେଲ୍ କମ୍ପାନୀର ଆକାଉଣ୍ଟରୁ ୨.୫୨ କୋଟି ଟଙ୍କା ଅଚଳ (ଫ୍ରିଜ୍) କରିଛି। ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ ଶନିବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଟଙ୍କା ଫ୍ରିଜ୍ କରାଯାଇଥିବା ସେଲ୍ କମ୍ପାନୀଗୁଡ଼ିକ ହେଲା ଝାଡ଼ଖଣ୍ଡ ଜାମ୍‌ସେଦ୍‌ପୁରସ୍ଥିତ ବିଟିଡବ୍ଲ୍ୟୁଓ କନ୍‌ସଲ୍‌ଟିଂ ପ୍ରାଇଭେଟ ଲିମିଟେଡ୍, ପୁଣେସ୍ଥିତ ଜିୟାଲିଙ୍ଗ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ଓ ବେଙ୍ଗାଲୁରୁସ୍ଥିତ ଓମ୍‌ଲେଟ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍। ଏହି ମାମଲାରେ ପୂର୍ବରୁ ଲିୟୁଙ୍କ ୫ ସହଯୋଗୀ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି। ସେହିପରି ପୂର୍ବରୁ ସେଲ୍ କମ୍ପାନୀ 'ମହାଗ୍ରାମ ପେମେଣ୍ଟସ ପ୍ରାଇଭେଟ ଲିମିଟେଡ'ର ୪ଟି ଆକାଉଣ୍ଟରୁ ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ମଧ୍ୟ ଫ୍ରିଜ୍ କରିଛି ଇଓଡବ୍ଲ୍ୟୁ। ଫ୍ରିଜ୍ କରାଯାଇଥିବା ସେଲ୍ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ଚେଷ୍ଟା ଜାରି ରଖିଛି। ଏଥିସହ ମାଷ୍ଟରମାଇଣ୍ଡ୍ ଲିୟୁ ଇଙ୍କୁ ମଧ୍ୟ ଗିରଫ କରିବାକୁ ଖୋଜା ଚାଲିଛି। ତାଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ ମଧ୍ୟ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୧୯ରେ ଭାରତରେ ବେଆଇନ ଲୋନ ଆପ୍ କାରବାର ଆରମ୍ଭ କରିଥିଲେ ମାଷ୍ଟରମାଇଣ୍ଡ ଲିୟୁ ଇ। ସହଯୋଗୀଙ୍କ ଦ୍ୱାରା ଲିୟୁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ନାମରେ ସିମ୍ କାର୍ଡ ସହ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଏଥିସହ ଉକ୍ତ ଲୋକଙ୍କୁ କମ୍ପାନୀର ନିର୍ଦ୍ଦେଶକ ଓ କର୍ମଚାରୀ ଦାୟିତ୍ୱ ଦେଉଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ କମ୍ପାନୀକୁ ଲିୟୁ ହିଁ ପରିଚାଳନା କରୁଥିଲେ। କୋକୋ ଓ ଜୋଜୋ ଆପ୍ ସମେତ ଏକାଧିକ ଲୋନ୍ ଆପ୍ ମାଧ୍ୟମରେ ଠକେଇ ପାଇଁ ଜାଲ ବିଛାଉଥିଲେ। ଯେଉଁ ଗ୍ରାହକଙ୍କ ଆକାଉଣ୍ଟରେ ଠକେଇ ଟଙ୍କା କାରବାର ହେଉଥିଲା, ସେମାନଙ୍କୁ ୩ରୁ ୧୦ ହଜାର ଟଙ୍କା ଦେଇ ବହୁଗୁଣା ଟଙ୍କା ନିଜେ ନେଉଥିଲେ। ଟଙ୍କା ନ ଦେଲେ କର୍ମଚାରୀଙ୍କ ଦ୍ୱାରା ଗାଳି, ଧମକ ଓ ନିର୍ଯାତନା ଦିଆଯାଉଥିଲା। ତଦନ୍ତ ବାଟବଣା କରିବାକୁ ଗ୍ରାହକଙ୍କଠାରୁ ମାଷ୍ଟରମାଇଣ୍ଡ୍ ଲିୟୁ ବିଭିନ୍ନ ମାଧ୍ୟମ ଦେଇ ଟଙ୍କା ନେଇଥାନ୍ତି। ୧୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଏପ୍ରିଲ୍ ୨୧ରେ ଏକ ମାମଲା (ନଂ.୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ

## ୨ ଗିରଫ

ବାରିପଦା ଅଫିସ, ୩୦।୭

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ସାନବ୍ରାହ୍ମଣମରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବୃଦ୍ଧଙ୍କୁ ତାଙ୍କ ସମ୍ପର୍କୀୟ ଭଣଜା ଓ ପୁତୁରା ମିଶି ପିଟିମାରିବା ପରେ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଥିବା ନେଇ ପୋଲିସ ପର୍ଦ୍ଦାଫାଶ କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୧୫/୨୨) ରୁଜୁ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସାନବ୍ରାହ୍ମଣମରା ଗ୍ରାମର ସୋନିଆ ଭୋକ୍ତା(୨୭) ଓ ପୁତୁରା ଲକ୍ଷ୍ମୀଧର ଭୋକ୍ତା(୨୮)। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ରତିକାନ୍ତ ଭକ୍ତା ଭଣଜା ସୋନିଆ ଓ ପୁତୁରା ଲକ୍ଷ୍ମୀଧରଙ୍କ ମିଶି ମଦ୍ୟପାନ କରିଥିଲେ। ଅତ୍ୟଧିକ ନିଶାଗ୍ରସ୍ତ ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତଦ୍ୱୟ ରତିକାନ୍ତଙ୍କୁ ପିଚୁ ରାସ୍ତା ଉପରେ ଗୋଡାଇ ଗୋଡାଇ ମାଡ ମାରିଥିଲେ। ଏଥିରେ ରତିକାନ୍ତଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରି ସୋନିଆ ଓ ଲକ୍ଷ୍ମୀଧର ଆତ୍ମହତ୍ୟା ରୂପ ଦେବାକୁ ଯୋଜନା କରିଥିଲେ । ମୃତକଙ୍କୁ ସେହି ସ୍ଥାନରୁ ୫୦ମିଟର ଦୂର ଏକ ଗଛରେ ଗାମୁଛା ସାହାଯ୍ୟରେ ଝୁଲାଇ ଦେଇଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ଝୁଲନ୍ତା ମୃତଦେହକୁ ଦେଖି ପୋଲିସକୁ ଖବର ଦେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଥିଲା। ପରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ଜେଲ ଗଲେ କୋର୍ଟ ଏଏସ୍‌ଆଇ

## ମହିଳା କନ୍‌ଷ୍ଟେବଲଙ୍କୁ ଅସଦାଚରଣ

**ଫୁଲବାଣୀ ଅଫିସ, ୩୦।୭:** ଫୁଲବାଣୀ କୋର୍ଟ ପରିସରରେ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଅସଦାଚରଣ କରିବା ଅଭିଯୋଗରେ କୋର୍ଟ ଏଏସ୍‌ଆଇ ଗିରଫ ହୋଇଛନ୍ତି। ସେ ହେଲେ ବିଭୁଦତ୍ତ ଶର୍ମା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଫୁଲବାଣୀ କୋର୍ଟରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ଜଣକ ଗତ ୨୮ ତାରିଖରେ ଅନ୍ୟ ଷ୍ଟାଫ୍‌ଙ୍କ ସହ ଡ୍ୟୁଟି ରୁମ୍‌ରେ ଥିଲେ। ସେଠାରେ ବିଭୁଦତ୍ତ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ସେ ଏହାର ବିରୋଧ କରିବାରୁ ଜାତିଆଣ ଆକ୍ଷେପ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ମହିଳା କନ୍‌ଷ୍ଟେବଲଙ୍କ ଏତଲାକ୍ରମେ ନଂ.୧୪୦/୨୨ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଏଏସ୍‌ଆଇଙ୍କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

DSPL - 119
NATIONAL HEALTH MISSION
**ଡାଇରିଆ (ତରଳ ଝାଡା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ**

**ଡାଇରିଆର ଲକ୍ଷଣ :**
ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**
- ✓ ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ଟଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**
- ✗ ନଈ, ଝରଣା, କୂଅ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୁଅନ୍ତୁ ନାହିଁ।



**ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।**
OIPR-10003/13/0050/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

ଯାଦୁ | କାଛୁ | କୁଣ୍ଡିଆ | ଫଟା ଗୋଇଠି
ସମସ୍ୟା ଅନେକ ସମାଧାନ ଏକ
**ସେଲିକଲ୍**
Available in: 5g, 10g, 15g Pot 25g Tube & 15ml Lotion




SD PHARMA Trade Enquries: 9804688185
Available on: Flipkart | amazon

**FREE HOTEL MANAGEMENT COURSES AT SIHM, BALANGIR (ODISHA) (ONLY FOR SUNDERGARH DISTRICT)**

Eligible students belonging to all Castes from the 9 blocks (KOIDA, LAHUNIPARA, KUANRMUNDA, RAJGANGPUR, HEMGIR, KUTRA, GURUNDIA, BANEIGARH, LEPHRIPARA) and SC/ST candidates from rest of the Blocks of the Sundergarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2022-23. The entire expenses of Course & Hostel Fees will be sponsored by District Mineral Foundation (DMF), Sundergarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484
NCHMCT

**BODYLINE Monsoon MEGA SALE**
upto 50% OFF*
ON ALL FITNESS EQUIPMENT



500 models to choose from world's renowned brands

| Product | MRP | OFFER PRICE |
|---|---|---|
| Multifunctional Auto Treadmill (4 in one) | ₹25,000 | ₹13,900 |
| Motorised Treadmill T 290 | ₹39,500 | ₹23,900 |
| Motorised Treadmill (Heavy Duty) JF 39 | ₹72,750 | ₹44,900 |
| Cross Trainer KH 735 | ₹51,000 | ₹32,900 |
| Recumbent Bike KH 724 | ₹56,500 | ₹35,900 |
| Platinum Delux Air Bike | ₹14,700 | ₹8,900 |
| Multi Home Gym KH 4700 | ₹72,500 | ₹46,900 |
| Multi Workout Bench VX 203 A | ₹13,000 | ₹8,450 |
| Massage Chair Economy SLA 150 | ₹1,10,000 | ₹52,500 |
| Leg Massager SL C30 A | ₹53,600 | ₹33,900 |
| Vibra Plate V 850 | ₹19,800 | ₹12,500 |
| Blood Circulation Machine (Heavy) | ₹20,000 | ₹10,900 |

*Conditions apply
*Taxes extra, as applicable.
TUNTURI VIVA FITNESS FITKING CALIFORNIA FITNESS crestfitness POWER PLATE Jordan iRelax
For Online Purchase Visit- www.bodylinesports.co.in
EMI@0%
BAJAJ FINSERV kotak HDFC BANK
Bodyline Sports: 501, Kharvela Nagar (1st floor), opp. Gurudwara, Janpath, Bhubaneswar-751 001 Call: 0674 2380824 / 2380925
For Inquiry, Call: 97763 77999 / 91789 22047
BODY LINE Inspiring Fitness
An ISO 9001:2015 Certified company
E-mail: bodylinesports@gmail.com
For complete gym set-up for Corporates, Hotels, Clubs, Residential Complex, call: 97763 77999

## ପ୍ରଥମ ପୃଷ୍ଠାରୁ...

# ପ୍ରଭାତ ବିଶ୍ୱାଳଙ୍କ ୨୫ ଲକ୍ଷ...

ଠାରୁ ବେଆଇନ୍ ଭାବେ ଅର୍ଥ ସଂଗ୍ରହ କରିଥିଲା । ଏପରିକି ଏହା ଆର୍‌ବିଆଇ ସହ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ(ଏନ୍‌ବିଏଫ୍‌ସି) ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ଅଫ୍ ଇଣ୍ଡିଆରେ ମଧ୍ୟ କମ୍ପାନୀ ତାଲିକାଭୁକ୍ତ ନ ଥିଲା । ପ୍ରଭାତ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖକୁ କମ୍ପାନୀଠାରୁ ୨୫ ଲକ୍ଷ ଟଙ୍କା ଯାଇଥିଲା । ଏଥିସହ ଟିଭି ଚ୍ୟାନେଲ 'ଏସ୍‌ଟିଭି ସମାଚାର' ପ୍ରତିଷ୍ଠା ଲକ୍ଷ୍ୟରେ ମିଡିଆ ଗୁରୁ କନ୍‌ସଲଟାନ୍‌ସି ସଂସ୍ଥାକୁ ୪ କୋଟି ଦିଆଯାଇଥିଲା ବୋଲି କୁହାଯାଇଛି । ଏନେଇ ପ୍ରଭାତଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଗଣମାଧ୍ୟମକୁ କହିଛନ୍ତି, ଏକ ଜମି କିଣାବିକା ବାବଦରେ ସି-ଶୋର୍ କମ୍ପାନୀ ସହ ନେଣଦେଣ ହୋଇଥିଲା । ବାକି ଟଙ୍କା କଥା ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି । ଅପରପକ୍ଷରେ ପ୍ରଭାତ କହିଛନ୍ତି, ମୋର ୩.୯୨କୋଟି ଟଙ୍କର ଋଣ ଅଛି । ସେଥିରେ ୧.୧୫କୋଟି ଟଙ୍କାର ଗୃହଋଣ ମଧ୍ୟ ରହିଛି । ଉକ୍ତ ଋଣ ଟଙ୍କାରୁ ଇଡି ୨୫ଲକ୍ଷ ଟଙ୍କା ଜବତ କରିଥାଇପାରେ । ଏହା ଏକ ଜମିଜମା ସଂକ୍ରାନ୍ତୀୟ ମାମଲା ହୋଇଥିବାରୁ ଏହାକୁ କୋର୍ଟରେ ପ୍ରମାଣ କରିବୁ ବୋଲି ପ୍ରଭାତ କହିଛନ୍ତି । ସୂଚନାଯୋଗ୍ୟ, ୨୦୧୧ରେ ଯାଜପୁର ଜିଲା ବେଣପୁର ଅଞ୍ଚଳରେ ପ୍ରଭାତଙ୍କ ସ୍ତ୍ରୀଙ୍କ ନାମରେ ଥିବା ଏକ ଜମି ସି-ଶୋର୍ କମ୍ପାନୀକୁ ବିକ୍ରି କରାଯାଇଥିଲା । ଜମି ବାବଦକୁ ସି-ଶୋର ମୁଖ୍ୟ ପ୍ରଶାନ୍ତ ଦାଶ ଓ ପ୍ରଭାତଙ୍କ ମଧ୍ୟରେ ୨୮ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା । ୨୦୧୨ରେ ଜମି ବାବଦକୁ ଅଗ୍ରିମ ୨୫ ଲକ୍ଷ ଟଙ୍କା ପ୍ରଭାତ ଆଣିଥିଲେ । ହେଲେ କୌଣସି କାରଣ ପାଇଁ ଉକ୍ତ ଜମି ଡିଲ୍ ହୋଇପାରି ନ ଥିଲା । ତେଣୁ ଉକ୍ତ ଟଙ୍କା ସି-ଶୋର ମୁଖ୍ୟଙ୍କୁ ଫେରାଇ ଦିଆଯାଇଥିବା ପ୍ରଭାତ କହିଥିଲେ । ହେଲେ ସେହି ଟଙ୍କା ପ୍ରଶାନ୍ତଙ୍କୁ ଫେରସ୍ତ ହୋଇ ନ ଥିବା ସିବିଆଇ ପ୍ରମାଣ ପାଇଥିଲା । ଏହି ଘଟଣାରେ ୪ରୁ ଅଧିକ ଥର ସିବିଆଇ ପକ୍ଷରୁ ପ୍ରଭାତଙ୍କୁ ଜେରା କରାଯାଇଥିଲା । ଏହାପରେ ୨୦୧୭ ସେପ୍ଟେମ୍ବର ୧୯ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ ପଠାଇଥିଲା । ୨୦୧୮ ଜୁନ ୨୬ରେ ପ୍ରଭାତଙ୍କୁ ଜାମିନ ମିଳିଥିଲା ।

# ଦୂଷିତ ପାଣି ଝାଡ଼ାବାନ୍ତିର ମୁଖ୍ୟ କାରଣ

## ସ୍ୱଷ୍ଟ କଲା ରିପୋର୍ଟ

**ପାରଳାଖେମୁଣ୍ଡି,୩୦।୭(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ବ୍ଲକ ପି. ଗୋବିନ୍ଦପୁରରେ ବ୍ୟାପୁଥିବା ଝାଡ଼ାବାନ୍ତିର କାରଣ ଦୂଷିତ ପାଣି ବୋଲି ସ୍ୱଷ୍ଟ ହୋଇଛି । ଗାଁରେ ଥିବା କୂଅ ଓ ଗ୍ରାମବାସୀଙ୍କୁ ଯୋଗାଯାଉଥିବା ପିଇବା ପାଣିର ନମୁନା ପରୀକ୍ଷା ପରେ ଏହା ସ୍ୱଷ୍ଟ ହୋଇଥିବା ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୁବାରକ୍ ଅଲି ସୂଚନା ଦେଇଛନ୍ତି । ପି. ଗୋବିନ୍ଦପୁର ଗାଁରେ ଝାଡ଼ାବାନ୍ତିରେ ପୂର୍ବରୁ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା ବେଳେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି । ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ୮ଟି ସ୍ଥାନରୁ ପାଣିର ନମୁନା ସଂଗ୍ରହ କରି ଜିଲା ଲାବରେଟୋରିକୁ ପରୀକ୍ଷା ପାଇଁ ପଠାଇଥିଲା । ସେଥିରୁ ୨ଟି ନମୁନା ଦୂଷିତ ପାଣି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହି ରିପୋର୍ଟ ଶନିବାର ହସ୍ତଗତ ହେଲା ପରେ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି । ଲୋକଙ୍କୁ ଭୟଭୀତ ନ ହୋଇ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ଡା. ଅଲି ପରାମର୍ଶ ଦେଇଛନ୍ତି । ପ୍ରକାଶ ଯେ, ଶନିବାର ପୁଣି ଝାଡ଼ାବାନ୍ତିରେ ୪ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଛି । ଉପଜିଲାପାଳ ଡାକ୍ତରଖାନାରେ ସ୍ଥିତି ଅନୁଧ୍ୟାନ କରି ଫେରିଥିବାବେଳେ ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦପୁର ଗସ୍ତ କରି ଆକ୍ରାନ୍ତ ପରିବାରଙ୍କୁ ସଚେତନ କରିଥିବାବେଳେ ଯେଉଁ କୂଅରୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ତାହା ବୁଲି ଦେଖିଛନ୍ତି । ଏ ନେଇ ସରକାରଙ୍କୁ ଅବଗତ କରାଇ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।




ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ନିଯୁକ୍ତି, ପରୀକ୍ଷା ଓ ଟେଣ୍ଡରରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିବା ସହ ସମ୍ପୃକ୍ତ କୁଳପତିଙ୍କ ବହିଷ୍କାର ଦାବି କରି ବିପିୟୁଟି ଛାତ୍ରମାନେ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ କୁଶପୁତ୍ତଳିକା ଦାହ କରୁଛନ୍ତି ।

# ଶିଳ୍ପ ସ୍ୱାର୍ଥରେ ବିସ୍ଥାପିତ ବଳି

■ ନିଷ୍କ୍ରିୟ ହୋଇଛି ଆର୍‌ପିଡିଏସି
■ ରାଜ୍ୟ ପୁନର୍ବସତି, ଥଇଥାନ ଆଇନ ଦିଗହରା

**ଯାଜପୁର ଅଫିସ,୩୦।୭**

ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟାର ପ୍ରତିକାର ଏବଂ ପ୍ରଭାବିତ ଅଞ୍ଚଳର ଉନ୍ନୟନ ପାଇଁ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି(ଆର୍‌ପିଡିଏସି) ୬।୭।୨୦୦୬ରୁ ଗଠିତ ହୋଇଛି । ଜିଲାସ୍ତରରେ ପ୍ରତି ୩ ମାସରେ ଥରେ ଅର୍ଥାତ୍ ବର୍ଷକୁ ୪ ଥର ଆର୍‌ପିଡିଏସି ବୈଠକ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ପରିପ୍ରେକ୍ଷୀରେ ଗତ ୧୬ ବର୍ଷରେ ଜିଲା ସ୍ତରରେ ପ୍ରାୟ ୬୪ ଆର୍‌ପିଡିଏସି ବୈଠକ ହେବା କଥା । ହେଲେ ବିଡମ୍ବନା, ରାଜ୍ୟରେ କେତେକ ଖଣି ଓ ଶିଳ୍ପାଞ୍ଚଳରେ ସର୍ବାଧିକ ୧୧ ଥର ଆରପିଡିଏସି ବୈଠକ ହୋଇଥିବା ଚଳିତ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି । ଏହି କମିଟିରେ ଆର୍‌ଡିସି (ରେଭିନ୍ୟୁ ଡିଭିଜନାଲ କମିଶନର) ଅଧ୍ୟକ୍ଷ ଏବଂ ଜିଲାପାଳ ଆବାହକ ରହିଛନ୍ତି । ଅଧିକାରୀମାନଙ୍କ ଉଦାସୀନ ମନୋଭାବ ଆର୍‌ପିଡିଏସିକୁ ନିଷ୍କ୍ରିୟ କରିଦେଇଛି ବୋଲି ମତପ୍ରକାଶ ପାଇଛି ।

ଯେଉଁଠି ଜିଲା ପ୍ରଶାସନ ସ୍ତରରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ନ ହେଉଛି ସେଇଠି ଆର୍‌ପିଡିଏସି ବୈଠକର ଆହ୍ୱାନ କରିବା ନିୟମ ରହିଛି । ଆଇନ ଅନୁଯାୟୀ ଆର୍‌ପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତି ଚୂଡାନ୍ତ ହୋଇ ତାହା କାର୍ଯ୍ୟକାରୀ ହେବା କଥା । ତେବେ ଶିଳ୍ପ ସଂସ୍ଥା ମାଲିକଙ୍କୁ ଖୁସି କରିବା ଲାଗି ଆର୍‌ପିଡିଏସି ବୈଠକକୁ ଅଣଦେଖା କରାଯାଇ ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟା ପ୍ରତି ଆଖିବୁଜି ଦିଆଯାଉଛି ବୋଲି ଅଭିଯୋଗ ହେଉଛି ।

ତଥ୍ୟ ଅନୁସାରେ ଅନୁଗୋଳ ଜିଲାର ମହାନଦୀ କୋଇଲା ସଂସ୍ଥା, ତାଳଚେର ପ୍ରକଳ୍ପ ନିମନ୍ତେ ୨୦୧୨ରୁ ୨୦୨୧ ଅଗଷ୍ଟ ମଧ୍ୟରେ ମାତ୍ର ୬ ଥର ଆର୍‌ପିଡିଏସି ବୈଠକ ବସିଛି । ବଲାଙ୍ଗୀର ଜିଲା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପାଇଁ ୨୦୦୭ରୁ ୨୦୧୮ ମଧ୍ୟରେ ୩ ଥର, କଟକ ଜିଲା ଆରତି ଷ୍ଟିଲ୍ ଲିମିଟେଡ୍ ନିମନ୍ତେ ୨, ଟାଟା ପାୱାର ଲାଗି ୩, କେଭିକେ ନୀଳାଚଳ ପାୱାର ନିମନ୍ତେ ୨ ଏବଂ ଢେଙ୍କାନାଳ ଜିଲାର ରୁଙ୍ଗଟା ମାଇନ୍ସ ପାଇଁ ୩ ଥର ଆର୍‌ପିଡିଏସି ବୈଠକ ବସିଛି । ସେହିପରି ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୦୦୬ରୁ ୨୦୧୬ ମଧ୍ୟରେ ମାତ୍ର ୭ଥର, ଝାରସୁଗୁଡ଼ା ଜିଲା ମହାନଦୀ କୋଇଲା ସଂସ୍ଥା ନିମନ୍ତେ ୧୧ ଥର, ବେଦାନ୍ତ ଆଲୁମିନା ପାଇଁ ୯, ଓପିଜିସି ସକାଶେ ୩, କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ପାଇଁ ୮, କେନ୍ଦୁଝର ଜିଲାର କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଲାଗି ୫, ରାୟଗଡ଼ା ଜିଲାର ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ନିମନ୍ତେ ୫, ଆଦିତ୍ୟ ଆଲୁମିନିୟମ ପ୍ରକଳ୍ପ ପାଇଁ ୩, ସମ୍ବଲପୁର ଜିଲାର ଆଦିତ୍ୟ ଆଲୁମିନା ପ୍ରକଳ୍ପ ସକାଶେ ୧୦, ହିଣ୍ଡାଲକୋ ହୀରାକୁଦ ନିମନ୍ତେ ୯, ବୁର୍ଲା ଏମସିଏଲ୍ ପାଇଁ ୯, ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲାଗି ୯, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜୀ ନିମନ୍ତେ ୬, ଏମ୍‌ସିଏଲ୍ ବସୁନ୍ଧରା ପାଇଁ ୫, ଏନ୍‌ଟିପିସି ଲାଗି ୫, ଗୁଲଙ୍ଗା କୋଲ ମାଇନ୍ସ ସକାଶେ ୫, ଓପିଜିସି ପାଇଁ ୪, ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ନିମନ୍ତେ ୪, ଆଧୁନିକ ମେଟାଲିକ୍ସ ଲାଗି ୨, କୋରାପୁଟ ଜିଲାର ନାଲ୍‌କୋ ଦମନଯୋଡି ପାଇଁ ୯ଥର ବୈଠକ ବସିଛି ।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିର ସଫଳ ରୂପାୟନ ପାଇଁ ଯାଜପୁର ସମେତ ଶିଳ୍ପ ବହୁଳ ଜିଲାଗୁଡିକରେ ୨୦୦୮ରୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଲେଖାଏ ବରିଷ୍ଠ ପଦାଧିକାରୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଭାବେ ଅବସ୍ଥାପିତ କରାଯାଇଛି । କିନ୍ତୁ କେତେକ ଜିଲାରେ ଏହି ପଦବୀ ଖାଲି ପଡ଼ିଛି । ତେଣୁ ଅଧିକାଂଶ ପ୍ରକଳ୍ପ ନିମନ୍ତେ ୨୦୧୬ରୁ ଏଯାଏ ଆର୍‌ପିଡିଏସି ବୈଠକ ବସିନାହିଁ । ଅପରପକ୍ଷରେ ବିସ୍ଥାପିତ ଓ ଜମିହରାଙ୍କ ଅସନ୍ତୋଷରୁ ବିଭିନ୍ନ କାରଖାନାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଏବଂ କାରଖାନା ପ୍ରତିଷ୍ଠାରେ ବାଧା ସୃଷ୍ଟି ହେଉଥିଲେ ବି ପ୍ରଶାସନ ତତ୍ପରତା ପ୍ରକାଶ କରୁନାହିଁ । ଶିଳ୍ପଜନିତ ପରିବେଶ ଓ ସାମାଜିକ ପ୍ରଦୂଷଣରେ ଅତିଷ୍ଠ ହୋଇ ଏକାଧିକ ଗ୍ରାମ ବିସ୍ଥାପିତ ହେବାକୁ ଦାବି କରି ଆସୁଛନ୍ତି । ଏହାସହ ସ୍ଥାନୀୟ ନିଯୁକ୍ତିକୁ ନେଇ ଖଣି ଓ ଶିଳ୍ପାଞ୍ଚଳରେ ଅନେକ ଦ୍ୱନ୍ଦ୍ୱ ଦେଖାଦେଉଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୭-୨୧ ମଧ୍ୟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରେ ୨୦ ଜଣ ରାଜ୍ୟର ଓ ୧୦ ଜଣ ରାଜ୍ୟ ବାହାରର ନିଯୁକ୍ତି ପାଇଥିବା ଦର୍ଶାଯାଇଛି । ତେବେ ନିଯୁକ୍ତି ପାଇଥିବା ବାହାର ରାଜ୍ୟର ସମସ୍ତେ ଅଫିସର କ୍ୟାଡର ହୋଇଥିବାବେଳେ ରାଜ୍ୟର ସମସ୍ତେ ଶ୍ରମିକ ଶ୍ରେଣୀଭୁକ୍ତ । ଏହା କେବଳ ଉଦାହରଣ ମାତ୍ର । ପ୍ରାୟ ସମସ୍ତ ଶିଳ୍ପ ଓ ଖଣି କମ୍ପାନୀରେ ଏଭଳି ନୀତି ଚାଲିଛି । ଏଭଳିସ୍ଥିତିରେ ଆରପିଡିଏସି ବୈଠକ ନ ବସିବା ପ୍ରଶାସନର କମ୍ପାନୀ ପ୍ରୀତି ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିସ୍ଥାପିତମାନଙ୍କ ସମସ୍ତ ସମସ୍ୟାର ସମାଧାନ ପ୍ରଶାସନସ୍ତରରେ ସମ୍ଭବ ହେଉଛି । ସ୍ଥାନୀୟ ନିଯୁକ୍ତି ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି । ତେବେ ଆର୍‌ପିଡିଏସି ବୈଠକ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରି, ନାରୀ, ଖୁଣି;**
**ଏ ତିନି କଥା ଛାଡ଼ି**
**ଯେଣେ ଯାଉଥା ପୁଣି ।**

ଚୋରି, ପର ସ୍ତ୍ରୀ ଅପହରଣ ଏବଂ ହତ୍ୟା ଆଦି ମଣିଷର ଖରାପ ଚରିତ୍ର ହୋଇଥିବା ବେଳେ ଏଗୁଡିକ ମଣିଷକୁ ଅପରାଧୀ ସଜାଇଦେଇଥାଏ । ଏହି ପ୍ରମୁଖ ତିନି କୁଚରିତ୍ରକୁ ପରିହାର କରି ମଣିଷ ଅନ୍ୟ ଯେ କୌଣସି ପଥରେ ଗଲେ ବିଶେଷ କ୍ଷତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଚହଟ ଚମ୍ପା;**
**ତଳେ ପାଟଫୁଲି ଉପରେ ଝୁମ୍ପା,**
**ବାହାର ସୁନ୍ଦର ଭିତର ଫମ୍ପା ।**

ଚମ୍ପା ଫୁଲ ଦେଖିବାକୁ ଅତି ସୁନ୍ଦର, କିନ୍ତୁ ଏହାର ଭିତରଟା ପୂରା ଫମ୍ପା । ପରୋକ୍ଷରେ ଉପରକୁ ନିଜର ସୁନ୍ଦରତା ଦେଖେଇ ହେଉଥିବା ବ୍ୟକ୍ତିର ଭିତରର ଗୁଣଗ୍ରାମ ଯଦି ସେତେ ଭଲ ହୋଇ ନ ଥାଏ, ତେବେ ସେହି ବ୍ୟକ୍ତି ସମାଜରେ ସେତେ ଆଦୃତି ବା ଖ୍ୟାତି ଲାଭ କରିପାରି ନ ଥାଏ । ସୁଗୁଣ ଥିବା ବ୍ୟକ୍ତି ସମସ୍ତଙ୍କର ପ୍ରିୟଭାଜନ ହୋଇପାରୁଥିବା ବେଳେ ଦୁର୍ଗୁଣ ବ୍ୟକ୍ତିଙ୍କୁ କେହି ଆଦର କରି ନ ଥାନ୍ତି । ରୂପଠାରୁ ଗୁଣ କାହିଁ କେତେ ଗୁଣରେ ଶ୍ରେଷ୍ଠ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜି ଚକାଜାମ୍ ଆନ୍ଦୋଳନ

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରବିବାର ସମଗ୍ର ଦେଶରେ ଚକାଜାମ୍ ଆନ୍ଦୋଳନ ଡାକରା ଦିଆଯାଇଛି । ଓଡ଼ିଶାରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଏହି ଆନ୍ଦୋଳନ ହେବ । ଧାନ ଓ ଅନ୍ୟାନ୍ୟ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, କୃଷକଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ପ୍ରତ୍ୟାହାର, ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରି କୃଷକ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ବିଦ୍ୟୁତ୍ ବିଲ୍-୨୦୨୦କୁ ବିରୋଧ କରି ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଏହି ଚକାଜାମ୍ ଆନ୍ଦୋଳନ ଡାକରା ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶନିବାର ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି । ଚକାଜାମ୍ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି ଚାକଜାମ୍ ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନ ସାମିଲ ହେଉ ନ ଥିଲେ ମଧ୍ୟ ନୈତିକ ସମର୍ଥନ ଦେଉଥିବା ଆବାହକ ଅକ୍ଷୟ କୁମାର କହିଛନ୍ତି ।

# 'ଲକ୍‌ଡାଉନ ଲିରିକ୍ସ' ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର 'ଲକ୍‌ଡାଉନ ଲିରିକ୍ସ' ପୁସ୍ତକର ଉନ୍ମୋଚନ କରିଛନ୍ତି । ସଞ୍ଜୁକ୍ତା ଦାଶଙ୍କ ଦ୍ୱାରା ଲିଖିତ ଏହି ଇଂଲିଶ କବିତା ସଙ୍କଳନରେ କରୋନା ମହାମାରୀ ସମୟରେ ହୋଇଥିବା ସମସ୍ୟା ଓ ସ୍ୱାସ୍ଥ୍ୟ ସଙ୍କଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି । କରୋନା ମହାମାରୀ ମହାସଙ୍କଟ ମଧ୍ୟରେ ଲୋକମାନେ କିପରି ପରିସ୍ଥିତିର ମୁକାବିଲା କରି ଅଣ୍ଟା ସଳଖିଥିଲେ ଓ ପୁଣିଥରେ ଜୀବନ ବଞ୍ଚିବାର ସ୍ଥିତିକୁ ଫେରିଥିଲେ, ତାହାକୁ ନିଜ କବିତା ମାଧ୍ୟମରେ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ଲେଖିକା ଚେଷ୍ଟା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ପୁସ୍ତକ ଉନ୍ମୋଚନ କରିବା ସହିତ ସଞ୍ଜୁକ୍ତା ଦାଶଙ୍କ ଏପରି ସର୍ଜନାତ୍ମକ ଚିନ୍ତାଧାରା ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି । ଦାଶ ଜଣେ ପରିଚିତ ଓ ଜ୍ଞାନୀ ସାହିତ୍ୟିକ । 'ଅନ୍ତସ୍ୱର', 'ଅମୃତ ଅନ୍ୱେଶ' ଓ 'ଅପେକ୍ଷାରେ ଏବେ ବି' ଭଳି ବହୁ ଓଡ଼ିଆ ପୁସ୍ତକ ସେ ରଚନା କରିଥିବାବେଳେ 'ଲକ୍‌ଡାଉନ୍ ଲିରିକ୍ସ' ହେଉଛି ପ୍ରଥମ ଇଂଲିଶ ସାହିତ୍ୟକୃତି ।

# ସାବିତ୍ରୀ ଜିନ୍ଦଲ ଏସିଆର ଧନୀ ମହିଳା



ସାବିତ୍ରୀ ଜିନ୍ଦଲ



**୧୩ ବିଲିୟନ ଡଲାର ହରାଇଲେ ଚାଇନାର ୟାଙ୍ଗ୍ ହୁଇୟାନ୍**

**ନୂଆଦିଲ୍ଲୀ, ୩୦।୭**

ଭାରତର ସାବିତ୍ରୀ ଜିନ୍ଦଲ ଏସିଆର ସବୁଠୁ ଧନୀ ମହିଳା ହୋଇଛନ୍ତି । ଶୁକ୍ରବାର ପ୍ରକାଶିତ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ ୭୨ ବର୍ଷୀୟା ଜିନ୍ଦଲଙ୍କ ସମ୍ପତ୍ତି ୧୮ ବିଲିୟନ ଡଲାର ରହିଛି । ଏସିଆର ପୂର୍ବତନ ସବୁଠୁ ଧନୀ ମହିଳା ତଥା ଚାଇନାର ୟାଙ୍ଗ୍ ହୁଇୟାନଙ୍କୁ ସେ ଟପିଛନ୍ତି । ୨୦୨୧ରେ ୟାଙ୍ଗ୍ ପ୍ରାୟ ୨୪ ବିଲିୟନ ଡଲାର ସମ୍ପତ୍ତି ସହ ଏସିଆର ସବୁଠୁ ଧନୀ ମହିଳା ହୋଇପାରିଥିଲେ । ହେଲେ ବର୍ଷକରେ ଏହି ୪୧ ବର୍ଷୀୟା ଚାଇନିଜ୍ ଉଦ୍ୟୋଗପତିଙ୍କ ସମ୍ପତ୍ତି ଅର୍ଦ୍ଧାଧିକ ହ୍ରାସ ପାଇ ୧୧ ବିଲିୟନ ଡଲାରରେ ପହଞ୍ଚିଛି । ଫଳରେ ସାବିତ୍ରୀ ଜିନ୍ଦଲ ଏହି ତାଲିକାର ଶୀର୍ଷରେ ପହଞ୍ଚିଛନ୍ତି । ୧୯୫୦ରେ ଆସାମର ତିନସୁକିଆରେ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ । ୧୯୭୦ ଦଶକରେ ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କୁ ସେ ବିବାହ କରିଥିଲେ । ଓମ୍ ପ୍ରକାଶ ହରିୟାଣା ସରକାରରେ ମନ୍ତ୍ରୀ ମଧ୍ୟ ଥିଲେ । ୨୦୦୫ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଓ. ପି. ଜିନ୍ଦଲଙ୍କ ମୃତ୍ୟୁ ହେବା ପରେ ସେ ହିଁ ଜିନ୍ଦଲ ଗ୍ରୁପ୍‌ର ଦାୟିତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱରେ ଏହି କମ୍ପାନୀର ଆୟ ୪ ଗୁଣା ବୃଦ୍ଧି ପାଇଥିଲା । ମାତ୍ର ୨ ବର୍ଷରେ ସାବିତ୍ରୀଙ୍କ ସମ୍ପତ୍ତି ୧୨ ବିଲିୟନ ଡଲାର ବଢ଼ିଛି । ୨୦୧୮ରେ ଏହା ୮.୮ ବିଲିୟନ ଡଲାର ରହିଥିବାବେଳେ ୨୦୧୯ରେ ୫.୯ ବିଲିୟନ ଡଲାରକୁ ଖସି ଆସିଥିଲା । ୨୦୨୦ରେ ସାବିତ୍ରୀଙ୍କ ସମ୍ପତ୍ତି ୪.୮ ବିଲିୟନ ଡଲାର ରହିଥିଲା । ୨୦୨୧ରେ ସବୁଠୁ ଧନୀ ଭାରତୀୟଙ୍କ ମଧ୍ୟରେ ଫୋର୍ବସ ତାଲିକାର ଟପ୍ ଟେନ୍ କ୍ଲବ୍‌ରେ ସେ ସାମିଲ ହୋଇଥିଲେ । ପୃଥ୍ୱୀରାଜ, ସଜ୍ଜନ, ରତନ ଏବଂ ନବୀନ ଜିନ୍ଦଲଙ୍କୁ ମିଶାଇ ତାଙ୍କର ମୋଟ ୯ ସନ୍ତାନ ରହିଛନ୍ତି । ଓ. ପି. ଜିନ୍ଦଲଙ୍କ ମୃତ୍ୟୁ ପରେ ଜିନ୍ଦଲ ଗ୍ରୁପ୍ ୪ ଭାଗ ହୋଇଥିଲା । ପୃଥ୍ୱୀରାଜ ଜିନ୍ଦଲ ଜେଏସ୍‌ଏଡବ୍ଲ୍ୟୁ ଲିମିଟେଡ୍‌ର ଅଧ୍ୟକ୍ଷ ଥିବାବେଳେ ସଜ୍ଜନ ଜିନ୍ଦଲ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍)ର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧ୍ୟକ୍ଷ ହେଉଛନ୍ତି ରତନ ଜିନ୍ଦଲ । ରାଜନୀତିରେ ମଧ୍ୟ ସାବିତ୍ରୀ ଜିନ୍ଦଲଙ୍କ ଅଭିଜ୍ଞତା ରହିଛି । ସ୍ୱାମୀଙ୍କ ମୃତ୍ୟୁ ପରେ ୨୦୦୫ରେ ସେ ହରିୟାଣାର ହିସାର ବିଧାନସଭା ଆସନରୁ ଜିତିଥିଲେ । ୨୦୦୯ରେ ପୁନଃ ନିର୍ବାଚିତ ହେବା ପରେ ହରିୟାଣା ସରକାରରେ ମନ୍ତ୍ରୀ ଥିଲେ । ତେବେ ୨୦୧୪ ନିର୍ବାଚନରେ ସେ ପରାଜିତ ହୋଇଥିଲେ । ପ୍ରକାଶଥାଉ କି, ୮୪,୩୩୦ କୋଟି ଟଙ୍କା ସହ ଏଚ୍‌ସିଏଲ୍ ଟେକ୍ନୋଲୋଜିର ଅଧ୍ୟକ୍ଷା ରୋଶନୀ ନାଦାର ମାଲହୋତ୍ରା ହେଉଛନ୍ତି ଭାରତର ସର୍ବଶ୍ରେଷ୍ଠ ଧନୀ ମହିଳା । ଅପରପକ୍ଷେ ଗତ ୫ ବର୍ଷ ଧରି ଏସିଆର ସବୁଠୁ ଧନୀ ମହିଳା ଟାଇଟଲ ବଜାୟ ରଖିଥିବା ୟାଙ୍ଗ୍ ହୁଇୟାନ୍‌ଙ୍କ ସମ୍ପତ୍ତି ନାଟକୀୟ ଢଙ୍ଗରେ ହ୍ରାସ ପାଇଛି । ଚାଇନାର ସବୁଠାରୁ ବଡ଼ ରିଅଲ ଇଷ୍ଟେଟ ଡେଭେଲପର କଣ୍ଟ୍ରି ଗାର୍ଡେନ ହୋଲ୍ଡିଂଗ୍‌ସକୁ ନିୟନ୍ତ୍ରଣ କରୁଥିବା ୟାଙ୍ଗ୍‌ଙ୍କ ସମ୍ପତ୍ତି ବର୍ଷକରେ ଅଧାରୁ ଅଧିକ କମିଛି । ତାଙ୍କ ବାପା ୟାଙ୍ଗ୍ ଗୁଓକ୍ୱିଆଙ୍ଗ୍ ଏହି କମ୍ପାନୀର ପ୍ରତିଷ୍ଠାତା । ବର୍ଷେ ହେଲା ଚାଇନାର ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଚାହିଦା ହ୍ରାସ, କମ୍ ଦର ଏବଂ ଡେଭେଲପରମାନେ ଋଣଗ୍ରସ୍ତ ହେବା ଯୋଗୁ କଣ୍ଟ୍ରି ଗାର୍ଡେନର ଶେୟାର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି । ଏପରି କି ୟାଙ୍ଗ ଗୋଟିଏ ଦିନରେ ୧ ବିଲିୟନ ଡଲାର ହରାଇଥିବା ଫୋର୍ବସରେ ରିପୋର୍ଟ ପ୍ରକାଶ ପାଇଛି ।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଡ଼ଗାଁ**

ସଂଖ୍ୟା: ୧୪୭୪ / ତା୨୪।୦୫।୨୦୨୨ରିଖ

**ସାମାଜିକ ସମୀକ୍ଷା**

ଏତଦ୍ୱାରା ବଡ଼ଗାଁ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ (୦୧ ଏପ୍ରିଲ ୨୦୨୧ଠାରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ) MGNREGS, NSAP, NFSA, ICDS & MAMATA, 15th FC Grants, MDM & Rural Housing ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟର ନଥିପତ୍ର ଯାଞ୍ଚ ସହିତ ସାମାଜିକ ସମୀକ୍ଷା ବୈଠକ (ଗ୍ରାମସଭା) ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଅଛି । ଏଣୁ ସମସ୍ତ ଜବ୍‌କାର୍ଡ଼ଧାରୀ, ଜନ ସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ, ଗ୍ରାମ୍ୟ ସମ୍ବଳ କର୍ମୀ ଏବଂ ସମସ୍ତ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଉଅଛି ଯେ, COVID-19 ନିୟମାବଳୀ ମାନି ନିମ୍ନ କାର୍ଯ୍ୟସୂଚୀମତେ ସାମାଜିକ ସମୀକ୍ଷା ଏବଂ ବ୍ଲକସ୍ତରୀୟ ଜଣ ଶୁଣାଣିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ ।

| କ୍ର. ନଂ. | ପଞ୍ଚାୟତର ନାମ | ନଥିପତ୍ର ଯାଞ୍ଚ ଓ କ୍ଷେତ୍ର ପରିଦର୍ଶନ | ସାମାଜିକ ସମୀକ୍ଷା (ପୂର୍ବାହ୍ନ ୧୦ ଘ.) | |
|---|---|---|---|---|
| ୧ | ବମଡ଼େରା | ୨୬।୦୭।୨୨ରୁ ୧୪।୦୮।୨୨ | ୧୫।୦୮।୨୦୨୨ | ବ୍ଲକ ସ୍ତରୀୟ ଜଣ ଶୁଣାଣି – ୧୩।୦୯।୨୦୨୨ (ପୂର୍ବାହ୍ନ ୧୦ ଘ.) |
| ୨ | ବରଙ୍ଗକଛାର | ୨୬।୦୭।୨୨ରୁ ୧୪।୦୮।୨୨ | ୧୫।୦୮।୨୦୨୨ | |
| ୩ | ବଡ଼ଗାଁ | ୨୬।୦୭।୨୨ରୁ ୧୪।୦୮।୨୨ | ୧୫।୦୮।୨୦୨୨ | |
| ୪ | ଭୋଇପାଲି | ୨୬।୦୭।୨୨ରୁ ୧୪।୦୮।୨୨ | ୧୫।୦୮।୨୦୨୨ | |
| ୫ | ଦାଣ୍ଡଜମିରା | ୨୬।୦୭।୨୨ରୁ ୧୪।୦୮।୨୨ | ୧୫।୦୮।୨୦୨୨ | |
| ୬ | ଏକମା | ୧୬।୦୮।୨୨ରୁ ୧୧।୦୯।୨୨ | ୧୨।୦୯।୨୦୨୨ | |
| ୭ | ଫୁଲବାରି | ୧୬।୦୮।୨୨ରୁ ୧୧।୦୯।୨୨ | ୧୨।୦୯।୨୦୨୨ | |
| ୮ | ଇତମା | ୧୬।୦୮।୨୨ରୁ ୧୧।୦୯।୨୨ | ୧୨।୦୯।୨୦୨୨ | |

| କ୍ର. ନଂ. | ପଞ୍ଚାୟତର ନାମ | ନଥିପତ୍ର ଯାଞ୍ଚ ଓ କ୍ଷେତ୍ର ପରିଦର୍ଶନ | ସାମାଜିକ ସମୀକ୍ଷା (ପୂର୍ବାହ୍ନ ୧୦ ଘ.) | |
|---|---|---|---|---|
| ୯ | ଜରଙ୍ଗଲୋଇ | ୧୬।୦୮।୨୨ରୁ ୧୧।୦୯।୨୨ | ୧୨।୦୯।୨୦୨୨ | ବ୍ଲକ ସ୍ତରୀୟ ଜଣ ଶୁଣାଣି – ୧୩।୦୯।୨୦୨୨ (ପୂର୍ବାହ୍ନ ୧୦ ଘ.) |
| ୧୦ | ପାମରା | ୧୬।୦୮।୨୨ରୁ ୧୧।୦୯।୨୨ | ୧୨।୦୯।୨୦୨୨ | |
| ୧୧ | ସାହାଜବାହାଲ | ୦୯।୦୯।୨୨ରୁ ୨୮।୦୯।୨୨ | ୨୯।୦୯।୨୦୨୨ | |
| ୧୨ | ଟିକିଲିପଡ଼ା | ୦୯।୦୯।୨୨ରୁ ୨୮।୦୯।୨୨ | ୨୯।୦୯।୨୦୨୨ | |
| ୧୩ | ଚିମନା | ୦୯।୦୯।୨୨ରୁ ୨୮।୦୯।୨୨ | ୨୯।୦୯।୨୦୨୨ | |
| ୧୪ | ରୁନଗାଁ | ୦୯।୦୯।୨୨ରୁ ୨୮।୦୯।୨୨ | ୨୯।୦୯।୨୦୨୨ | |
| ୧୫ | ଡୁଡାଲଗା | ୦୯।୦୯।୨୨ରୁ ୨୮।୦୯।୨୨ | ୨୯।୦୯।୨୦୨୨ | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ

ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। –ଶ୍ରୀମା

# ଇଡିକୁ ଏତେ କ୍ଷମତା ?



ଆକାର ପଟେଲ

ପୋଲିସ ଷ୍ଟେଟ୍‌କୁ ଏକ ପଲିଟିକାଲ ୟୁନିଟ୍ ଭାବେ ଶବ୍ଦକୋଷ ନିଶ୍ଚିତ କରିଛି, ଯାହା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଜୀବନକୁ ପୋଲିସ ଦ୍ୱାରା କ୍ଷମତାର ମନଇଚ୍ଛା ପ୍ରୟୋଗ ଏବଂ ସରକାରଙ୍କ ଦମନକାରୀ ନିୟନ୍ତ୍ରଣକୁ ସୂଚିତ କରେ। ଏହା ବିଶେଷକରି ପ୍ରଶାସନ ଓ ସରକାରଙ୍କ ନ୍ୟାୟିକ ସଂସ୍ଥାଗୁଡ଼ିକର ନ୍ୟାୟିକ ପ୍ରକ୍ରିୟାରେ ଥିବା ନିୟମିତ କାର୍ଯ୍ୟ ବଦଳରେ ଗୋଇନ୍ଦା ପୋଲିସର ନିୟନ୍ତ୍ରଣକୁ ବୁଝାଏ। ଅର୍ଥାତ୍ ପୋଲିସ ଷ୍ଟେଟ୍ ଏକ ଦେଶ ଯେଉଁଠି ସରକାରୀ ସଂସ୍ଥାଗୁଡ଼ିକ ସିଭିଲ୍ ସୋସାଇଟି ଏବଂ ସ୍ୱାଧୀନତା ଉପରେ ଅତ୍ୟଧିକ ନିୟନ୍ତ୍ରଣାଧିକାର ପ୍ରୟୋଗ କରିଥାନ୍ତି। ଏଠାରେ ଆଇନ ଏବଂ କାର୍ଯ୍ୟପାଳିକାର ରାଜନୈତିକ କ୍ଷମତା ମଧ୍ୟରେ କିଛି ପ୍ରଭେଦ ନ ଥାଏ। ବିଶ୍ୱରେ ପୋଲିସ ଷ୍ଟେଟ୍‌ର ଅନେକ ଦୃଷ୍ଟାନ୍ତ ରହିଛି। ଏଗୁଡ଼ିକ ପ୍ରାୟତଃ ଗଣତନ୍ତ୍ର ନୁହନ୍ତି। ବର୍ତ୍ତମାନର ପୋଲିସ ଷ୍ଟେଟ୍‌ଗୁଡ଼ିକ ହେଉଛନ୍ତି ଚାଇନା, କ୍ୟୁବା, ଉତ୍ତର କୋରିଆ, ସାଉଦି ଆରବ ଏବଂ ମ୍ୟାନ୍‌ମାର। ତେବେ ଭାରତ ଏକ ପୋଲିସ ଷ୍ଟେଟ୍ କି? ଆଉ ଏକ ପ୍ରଶ୍ନରୁ ଏହାର ଉତ୍ତର ମିଳିପାରିବ। ପ୍ରଶ୍ନଟି ହେଉଛି, ଏକ ଗଣତନ୍ତ୍ର କ'ଣ ପୋଲିସ ଷ୍ଟେଟ୍ ହୋଇପାରିବ ? ହଁ, ହୋଇପାରିବ। ସାମ୍ପ୍ରତିକ ସମୟରେ ରୁଷିଆ ହେଉଛି ଏହାର ଏକ ଦୃଷ୍ଟାନ୍ତ। କେହି ଯୁକ୍ତି ବାଢ଼ିପାରନ୍ତି, ରୁଷିଆ ଏକ ବାସ୍ତବ ଗଣତନ୍ତ୍ର ନୁହେଁ ଏବଂ ଏହାର ନିର୍ବାଚନଗୁଡ଼ିକ ତ୍ରୁଟିପୂର୍ଣ୍ଣ। କିନ୍ତୁ ଏହି ସମାନ ଯୁକ୍ତି ମଧ୍ୟ ଭାରତ ସମେତ ଆହୁରି ଅନେକ ଦେଶ କ୍ଷେତ୍ରରେ କରାଯାଇପାରେ। ପ୍ରଶ୍ନ ହେଉଛି, ଭାରତର ହୃଦୟ ଅଧିକ ବ୍ୟକ୍ତି ସ୍ୱାଧୀନତା ଆଡକୁ ଯାଉଛି ନା ଅତ୍ୟଧିକ କଟକଣା ମୁହାଁ ହେଉଛି କିମ୍ବା ଏକ ପୋଲିସ ଷ୍ଟେଟ ଦିଗରେ ଗତି କରୁଛି? ୧୧ ଜୁଲାଇ ୨୦୨୨ରେ ଭାରତର ସୁପ୍ରିମକୋର୍ଟ କହିଲେ ଯେ, ଗଣତନ୍ତ୍ର କେବେ ବି ପୋଲିସ ଷ୍ଟେଟ ହୋଇପାରିବ ନାହିଁ। କୋର୍ଟ ଉଲ୍ଲେଖ କରିଥିଲେ ଯେ, ଭାରତରେ ଜେଲରେ ଥିବା ବନ୍ଦୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଅର୍ଥାତ୍ ସେମାନେ ଅଭିଯୁକ୍ତ କିନ୍ତୁ ଦୋଷୀ ହୋଇ ନାହାନ୍ତି। କୋର୍ଟ ମଧ୍ୟ କହିଥିଲେ ଯେ, ବିଚାର ପୂର୍ବରୁ ଲୋକଙ୍କୁ ଗିରଫ କରି ଜେଲରେ ରଖିବା ନିର୍ଦ୍ଦିଷ୍ଟ ଭାବେ ଉପନିବେଶୀୟ ଭାରତର ମାନସିକତାର ଏକ ପ୍ରତୀକକୁ ପ୍ରଦର୍ଶିତ କରୁଛି। ବିନା ଦୋଷରେ ଗିରଫ କରି ଜେଲରେ ରଖିବା ଏକ ଗମ୍ଭୀର ପଦକ୍ଷେପ ଏବଂ ଏହା ବ୍ୟକ୍ତି ସ୍ୱାଧୀନତାର ବିରୋଧୀ ହୋଇଥିବା ଯୋଗୁ ତଦନ୍ତକାରୀ ସଂସ୍ଥା ଏହାକୁ ସଂଯମତାର ସହ ପ୍ରୟୋଗ କରିବାକୁ ପଡ଼ିବ। ବୈଚାରିକ ଦୃଷ୍ଟିକୋଣରୁ ଗଣତନ୍ତ୍ର ଓ ପୋଲିସ ଷ୍ଟେଟ୍ ବିପରୀତ ହୋଇଥିବାରୁ ଏକ ଗଣତନ୍ତ୍ରକୁ ଏକ ପୋଲିସ ଷ୍ଟେଟ୍ ଭାବେ କେବେ ବି ବିଚାର କରାଯାଇ ପାରିବ ନାହିଁ ବୋଲି କୋର୍ଟ ପ୍ରକାଶ କରିଥିଲେ।

କୋର୍ଟ ଏଠାରେ ସୂଚିତ କରିବାକୁ ଚାହୁଁଛନ୍ତି ଯେ, ଯଦିଓ ଆମେ ଏକ ଗଣତନ୍ତ୍ର, ତଥାପି ପୋଲିସ ଷ୍ଟେଟ ଭାବେ ବ୍ୟବହାର କରୁଛୁ। ଏହାର କିଛିଦିନ ପରେ ସୁପ୍ରିମକୋର୍ଟ ଆଉ ଏକ ବେଞ୍ଚରେ ଲୋକଙ୍କ ସମ୍ପତ୍ତି ଜବତ କରିବା ଏବଂ ଅଟକ ରଖିବାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମାତ୍ରାଧିକ କ୍ଷମତାକୁ ନ୍ୟାୟସଙ୍ଗତ ଓ ବୈଧ ବୋଲି ଘୋଷଣା କରିଛନ୍ତି। ଏବେ ଆଉ ଥରେ ମନି ଲଣ୍ଡରିଂ ଅଭିଯୋଗରେ ଜଣଙ୍କୁ ଜେଲରେ ରଖାଯାଇପାରିବ। ଥରେ ଜେଲରେ ରଖାଗଲେ ଦୋଷୀ ନ ହେଲେ ବି ମୁକୁଳିବା ଅସମ୍ଭବ ହୋଇଯିବ। ସନ୍ଦେହରେ ୟୁଏପିଏ ଆଇନରେ ଗିରଫ ହୋଇ ଜେଲ ଗଲେ ମୁକୁଳିବା ସ୍ୱପ୍ନ ହୋଇଯିବ। ସୁପ୍ରିମକୋର୍ଟ ମଧ୍ୟ ଏହି ଆଇନକୁ ନ୍ୟାୟସଙ୍ଗତ କରିଥିଲେ। ଆହୁରି ଅନେକ ଆଇନରେ ଅଭିଯୁକ୍ତଙ୍କୁ କୋର୍ଟରେ ନିଜ ପକ୍ଷରୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ପଡୁଛି। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିବାହକୁ ବନ୍ଦ କରିବା, ନିଶା ଦ୍ରବ୍ୟ ରଖିବା ଏବଂ ଆହୁରି ଅନେକ ଆଇନରେ ସମାନ ପ୍ରକାର ସ୍ଥିତି ଦେଖିବାକୁ ମିଳେ। ଏହି ସବୁ ଆଇନରେ ରାଜନୈତିକ ଓ ପୋଲିସ କ୍ଷମତା ସମାନ ଭାବେ ଦେଶ ସପକ୍ଷରେ ରହିଛି। ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ରାଜନୈତିକ ବିରୋଧୀ ଏବଂ ଅସନ୍ତୁଷ୍ଟ ଏବଂ ସାମାଜିକ କର୍ମକର୍ତ୍ତାମାନଙ୍କୁ ଜେଲରେ ରଖାଯାଉଛି। ଆମ ସମ୍ବିଧାନ ଆମକୁ ଗଣତନ୍ତ୍ରର ବାଟ ଦେଖାଉଥିବାବେଳେ ଆମେ ନିଜକୁ ଏକ ପୋଲିସ ଷ୍ଟେଟ୍ ଭାବେ ସବୁବେଳେ ପ୍ରଦର୍ଶିତ କରିଛୁ। ବର୍ତ୍ତମାନର ବ୍ୟକ୍ତି ସ୍ୱାଧୀନତା ଏବଂ ବ୍ୟକ୍ତି ଜୀବନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିବା ଆଇନଗୁଡ଼ିକୁ ଭୟରେ ଆମେ ଗ୍ରହଣ କରିଛୁ। ସେଗୁଡ଼ିକୁ ଟାଡା ଓ ପୋଟା ଭଳି ହଟାଇ ଦେବା ଦରକାର। ଏକ ରାଷ୍ଟ୍ର ଭାବେ କ୍ଷତିକାରକ ଆଇନଗୁଡ଼ିକର ଅପବ୍ୟବହାର ଓ ଅପପ୍ରୟୋଗ କରୁଥିବା ସରକାର ଏବଂ ଏହାର ଅଧିକାରୀମାନଙ୍କୁ ଦଣ୍ଡ ଦେବାରେ ଅକ୍ଷମ ହୋଇ ଥିବାରୁ ଏଭଳି ଆଇନଗୁଡ଼ିକ ବାରମ୍ବାର ପ୍ରକାଶ ପାଉଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରୁଜୁ କରୁଥିବା ମାମଲା ଓ ଦୋଷୀ ଅନୁପାତ ୧%ରୁ କମ୍ ବୋଲି ଆମେ ଜାଣୁ। ଏହା ମଧ୍ୟ ଜାଣୁ ଯେ, ସରକାର ବିରୋଧୀମାନଙ୍କ ବିରୋଧରେ ଇଡିକୁ ବ୍ୟବହାର କରୁଛନ୍ତି ଏବଂ ୨୦୧୪ ପୂର୍ବ ତୁଳନାରେ ଏବେ ୨୫ଗୁଣ ଅଧିକ ଚଢ଼ାଉ କରାଯାଉଛି। କାହିଁକି ଇଡିକୁ ଏତେ କ୍ଷମତା ଦେବା? ଦେଶ ପାଖରେ ଅସୀମିତ କ୍ଷମତା ରହିବା ଅନେକେ ଚାହୁଁଥିବାରୁ ଇଡିକୁ ଏଭଳି କ୍ଷମତା ଦିଆଯାଉଛି। ଏହି ପ୍ରକାର ପ୍ରବୃତ୍ତି ନ୍ୟାୟିକ ବ୍ୟବସ୍ଥାରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବି ସୃଷ୍ଟି ହୋଇଛି। ସେମାନେ ସରକାରଙ୍କ ଅଧିକାରଗୁଡ଼ିକୁ ଲୋକମାନଙ୍କ ଅଧିକାରଠାରୁ ଉପରେ ରଖିବାକୁ ଚାହୁଁଛନ୍ତି ଓ ସକ୍ଷମ ବି ହେଉଛନ୍ତି।

ଅନ୍ୟସବୁ ଗମ୍ଭୀର ଓ ନିର୍ଯାତକ ଆଇନଗୁଡ଼ିକୁ ଆମେ ହଟେଇଦେବା ଭଳି ୨୦୧୪ ପରେ ଆମେ ନିଜ ପାଇଁ ଆଣିଥିବା ଆଇନଗୁଡ଼ିକୁ ଦୂରେଇ ଦେଇପାରିବା କି ନାହିଁ ତାହାକୁ ନେଇ ମୋର କିଛି ସନ୍ଦେହ ରହିଛି। ଉଦାରବାଦୀ ଗଣତନ୍ତ୍ରଗୁଡ଼ିକ ଯଥା ଆମ ସମ୍ବିଧାନ ଆମକୁ କହେ ଯେ, ବ୍ୟକ୍ତି ସ୍ୱାଧୀନତା ସୁରକ୍ଷା ଆଡକୁ ଆଗେଇ ଚାଲ ଏବଂ ବ୍ୟକ୍ତିମାନଙ୍କ କ୍ଷତି କରୁଥିବା ଦେଶର କ୍ଷମତା ଉପରେ ଅଧିକ ବାଧା ସୃଷ୍ଟି କର। ହେଲେ ଆମେ ଅକ୍ଷମ। ଏବେ ଆମେ ଗତି କରୁଥିବା ନୈରାଶ୍ୟ ବା ଆଶାହୀନ ସମୟରେ ଆମ ଅଧିକାର ଓ ସ୍ୱାଧୀନତାଗୁଡ଼ିକ ଉପରେ ଏଭଳି ଜବରଦସ୍ତ ହସ୍ତକ୍ଷେପ ବା ପ୍ରବେଶକୁ ନେଇ ଯଥେଷ୍ଟ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି।

Email:aakar.patel@gmail.com

# ବଦଳି ନ ହେବା ଆବହାୱାରେ ଭ୍ରଷ୍ଟାଚାର



ସହଦେବ ସାହୁ

ବାୟୁ ଚଳାଚଳ ନ ଥିବା କୋଠରିରେ କୋଭିଡ୍-୧୯ ଭାଇରସ୍ ଯେପରି ଆର୍ଦ୍ରବାୟୁବିନ୍ଦୁ (ଡ୍ରପ୍‌ଲେଟ୍)ରେ ବ୍ୟାପେ, ଭ୍ରଷ୍ଟାଚାର ମହାମାରୀର ବୀଜ ସେହିଭଳି 'ରୁଦ୍ଧ' ରାଜନୈତିକ ଆବହାୱାରେ ବ୍ୟାପେ। ଛୋଟ ବଡ଼ କର୍ମଚାରୀ ହୁଅନ୍ତୁ କି ମନ୍ତ୍ରୀ ହୁଅନ୍ତୁ, ସେ ଯଦି ଗୋଟିଏ ବିଭାଗରେ ଚାକିରିକାଳ ଯାକ (ପ୍ରମୋଶନ ପାଇ ବି) ରୁହନ୍ତି, ତାଙ୍କ ରକ୍ତରେ ଭ୍ରଷ୍ଟାଚାରର ଭୂତାଣୁ ନିଶ୍ଚୟ ଉଧେଇବ। ମନ୍ତ୍ରୀ ହେଉ କି କର୍ମଚାରୀ, ସେ ଲାଞ୍ଚ ଛାଙ୍କିବାର ଖଇଞ୍ଚି ତିଆରି କରିନିଏ। ଲାଞ୍ଚ ଯିଏ ଦିଏ ତା' ପାଇଁ ଲାଞ୍ଚ ଏକ ଇକନମିକ ଆକ୍ଟିଭିଟି, ବ୍ୟବସାୟିକ କାରବାର। ଇକନମିକ୍ସରେ ନୀତି ଅନୀତି ବିଚାର ନ ଥାଏ, ଲାଭ ହିଁ ଅର୍ଥନୈତିକ କାରବାରର ମୂଳ। ଲାଞ୍ଚ ଦେବାବାଲା ଆକଳନ କରେ ଯାହାକୁ ଘୁସ୍ ଦେବ ସେ ଫଳ ଦେବା ପର୍ଯ୍ୟନ୍ତ ରହିବ ତ ? ଯଦି ବଦଳି ହେବା ନିଶ୍ଚିତ, ଲାଞ୍ଚ ଦେବନାହିଁ। ତେଣୁ ବିଭାଗ ଛାଡୁ ନ ଥିବା ଅଫିସର ଏବଂ ବଦଳି ହେଲେ ବି ସେହି ବିଭାଗରେ କାମ କରୁଥିବା କର୍ମଚାରୀଙ୍କୁ ଲାଞ୍ଚ ଦେଲେ କାମ ହେବ ଓ ସହଜରେ ହେବ ବୋଲି ସରକାରୀ-କାମର ଆଶାୟୀ (ବେନିଫିସିଆରି) ଲାଞ୍ଚ ଦେଇଥାଏ। ଏ ଏକ ପଦ୍ଧତି ହୋଇଯାଇଛି। ଯଦି କାହାର ସନ୍ଦେହ ଥାଏ ସେ ଯାଇ 'ଡିଭିଜନାଲ୍ ଇଞ୍ଜିନିୟରଙ୍କ ଅଫିସରେ ଟେଣ୍ଡର ପଡିବା ବାକ୍ସ'କୁ ଲକ୍ଷ୍ୟ କରନ୍ତୁ, ସେଥିରେ ଟେଣ୍ଡର କାଗଜ ସାଙ୍ଗରେ ବି ନୋଟ୍ ପଡ଼ିବାର ଅବସର ଅଛି। ସ୍ୱୀକୃତି ଦେବା, ଲାଇସେନ୍ସ ଦେବା, ଖଣିଲିଜ୍ ବା ନିର୍ମାଣ କାର୍ଯ୍ୟର ଠିକା ବା ପ୍ରାକୃତିକ ସମ୍ପଦର ବ୍ୟବହାର ପାଇଁ ଲାଇସେନ୍ସ ଦେବା ଭଳି ମନ୍ତ୍ରାଳୟର ମୁଖ୍ୟ (ଅର୍ଥାତ୍ ମନ୍ତ୍ରୀ) ଲାଞ୍ଚ ନେବା କଥା କିଏ ନ ଜାଣେ! ଘରୋଇ ସ୍କୁଲ୍ କଲେଜ ମଞ୍ଜୁରୀ ପାଇଁ ଓ ସରକାରୀ ଶିକ୍ଷାୟତନମାନଙ୍କରେ ଶିକ୍ଷକ ନିଯୁକ୍ତି ଓ ବଦଳି ପାଇଁ ଲାଞ୍ଚ ନେବା ଘଟଣା ଅବିଦିତ ନୁହେଁ। ଆଇନ ଅନୁଯାୟୀ ସବୁ ପ୍ରକାରର ନିଯୁକ୍ତି ମନ୍ତ୍ରୀ-ମୁକ୍ତ ସଂସ୍ଥା ଦ୍ୱାରା ହେଲେ ବି ସେ ସଂସ୍ଥାର କର୍ମଚାରୀମାନେ ଯଦି ମଝିରେ ମଝିରେ ନ ବଦଳନ୍ତି (ଯେପରି ସବ୍‌ଅର୍ଡିନେଟ୍ ସର୍ଭିସ୍ ସିଲେକ୍ସନ ବୋର୍ଡର ଚେଆରମ୍ୟାନ୍ ଓ ତାଙ୍କ ତଥା ମେମ୍ବରମାନଙ୍କ ପିଏ ବା ଷ୍ଟେନୋ) ତେବେ ଲାଞ୍ଚ କାରବାର ଚାଲିବ। ରାଜ୍ୟର ସଚିବମାନେ ଓ ମନ୍ତ୍ରୀମାନେ ଯେଉଁ ପଦବୀକୁ ଗଲେ ବି ସେମାନଙ୍କ ଆଗ ପଦର ପିଏ, ପିଏସ୍ ବା ଓଏସ୍‌ଡିକୁ ସାଙ୍ଗରେ ନିଅନ୍ତି। ସମ୍ଭବତଃ ତାହାଦ୍ୱାରା ନିଜର ଇଚ୍ଛାସାଧନ କରିପାରିବେ। ତଳ ଉପର ଉଭୟ କର୍ମଚାରୀଙ୍କ ମାନସିକ ତରଙ୍ଗ ସମାନ ରହିଲେ ଲାଞ୍ଚ କାରବାର ଚାଲିପାରେ। କେବଳ ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟ, ଖଣି, ଏକ୍ସସାଇଜ୍, ରେଭେନ୍ୟୁ, ଜଙ୍ଗଲ, ଶିକ୍ଷା ଭଳି ବିଭାଗ ନୁହେଁ, ସବୁ ବିଭାଗରେ କର୍ମଚାରୀ, ମନ୍ତ୍ରୀ ମଧ୍ୟ ଏକାଧିକ ବର୍ଷକାଳ ରହିଲେ ବା ସେହି ବିଭାଗରେ ପ୍ରମୋଶନ୍ ପାଇ ଉପରକୁ ଗଲେ କେତେକ ଅଧିକାରୀ ଲାଞ୍ଚ ନ ନେଲେ କାମ କରନ୍ତି ନାହିଁ। ତେଣୁ କାର୍ଯ୍ୟର ଆବଶ୍ୟକତାକୁ ଚାହିଁ ଅଧିକାରୀଙ୍କ କାର୍ଯ୍ୟକାଳକୁ ଯେତେ କମ୍ କରାଯାଇପାରେ କରାଯିବା ଉଚିତ।



ଗରିବ ଲୋକଟିଏ ଖଣ୍ଡିଏ ନୋଟ୍ ପାଇଲେ ମୁଣ୍ଡରେ ମାରି ଠଣାରେ ସାଇତି ରଖେ। ସୁଖରାମ ଓ ପାର୍ଥ ଚାଟାର୍ଜୀଙ୍କ ଭଳି ଭ୍ରଷ୍ଟାଚାରୀ ମନ୍ତ୍ରୀମାନେ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ର ବିଡ଼ା ବିଡ଼ା ପାଇଲେ ବିଛଣା ଚାଦରରେ, ତକିଆ ଭିତରେ, ଏପରିକି ଗୋଡ଼ରେ ଦଳିହେଉଥିବା ପାପୋଛ ଭିତରେ ଝୋଟ ରଖିଲା ଭଳି ରଖନ୍ତି। ନୈତିକତାର କି ଅଧଃପତନ! ସରକାରୀ କାମର ଠିକା, କର୍ମଚାରୀ ନିଯୁକ୍ତି, ରାଜ୍ୟ ସମ୍ପତ୍ତିର ଆବଣ୍ଟନ (ଭୂତଳ ଖଣି, ଉପର ବାୟୁର ସ୍ପେକ୍ଟ୍ରମ୍, ବାଲି ପଥରର ସଇରାତ୍) ଆଦି ମନ୍ତ୍ରୀ ତାଙ୍କର ପ୍ରଭାବରେ କରାଇଦିଅନ୍ତି ବୋଲି ପ୍ରଭାବର ଭଡା (ଲାଞ୍ଚ ନ କହି ଇକନମିକ୍ସରେ ରେଣ୍ଟ୍ କହନ୍ତି) ବାବଦରେ ଯଥେଚ୍ଛା ଲାଞ୍ଚ ନିଅନ୍ତି, ସେ ମନ୍ତ୍ରୀ ଟେଲିକମ୍ ଘୋଟାଲାର ସୁଖରାମ (୧୯୯୬) ହୁଅନ୍ତୁ କି କୋଇଲା ଆବଣ୍ଟନ ଘୋଟାଲାର ଦିଲ୍ଲୀପ ରାୟ (୧୯୯୯) ବା ୨-ଜି ସ୍ପେକ୍ଟ୍ରମ୍ ଘୋଟାଲାର ରାଜା ଓ କାନିମୋଝି (୨୦୧୦) ହୁଅନ୍ତୁ, ଅଥବା ଶିକ୍ଷକ ନିଯୁକ୍ତି ଘୋଟାଲାରେ ବାନ୍ଧବୀ ଘରେ ୫୦ କୋଟି ଟଙ୍କାର ନୋଟ୍ ରଖିଥିବା ପାର୍ଥ ଚାଟାର୍ଜୀ (୨୦୨୨) ହୁଅନ୍ତୁ। ଖିଲାପି ଋଣର ଟଙ୍କାରେ ବିଦେଶୀ ନାଗରିକତ୍ୱ କିଣିଥିବା ନୀରବ ମୋଦି ଓ ମାଲ୍ୟା ଅନ୍ୟ ପ୍ରକାରର ଘୋଟାଲା କରିଛନ୍ତି। ଡାଇରେକ୍ଟ ଡେବିଟ୍ ଟ୍ରାନ୍ସଫର୍ (ଡିବିଟି) ପ୍ରକ୍ରିୟାରେ ଉପଭୋକ୍ତା ବିନା ଲାଞ୍ଚରେ ପ୍ରାପ୍ୟ ପାଇବ ବୋଲି ପ୍ରଧାନମନ୍ତ୍ରୀ କହୁଥିଲା ବେଳେ କେତେକ କିରାଣି ଘୁସ୍ ନ ପାଇଲେ ଉପଭୋକ୍ତାର ନାଁ ଏଣ୍ଟ୍ରି କରୁନାହାନ୍ତି, ଡିବିଟି ନିରର୍ଥକ। କେତେକ ନେତା ନିଜ ପତିଆରା ଜଣାଇ ବେନାମି ବ୍ୟବସାୟ କରୁଛନ୍ତି, ଯେପରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ତାଙ୍କ ଏ ମ ଏ ଲ୍ ଏ ତ୍ୱ ର ପ୍ରତିନିଧି ପଙ୍କଜ ମିଶ୍ରଙ୍କ ଜରିଆରେ ୩୦ କୋଟି ଟଙ୍କା ଦାମ୍‌ର ଏକ ଷ୍ଟିମର୍ ରଖି ପଥର ଖାଦାନରୁ ବେଆଇନ ଭାବେ ପଥର ଉତ୍ତୋଳନ କରି ବିକ୍ରିବଟା ଚଳାଉଛନ୍ତି।

ଆମ ରାଜ୍ୟ ସରକାର ଟାଇମ୍ ଅନୁଯାୟୀ କାମ କରିବାକୁ ସୂଚାଉଥିବା ଟି ଟିକୁ ପାସୋରି ଦେଉଛନ୍ତି। ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗର ସଚିବଙ୍କ କଥା ଦେଖନ୍ତୁ, ସେ ପ୍ରାୟ ୨୦ ବର୍ଷ ହେଲା ସେହି ପଦବୀରେ ଅଛନ୍ତି, ପ୍ରମୋଶନ୍ ପାଇଲେ ବି ସେଇଠି। ସେ ଉକ୍ତ ବିଭାଗର ସଚିବ ଭାବରେ ବିଏମ୍‌ସି, ସିଏମ୍‌ସି, ହାଉସିଂ ବୋର୍ଡ ଆଦିର ଜମି ଓ ଗୃହ ବଣ୍ଟନ କାମରେ ମେମ୍ବର, ସେଠାରେ ଆଲଟମେଣ୍ଟରେ କିଛି ତ୍ରୁଟି ଥିଲେ ସେଥିପାଇଁ ସେ ଦାୟୀ। ତାରାଦତ୍ତ କମିଟିର ମେମ୍ବର ହୋଇ ସେ ନିଜ ଦୋଷକୁ ମାନିଛନ୍ତି ବୋଲି କୁହାଯାଇପାରେ। ପୁଣି ତାରାଦତ୍ତ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବାରେ ସେ ହିଁ ଦାୟୀ। ତାଙ୍କ ସୁପାରିସ ବା ଟିପ୍ପଣୀ ଉପରେ ସରକାର ପଦକ୍ଷେପ ନେବେ। ମନେହୁଏ ଆସାମୀ ହିଁ ବିଚାରପତି ହେବା ଦରକାର ବୋଲି ସରକାର ଭାବିନେଇଛନ୍ତି। ରାସ୍ତା ଓ ସେତୁ ନିର୍ମାଣର ଯେଉଁ ନିରୀକ୍ଷଣ ଅଧିକାରୀ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ବାରମ୍ବାର ସେତୁ-ଦୁର୍ଘଟଣା ଘଟାଉଥିବା ଠିକାଦାରଙ୍କୁ ପୁଣି ଠିକା ଦିଏ ସିଏ ଯଦି ସେହି ପଦରେ ମୁଖ୍ୟଯନ୍ତ୍ରୀ ରହେ ଏବଂ ଅବସର ପରେ ରାଜ୍ୟର ଶାସକ ଦଳର ଏମ୍‌ପି ପ୍ରାର୍ଥୀ ରୂପେ ମନୋନୀତ ହୁଏ ତେବେ ରାଜ୍ୟର ରାଜନୀତିରେ ଅସାଧୁତାର ହାୱା ବହୁଛି ବୋଲି କହିବା ସିନା! ସରକାରଙ୍କ ସହ ଭିତିରି ଭଲ ଭାବ ରଖିଲେ ଭ୍ରଷ୍ଟାଚାରୀମାନଙ୍କ ପ୍ରାୟଶ୍ଚିତ୍ତ ହୋଇଯାଉଛି ବୋଲି ମନେହୁଏ। ଅରୁଚିକର ଶାସନବ୍ୟବସ୍ଥା ରାଜ୍ୟ ପାଇଁ ଭଲ ନୁହେଁ। ଏଭଳି ପରିସ୍ଥିତି ଦେଖୁଥିବା ଭଲ ଅଧିକାରୀ ମାନେ ବି ସରକାରଙ୍କ ସହିତ ଲୀଳା ଆରମ୍ଭ କରିଦେବେ। ଅବସର ପରେ ଶାସକ ଦରବାରର ଜଣେ ଅଧେ ଅଧିକାରୀ ନିର୍ବାଚନ ରଣାଙ୍ଗନରେ ସୈନ୍ୟ ସାଜିବାର ଖବର ବି ତ ଅଛି। ଅତଏବ ଏକ ଜାଗାରେ ରହିବା ମାନେ ନେତାଙ୍କ ରାଜନୈତିକ ମଙ୍ଗର ଫାଇଦା ନେବା, ଗୁଡାଏ କଳାଧନ ଗୋଟେଇବା। ଏଭଳି ଗୋଟେଇବାରେ ଅଭ୍ୟସ୍ତ ରହିବା ଓ ଧରା ନ ପଡିବା ଲାଗି ଶାସକ ଦଳର ଚାମଚା ହେବାକୁ ପଡ଼ିବ। ଅମଲାତନ୍ତ୍ରରେ ଭ୍ରଷ୍ଟାଚାର-ବନ୍ୟା ରୋକିବାରେ ବଦଳି ହିଁ ଯେପରି ଏକ ବଡ ବନ୍ଧ ହୋଇପାରେ, ବର୍ଷେ ଦି ବର୍ଷରେ ବିଭାଗ ବଦଳେଇବା ମନ୍ତ୍ରୀମାନଙ୍କ ଭିତରେ ଭ୍ରଷ୍ଟାଚାର ରୋକିବାର ଏକ କାନ୍ଥ ହୋଇପାରିବ। ୫ ବର୍ଷରେ ନିର୍ବାଚନ ହେବା ଦେଶର ଶାସନରେ ଏଭଳି ଏକ ବଦଳ ଆଣିବାର ସୁଯୋଗ ଆଣେ ବୋଲି ତାହା ଗଣତନ୍ତ୍ରକୁ ସୁସ୍ଥ ରଖେ। ଯଦି ଲୋକେ ଶାସକ ଦଳକୁ ମଝିରେ ମଝିରେ ନ ବଦଳାଇବେ ତେବେ ଦଳତନ୍ତ୍ର ବା ଫାସିବାଦ ମୁଣ୍ଡ ଟେକିବ! ଲୋକଙ୍କ ଭଲ ଚାହିଁବା ଅପେକ୍ଷା ଦଳ କିପରି ଅତି କମ୍‌ରେ ଜିତିବା ଭଳି ଭୋଟ ପାଇପାରିବ ତାହା ଦେଖିବା ଶ୍ରେୟସ୍କର ମନେହୁଏ!

sahadevas@yahoo.com

# ବିଶ୍ୱ ଅର୍ଥନୀତିଜ୍ଞ

ବ୍ୟକ୍ତିତ୍ୱ



ଇନ୍ଦରମିତ୍ ଗିଲ୍

କୋଭିଡ୍ ମହାମାରୀ ଓ ପରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସମଗ୍ର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଆଜି ଶ୍ରୀଲଙ୍କାର ଶୋଚନୀୟ ସ୍ଥିତିକୁ ଦେଖିଲେ ଏହା ପଛର ମୂଳ କାରଣ ରହିଛି ଆର୍ଥିକ ଦୁଃସ୍ଥିତି। ଅନ୍ତର୍ଜାତୀୟ ସ୍ତରରେ ଏହିଭଳି ଅନେକ ରାଷ୍ଟ୍ର ଅଛନ୍ତି, ଯେଉଁଗୁଡ଼ିକର ଅର୍ଥନୀତି ଦୁର୍ବଳ ହୋଇଯାଇଥିବାରୁ ସେଗୁଡ଼ିକ ନଇଁପଡ଼ିଲେଣି। ଏଭଳି ପରିପ୍ରେକ୍ଷୀରେ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଓ ବିଶ୍ୱ ବ୍ୟାଙ୍କ ଭଳି ଆର୍ଥିକ ସହାୟତାକାରୀ ସଂସ୍ଥାଗୁଡ଼ିକ ଅମ୍ଳାନ ପରି କାର୍ଯ୍ୟ କରିଥାଆନ୍ତି। ବିଶେଷକରି ସାମାଜିକ ଓ ମୌଳିକ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ବିଶ୍ୱ ବ୍ୟାଙ୍କ ଏସିସବୁ ରାଷ୍ଟ୍ରକୁ ଋଣ ଓ ସହାୟତା ପ୍ରଦାନ କରିଥାଏ। ଉଲ୍ଲେଖଯୋଗ୍ୟ, ଇଣ୍ଟରନ୍ୟାଶନାଲ ବ୍ୟାଙ୍କ୍ ଫର୍ ରିକନ୍‌ଷ୍ଟ୍ରକଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଆଇବିଆର୍‌ଡି) ଏବଂ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଆସୋସିଏଶନ(ଆଇଡିଏ)କୁ ସାମୂହିକ ଭାବେ ବିଶ୍ୱବ୍ୟାଙ୍କ କୁହାଯାଇଥାଏ। ଡେଭିଡ୍ ମାଲ୍‌ପସ ଏହି ବ୍ୟାଙ୍କର ସଭାପତି ଥିବା ବେଳେ ଭାରତୀୟ ଅର୍ଥଶାସ୍ତ୍ରବିତ୍ ଇନ୍ଦରମିତ ଗିଲ୍‌ଙ୍କୁ ଏହାର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ନିକଟରେ ନିଯୁକ୍ତି ମିଳିଛି। ବିଶ୍ୱବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ହେବାରେ ଇନ୍ଦରମିତ୍ ଦ୍ୱିତୀୟ ଭାରତୀୟ। ୨୦୧୨ରୁ ୨୦୧୬ ଯାଏ କୌଶିକ ବସୁ ପ୍ରଥମ ଭାରତୀୟ ଭାବେ ଏହି ପଦବୀରେ ଅବସ୍ଥାପିତ ହୋଇଥିଲେ। ଅନ୍ୟ ବିଶିଷ୍ଟ ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ରଘୁରାମ ରାଜନ ଓ ଗୀତା ଗୋପୀନାଥ ବିଶ୍ୱବ୍ୟାଙ୍କର ସହଯୋଗୀ ସଂସ୍ଥା ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ରହିଥିଲେ। ଆସନ୍ତା ସେପ୍ଟେମ୍ବର ପହିଲାରୁ ଇନ୍ଦରମିତ୍ ଗିଲ୍ ବିଶ୍ୱବ୍ୟାଙ୍କ ମୁଖ୍ୟ ଅର୍ଥନୀତିଜ୍ଞ ରୂପେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ କ୍ୟାରିୟର ଓ ଅର୍ଥନୀତିରେ ଗଭୀର ପ୍ରବେଶ ସଂକ୍ରାନ୍ତରେ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ଇନ୍ଦରମିତ୍ ଗିଲ୍ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଅର୍ଥନୀତିରେ ସ୍ନାତକ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ପରେ ଶିକାଗୋ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଗାରି ବେକର ଓ ରବର୍ଟ ଲୁକାସଙ୍କ ଅଧୀନରେ ଗବେଷଣା କରି ସେ ଅର୍ଜନ କରିଥିବା ଡକ୍ଟରେଟ୍ ଡିଗ୍ରୀ ତାଙ୍କୁ ଆଗକୁ ବଢ଼ିବା ଲାଗି ବାଟ ଦେଖାଇଥିଲା। ପ୍ରାରମ୍ଭିକ ସମୟରେ ସେ ୧୯୯୩ରୁ ୨୦୧୬ ଯାଏ ବିଶ୍ୱବ୍ୟାଙ୍କର ଡେଭଲପ୍‌ମେଣ୍ଟ ଇକୋନମିକ୍ସର ଡେଭଲପ୍‌ମେଣ୍ଟ ପଲିସି ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସମୟ ମଧ୍ୟରେ ସେ ୟୁରୋପ ଓ ପଶ୍ଚିମ ଏସିଆର ମୁଖ୍ୟ ଅର୍ଥନୀତିଜ୍ଞ, ୨୦୦୯ରେ ୱାର୍ଲ୍ଡ ଡେଭଲପ୍‌ମେଣ୍ଟ ରିପୋର୍ଟ ଅନ୍ ଇକୋନମିକ୍ ଜିଓଗ୍ରାଫିର ଷ୍ଟାଫ୍ ଡାଇରେକ୍ଟର, ଇଷ୍ଟ ଏସିଆ ଆଣ୍ଡ୍ ପାସିଫିକ୍‌ର କାର୍ଯ୍ୟକାରୀ ମୁଖ୍ୟ ଅର୍ଥନୀତିଜ୍ଞ ଏବଂ ବ୍ରାଜିଲର ପ୍ରିନ୍ସିପାଲ କଣ୍ଟ୍ରି ଇକୋନମିଷ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ତେବେ ୨୦୧୬ରୁ ୨୦୨୧ ଯାଏ ସେ ଅଧ୍ୟାପନା ପ୍ରତି ମନବଳାଇ ଡ୍ୟୁକ୍ ୟୁନିଭର୍ସିଟିର ପବ୍ଲିକ୍ ପଲିସ୍‌ର ପ୍ରଫେସର ଓ ବ୍ରୁକିଂ ଇନ୍‌ଷ୍ଟିଚ୍ୟୁଶନ୍ସରେ ଗ୍ଲୋବାଲ ଇକୋନମି ଆଣ୍ଡ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍‌ର ନନ୍‌ରେସିଡେଣ୍ଟ ସିନିୟର ଫେଲୋ ରୂପେ କାର୍ଯ୍ୟ କରିଛନ୍ତି। ତେବେ ୨୦୦୯ରେ ୱାର୍ଲ୍ଡ ଡେଭଲପ୍‌ମେଣ୍ଟ ରିପୋର୍ଟ ଅନ୍ ଇକୋନମିକ୍ ଜିଓଗ୍ରାଫିର ଷ୍ଟାଫ୍ ଡାଇରେକ୍ଟର ଭାବେ ତାଙ୍କ ଚିନ୍ତାଶୀଳ ନେତୃତ୍ୱ ଯୋଗୁ ଇନ୍ଦରମିତ୍ ବିଶ୍ୱବ୍ୟାଙ୍କରେ ସମ୍ମାନନୀୟ ସ୍ଥାନ ଦଖଲ କରିପାରିଛନ୍ତି। ସେଥିପାଇଁ ଦ୍ୱିତୀୟ ଥର ସେ ଏହି ବିଶ୍ୱବ୍ୟାଙ୍କରେ ଯୋଗ ଦେବା ଲାଗି ନିମନ୍ତ୍ରଣ ପାଇପାରିଥିଲେ। ଅର୍ଥନୀତିର ବିଭିନ୍ନ ପ୍ରସଙ୍ଗ ଉପରେ ଯୁକ୍ତିଯୁକ୍ତ ଓ ହାସ୍ୟପୂର୍ଣ୍ଣ ତଥ୍ୟ ଉପସ୍ଥାପନା ଶୈଳୀ ତାଙ୍କୁ ଅନ୍ୟ ଅର୍ଥନୀତିଜ୍ଞଙ୍କଠାରୁ ସ୍ୱତନ୍ତ୍ର ସ୍ଥାନ ଦେଇଆସିଛି। ବିଶେଷକରି 'ମିଡିଲ୍ ଇନ୍‌କମ୍ ଟ୍ରାପ୍' କନ୍‌ସେପ୍ଟ ଉଦ୍ଭାବନ କରି ସେ ଅନ୍ତର୍ଜାତୀୟ ସ୍ତରର ଅର୍ଥନୀତିଜ୍ଞଙ୍କ ଦୃଷ୍ଟି ଆକର୍ଷଣ ପରିପାରିଛନ୍ତି। ନିର୍ଦ୍ଦିଷ୍ଟ ଅର୍ଥନୈତିକ ସ୍ତରରେ ଆଘାତପ୍ରାପ୍ତ ହୋଇଥିବା ଦେଶଗୁଡ଼ିକ ସେମାନଙ୍କର ଆୟ ସ୍ତରକୁ ବୃଦ୍ଧି କରିବା ଲାଗି କିଭଳି ସଂଗ୍ରାମ କରିଥାଆନ୍ତି, ତାହାକୁ ମିଡିଲ୍ ଇନ୍‌କମ୍ ଟ୍ରାପ୍‌ରେ ଦର୍ଶାଇବାକୁ ଯାଇ ଇନ୍ଦରମିତ୍ ଅଗ୍ରଗାମୀ ଭୂମିକା ନିର୍ବାହ କରିଛନ୍ତି।

ଏବେ ବିଶ୍ୱବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ତଥା ଡେଭଲପ୍‌ମେଣ୍ଟ ଇକୋନମିକ୍ସର ଉପସଭାପତି ହୋଇଥିବାରୁ ଇନ୍ଦରମିତ୍‌ଙ୍କ ଅଭିଜ୍ଞତା ବହୁବିଧ ସଂସ୍ଥା ଲାଗି ଅମୂଲ୍ୟ ଜ୍ଞାନ ପ୍ରଦାନ କରିବ ବୋଲି ଏହି ବ୍ୟାଙ୍କର ସଭାପତି ଡେଭିଡ୍ ମାଲପସ୍ କହିଛନ୍ତି। ବାସ୍ତବରେ ଭାରତୀୟ ଅର୍ଥନୀତି ଛାତ୍ରୀଛାତ୍ରଙ୍କ ପାଇଁ ଇନ୍ଦରମିତ୍ ତାଙ୍କ କ୍ୟାରିୟରରେ ଧାରଣ କରିଥିବା ପଦବୀ ନିଶ୍ଚିତ ଆକର୍ଷଣୀୟ ମନେହେବ। ନୂଆ ପିଢ଼ି ନିଜକୁ କିଭଳି ଭାବେ ପ୍ରସ୍ତୁତ କଲେ ଈପ୍‌ସିତ ଲକ୍ଷ୍ୟରେ ପହଞ୍ଚିପାରିବେ, ଇନ୍ଦରମିତ୍‌ଙ୍କ ଭଳି ପ୍ରଜ୍ଞାବାନ ଓ ପ୍ରଖର ଧୀସମ୍ପନ୍ନ ଅର୍ଥନୀତିଜ୍ଞଙ୍କ ବ୍ୟକ୍ତିତ୍ୱ ପ୍ରେରଣା ଦେବ ବୋଲି ନିଶ୍ଚିତ କହିହେବ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମାଗଣାରେ ୟୁପିଏସ୍‌ସି କୋଚିଂ ଦେଉଛନ୍ତି ପୂର୍ବତନ ଆଇଏଏସ୍ ଅଧିକାରୀ ଅରୁଣ କୁମାର। ସେ ଆଶାୟୀମାନଙ୍କୁ ପାଟନାରେ ଗଙ୍ଗାକୂଳରେ କୋଚିଂ ଦେଉଛନ୍ତି। ତାଙ୍କ ପାଖରୁ ପାଖାପାଖି ୩ ହଜାର ଛାତ୍ରୀଛାତ୍ର କୋଚିଂ ନେଉଛନ୍ତି। ଅରୁଣଙ୍କ ସ୍ତ୍ରୀ ଜଣେ ସାମାଜିକ କର୍ମୀ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅରୁଣ ଚାକିରି ଛାଡ଼ି ଛାତ୍ରମାନଙ୍କୁ ସାହାଯ୍ୟ କରୁଛନ୍ତି। ଯେଉଁ ଛାତ୍ରମାନେ ବ୍ୟୟବହୁଳ କୋଚିଂ ନେବାକୁ ଅକ୍ଷମ, ସେମାନଙ୍କୁ ସେ କୋଚିଂ ଦେଉଛନ୍ତି। କମ୍ ଖର୍ଚ୍ଚରେ କୋଚିଂ ଦେବା ଲାଗି ଅରୁଣ ମୁକ୍ତାକାଶ କ୍ଲାସ୍ କରୁଛନ୍ତି। ପ୍ରତିଦିନ ସକାଳେ ସେ କ୍ଲାସ ଚାଲୁଛି। ୧୯୯୪ ବ୍ୟାଚ ଆଇଏଏସ୍ ଅଧିକାରୀ ଅରୁଣ କୁମାର ବିନା କୋଚିଂରେ କୃତକାର୍ଯ୍ୟ ହୋଇଥିଲେ। ଏବେ ତାଙ୍କ କୋଚିଂ କ୍ଲାସରୁ ୟୁପିଏସ୍‌ସି ପରୀକ୍ଷାରେ ବହୁ ଛାତ୍ର ସଫଳ ହୋଇ ପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଜୁଲାଇ ୧୯୯୭

- ଦେଶରୁ ନିଶା କାରବାରକୁ ହଟାଇବାକୁ ହୋଇଥିବା ଏକ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଦକ୍ଷିଣ ଚୀନ୍‌ର ଗୁଆଙ୍ଗ ହଉ ସହରରେ ବିପୁଳ ଜନସମାବେଶ ଭିତରେ ୧୪ଜଣ ନିଶା ଚୋରା ବେପାରିଙ୍କୁ ଫାଶି।
- ଗୋଖାଦ୍ୟ ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ସିବିଆଇ ସ୍ୱତନ୍ତ୍ର ଅଦାଲତରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ୧୫ ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଚିରନ୍ତନୀ

ନିଭିଲା ଦୂର
ଶଇଳ-ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି।

(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 8 | | | 1 | | |
| | | 5 | | | | | | 7 |
| | | 9 | 7 | 6 | | | 3 | |
| | | 1 | 4 | | | | | |
| 2 | | | | | 1 | 5 | | |
| | | 8 | | 3 | | | | |
| 4 | | | | | 7 | 8 | 1 | |
| | | | | | 4 | | | 2 |
| | | | | 1 | 2 | 3 | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 9 | 7 | 4 | 1 | 2 | 5 |
| 7 | 4 | 1 | 5 | 2 | 6 | 9 | 8 | 3 |
| 9 | 5 | 2 | 3 | 1 | 8 | 4 | 6 | 7 |
| 6 | 2 | 3 | 8 | 5 | 9 | 7 | 4 | 1 |
| 5 | 1 | 4 | 7 | 6 | 3 | 8 | 9 | 2 |
| 8 | 9 | 7 | 1 | 4 | 2 | 3 | 5 | 6 |
| 1 | 6 | 5 | 4 | 8 | 7 | 2 | 3 | 9 |
| 2 | 3 | 8 | 6 | 9 | 1 | 5 | 7 | 4 |
| 4 | 7 | 9 | 2 | 3 | 5 | 6 | 1 | 8 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଛାତ୍ରୀଛାତ୍ରଙ୍କୁ କେବେ ମିଳିବ ପୋଷାକ

ମହାଶୟ,

ଶିକ୍ଷାବର୍ଷ ଆରମ୍ଭ ହୋଇଗଲାଣି। ହେଲେ ଏଯାଏ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ସାଧନ ମିଳିନାହିଁ। କେଉଁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି ତ କେଉଁଠି ସବୁ ପିଲାଙ୍କୁ ପାଠ୍ୟପୁସ୍ତକ ମିଳିନାହିଁ। ଖାଲି ସେତିକି ନୁହେଁ, ମାସେ ହେଲା ସ୍କୁଲ ଖୋଲିଥିଲେ ମଧ୍ୟ ପିଲାଙ୍କୁ ଏଯାଏ ପୋଷାକ ମିଳିନାହିଁ। ପୋଷାକ ମିଳିବା ତ ଦୂରର କଥା, ଏଯାଏ ବିଦ୍ୟାଳୟ ଆକାଉଣ୍ଟକୁ ପୋଷାକ ବାବଦ ଅର୍ଥ ବି ଆସିନାହିଁ। ଏମିତିକା ଖାମଖିଆଲ ନୀତିରେ ଚାଲିଛି ସର୍ବଶିକ୍ଷା ଅଭିଯାନ। ସର୍ବଶିକ୍ଷା ଅଭିଯାନ ଜରିଆରେ ପ୍ରଥମରୁ ଅଷ୍ଟମ ପିଲାଙ୍କୁ ମାଗଣା ପୋଷାକ, ଜୋତା, ମୋଜା, ପାଠ୍ୟପୁସ୍ତକ ପ୍ରଦାନର ବ୍ୟବସ୍ଥା ରହିଛି। ପୋଷାକ ବାବଦକୁ ଜଣେ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ୬ଶହ ଟଙ୍କା ମିଳିଥାଏ। ଏହି ଅର୍ଥ ବିଦ୍ୟାଳୟ ଆକାଉଣ୍ଟକୁ ଆସେ। ଏହି ଅର୍ଥରେ ସ୍କୁଲ କର୍ତ୍ତୃପକ୍ଷ ଜଣେ ପିଲାଙ୍କୁ ଦୁଇହଳ ପୋଷାକ, ଦୁଇହଳ ମୋଜା, ଏକ ହଳ ଜୋତା ପ୍ରଦାନ କରିଥାନ୍ତି। ଆକାଉଣ୍ଟକୁ ଟଙ୍କା ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବସି ଏ ବିଷୟରେ ନିଷ୍ପତ୍ତି ହୁଏ। ବିଭିନ୍ନ ପୋଷାକ ବ୍ୟବସାୟୀ ବା ଦୋକାନୀଙ୍କଠାରୁ କୋଟେସନ ମଗାଯାଏ। କୋଟେସନ୍ ଆସିବା ପରେ ବିଦ୍ୟାଳୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକରେ ଗୁଣାତ୍ମକ ମାନ ଯାଞ୍ଚ କରାଯାଇ କମ୍ପାନୀ ବା ବ୍ୟବସାୟୀଙ୍କୁ ଚୟନ କରାଯାଏ। ମନୋନୀତ ହୋଇଥିବା କମ୍ପାନୀ ଛାତ୍ରୀଛାତ୍ରଙ୍କୁ ପୋଷାକ ପ୍ରଦାନ କରିଥାନ୍ତି। ଏସବୁ ପ୍ରକ୍ରିୟା ଶିକ୍ଷାବର୍ଷ ଆରମ୍ଭରୁ ଅର୍ଥାତ୍ ଏପ୍ରିଲ ମାସରେ ସମାପ୍ତ ହୁଏ। କିନ୍ତୁ ଚଳିତ ଶିକ୍ଷାବର୍ଷରେ ସବୁ କ୍ଷେତ୍ରରେ ବିଭ୍ରାଟ ଦେଖିବାକୁ ମିଳିଛି। ଯେଉଁ କାମ ଏପ୍ରିଲରେ ହେବା କଥା, ଜୁଲାଇ ସରିବାକୁ ବସିଥିଲେ ମଧ୍ୟ ତାହା ଆରମ୍ଭ ହୋଇନାହିଁ।

– ତ୍ରିନାଥ ଓଝା, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚୋରି ସ୍କୁଟି ଉଦ୍ଧାର, ଚୋର ଗିରଫ

**ଲହୁଣୀପଡା,୩୦।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଦର୍ଜାଂ ଗ୍ରାମର ସୁଦର୍ଶନ ଓରାମଙ୍କ ଘରୁ ଚୋରି ହୋଇଥିବା ସ୍କୁଟିକୁ ପୋଲିସ ଉଦ୍ଧାର କରିଛି। ଏହାସହ ଚୋରି କରିଥିବା ମୁକମନ କାଳନ୍ଦୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୨.୦୮.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୦୮.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଭଞ୍ଜନଗର ଶାଖା, ଖଲାସି ଷ୍ଟ୍ରିଟ୍, ରେଡ୍‌କ୍ରସ୍ ରୋଡ୍, ଭଞ୍ଜନଗର** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. ୭୦୦୮୩୭୫୪୨୭ | | |
| ୧. | ଅନିତା ପ୍ରଧାନ, ସ୍ୱା: ସୁରେନ୍ଦ୍ରନାଥ ପ୍ରଧାନ, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୨୪୭୯୯ | ଟ.୨,୫୩,୮୦୭.୨୬ + ଲାଗୁ ହୋଇନଥିବା ସୁଧ | ୧୧୬.୯୦ |
| ୨. | ଡି. ତେଜେଶ୍ୱର ରାଓ, ପି: ଡି. ଗୋପି, ନହଡୋଟା ସାହି, ଭଞ୍ଜନଗର / ୨୫୨୮୦୬୧୦୦୨୫୧୮୫ | ଟ.୨୯,୯୭୫.୧୧ + ଲାଗୁ ହୋଇନଥିବା ସୁଧ | ୧୩.୫୦ |
| ୩. | ଗଙ୍ଗା ପ୍ରଧାନ, ସ୍ୱା: ପଦ୍ମ ପ୍ରଧାନ, ତିଲିସାଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୧୦୭ | ଟ. ୫୯,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୦୦ |
| ୪. | ଜାନକି ମାଝି, ସ୍ୱା: ରମେଶ ଚନ୍ଦ୍ର ମାଝି, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୨୮୨ | ଟ. ୪୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୪୦ |
| ୫. | ଜିତେନ୍ଦ୍ର ବେହେରା, ପି: ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜମାର୍ଗ, ୟୁନିଟ୍-୬, ଲଣ୍ଡେଇ ସାହି, ଭଞ୍ଜନଗର / ୨୫୨୮୦୬୧୦୦୩୦୫୬୧ | ଟ. ୨୨,୧୩୭/- + ଲାଗୁ ହୋଇନଥିବା ସୁଧ | ୮.୩୦ |
| ୬. | କବିରାଜ ପ୍ରଧାନ, ପି: ଧୋବା ପ୍ରଧାନ, ସାନକୋଦଣ୍ଡା, ଭଞ୍ଜନଗର / ୨୫୨୮୦୬୧୦୦୩୦୦୨୮ | ଟ. ୧,୭୧,୦୦୦/- + ଲାଗୁ ହୋଇନଥିବା ସୁଧ | ୪୮.୦୦ |
| ୭. | ମନୋଜ କୁମାର ବାଡ଼ତ୍ୟା, ପି: ଜଗବନ୍ଧୁ ବାଡ଼ତ୍ୟା, ଭଞ୍ଜନଗର / ୨୫୨୮୦୬୧୦୦୨୪୭୩୭ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୯୦ |
| ୮. | ରୁନୁ ଗୌଡ଼, ସ୍ୱା: ରବି ନାରାୟଣ ଗୌଡ଼, ମାଙ୍କଡ଼କୁମ୍ଭା, ଲେମ୍ବା, ଭଞ୍ଜନଗର / ୨୫୨୮୦୬୧୦୦୩୩୨୨୭ | ଟ. ୮୦,୦୦୦/- + ଲାଗୁ ହୋଇନଥିବା ସୁଧ | ୩୦.୬୦ |
| ୯. | ସୁଶାନ୍ତ କୁମାର ସ୍ୱାଇଁ, ପି: ଯୁଧିଷ୍ଠିର ସ୍ୱାଇଁ, ବାହାଡ଼ପଦର, ଭଞ୍ଜନଗର / ୨୫୨୮୦୬୧୦୦୩୨୩୭୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| | **ଗୋପାଳପୁର ଶାଖା, ଗୋପାଳପୁର, ଓଡ଼ିଶା** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ପ୍ରତିଭା ଭାରତୀ ସାନବର୍ଷା, ଫୋନ୍ ନଂ. ୮୯୧୭୩୯୯୭୨୮ | | |
| ୧. | ନରେଶ ଚନ୍ଦ୍ର ବେହେରା, ପି: ଖଗେଶ୍ୱର ବେହେରା, ହରିପୁର, ଗୋପାଳପୁର / ୨୧୫୦୦୬୧୦୦୨୬୭୬୨ | ଟ. ୪୧,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୬୫ |
| | **ସୁହାଗପୁର ଶାଖା, ଫକିର ସାହି, ନୟାହାଟ, ପୁରୀ** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିବ୍ୟଲୋଚନ ସାହୁ, ଫୋନ୍ ନଂ. ୭୮୯୪୩୩୫୨୬୭ | | |
| ୧. | ମାନସ ଓଝା, ପି: ଗୋଲେଖ ଓଝା, ସା-ଫକିର ସାହି, ସୁହାଗପୁର / ୨୪୬୧୦୬୧୦୦୧୩୬୮୭ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୪୦ |
| | **ଫୁଲବାଣୀ ଶାଖା, ଫୁଲବାଣୀ, ଜିଲ୍ଲା-କନ୍ଧମାଳ** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ. ୯୪୩୯୩୧୩୬୦୫ | | |
| ୧. | ସୁଧାଂଶୁ ମୋହନ ମହାନ୍ତି, ପି: ସୁରେନ୍ଦ୍ରନାଥ ମହାନ୍ତି, ଆଇ.ସି.ଆଇ.ସି.ଆଇ ଲେନ୍, ମେନ୍ ରୋଡ୍, ଫୁଲବାଣି / ୦୮୧୩୦୬୧୦୦୧୯୫୧୧ | ଟ. ୪,୯୬,୧୬୩/- + ଲାଗୁ ହୋଇନଥିବା ସୁଧ | ୧୬୮.୮୦ |
| ୨. | ଅକ୍ଷୟ କୁମାର ନାୟକ, ପି: ସୁଧିର ନାୟକ, ସା-ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୨୫୨ | ଟ. ୨୫,୯୬୩/- + ଲାଗୁ ହୋଇନଥିବା ସୁଧ | ୯.୭୦ |
| ୩. | ରେଣୁକା ଦେହୁରୀ, ପି: ସେବତୀ ଦେହୁରୀ, ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୪୫୦ | ଟ. ୨୦,୦୦୦/- + ଲାଗୁ ହୋଇନଥିବା ସୁଧ | ୯.୦୦ |
| | **ମାଲକାନଗିରି ଶାଖା, ବସ ଷ୍ଟାଣ୍ଡ ନିକଟ, ଜିଲ୍ଲା-ମାଲକାନଗିରି** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସିମାଞ୍ଚଳ ଗାମ୍ଭା, ଫୋନ୍ ନଂ. ୮୦୯୩୫୯୦୭୫୬ | | |
| ୧. | କେ. ବାଲାରାଜୁ, ପି: କେ ରତ୍ନାଲୁ, ଚିଦାନନ୍ଦ ସାହି, ମାଲକାନାଗିରି / ୩୦୨୯୦୬୧୦୦୦୧୪୭୯ | ଟ. ୭୩,୫୦୦/- + ଲାଗୁ ହୋଇନଥିବା ସୁଧ | ୨୬.୬୫ |
| | **ଜାଆଁଳା ଶାଖା, ଜାଆଁଳା, ଜିଲ୍ଲା-ଖୋର୍ଦ୍ଧା** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁତପ ପଟ୍ଟନାୟକ, ଫୋନ୍ ନଂ. ୮୭୬୩୬୮୨୩୨୧ | | |
| ୧. | ସଚିନ କୁମାର ରାଉତ, ପି: ଲକ୍ଷ୍ମଣ ରାଉତ, ଗଙ୍ଗପଡ଼ା, ଖୋର୍ଦ୍ଧା / ୧୫୭୯୦୬୧୦୦୧୫୪୧୪ | ଟ. ୮୪,୯୦୦.୫୪ + ଲାଗୁ ହୋଇନଥିବା ସୁଧ | ୩୦.୦୫ |
| | **ଫିରିଙ୍ଗିଆ ଶାଖା, ଫିରିଙ୍ଗିଆ, ଜିଲ୍ଲା-କନ୍ଧମାଳ** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭବାନୀଶଙ୍କର ମିଶ୍ର, ଫୋନ୍ ନଂ. ୯୪୩୮୨୧୨୦୩୨ | | |
| ୧. | ଅମୂଲ୍ୟ ସାହାଣୀ, ପି: ଜୟିଶର ସାହାଣୀ, ଡିମିରିଗୁଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୫୪୪୫ | ଟ. ୩୫,୩୮୨.୨୦ + ଲାଗୁ ହୋଇନଥିବା ସୁଧ | ୧୫.୨୦ |
| ୨. | ଅନିରୁଦ୍ଧ ଦିଗଲ, ପି: ଗଦାଧର ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୯୮ | ଟ. ୫୦,୪୧୩/- + ଲାଗୁ ହୋଇନଥିବା ସୁଧ | ୧୯.୦୦ |
| ୩. | ସୁବାଷ ଚନ୍ଦ୍ର ଦିଗଲ, ପି: ଚତୁର୍ଭୁଜ ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୭୧୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୫.୦୦ |
| ୪. | ବିଦ୍ୟାଧର କହ୍ନାର, ପି: ଦୟିଲି କହ୍ନାର, ପଙ୍ଗା, ସଦିଙ୍ଗିଆ, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୧୨ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୭୦ |
| | **ରାଇକିଆ ଶାଖା, ରାଇକିଆ, ଜିଲ୍ଲା-କନ୍ଧମାଳ** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୂଷଣ ଶବର, ଫୋନ୍ ନଂ. ୯୪୩୭୪୫୯୨୮୦ | | |
| ୧. | ଅନନ୍ତ ଦିଗଲ, ପି: ତ୍ରିନାଥ ଦିଗଲ, କରଦା, ରାଇକିଆ / ୦୮୧୦୦୬୧୦୦୧୬୦୧୫ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୧.୦୦ |
| ୨. | ପୂର୍ଣ୍ଣମାଳା ଦିଗଲ, ସ୍ୱା: ପ୍ରଦିମାନ ଦିଗଲ, ଅଲଙ୍ଗକୂପ, ଲୁମିନଗିଆ, ରାଇକିଆ / ୦୮୧୦୦୬୧୦୦୧୬୫୬୫ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୮.୫୦ |
| ୩. | ଚନ୍ଦନ ପ୍ରଧାନ, ପି: ରେଜିନା ପ୍ରଧାନ, ରାଙ୍ଗେଣିପାଟ, ଗୁନ୍ଧାଣି, ରାଇକିଆ / ୦୮୧୦୦୬୧୦୦୧୬୮୮୬ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୦୦ |
| ୪. | ସୁନେଲି ନାୟକ, ପି: ମାସେସ ନାୟକ, ପଡ଼ିଶିଳା, ରାଇକିଆ / ୦୮୧୦୦୬୧୦୦୧୩୦୬୯ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୧୧ |
| | **ବଡ଼ଖୋଲି ଶାଖା, ବଡ଼ଖୋଲି, ଭାୟା-ଆସ୍କା, ବ୍ରହ୍ମପୁର** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଫୋନ୍ ନଂ. ୭୭୪୯୦୦୦୮୭୮ | | |
| ୧. | ତ୍ରିଲୋଚନ ବାଡ଼ତ୍ୟା, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ / ୧୧୬୦୦୬୧୦୦୨୪୯୭୩ | ଟ. ୧,୩୪,୦୦୦/- + ଲାଗୁ ହୋଇନଥିବା ସୁଧ | ୪୬.୧୭ |
| ୨. | ତ୍ରିଲୋଚନ ବାଡ଼ତ୍ୟା, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ /୧୧୬୦୦୬୧୦୦୨୫୭୭୨ | ଟ. ୩୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୩୦ |
| | **ବିଦ୍ୟୁତ ମାର୍ଗ ଶାଖା, ବିଦ୍ୟୁତ୍ ମାର୍ଗ, ଶିକ୍ଷା ସୁଦ୍ଧା (ଓପିଇପିଏ), ୟୁନିଟ୍-୫, ଭୁବନେଶ୍ୱର** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. ୮୭୬୩୯୯୨୯୪୦ | | |
| ୧. | ଗୋଲେଖ ଚନ୍ଦ୍ର ସାହୁ, ପି: ଧନେଶ୍ୱର ସାହୁ, ଘର ନଂ. ୨ଆର୍ଏ-୨୮/୬, ଓଏମ୍‌ସି କଲୋନୀ, ୟୁନିଟ୍-୮, ଭୁବନେଶ୍ୱର/୨୦୭୪୦୬୧୦୦୧୩୨୩୬ | ଟ. ୮୧,୫୯୫/- + ଲାଗୁ ହୋଇନଥିବା ସୁଧ | ୨୯.୦୦ |
| | **କଲେଜ ଛକ ଶାଖା, କଲେଜ ଛକ, କଟକ** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଦିପ୍ତ ମିଶ୍ର, ଫୋନ୍ ନଂ. ୮୦୧୮୩୫୫୬୧୪ | | |
| ୧. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୨୨୭୪୦ | ଟ. ୬୬,୪୦୭/- + ଲାଗୁ ହୋଇନଥିବା ସୁଧ | ୨୩.୮୬ |
| ୨. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ /୦୨୪୫୦୬୧୦୦୧୪୭୬୯ | ଟ. ୬୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୦୭ |
| ୩. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୧୪୭୩୮ | ଟ. ୫୭,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୫୦ |
| ୪. | ରାଧାରାଣୀ ସାହୁ, ସ୍ୱା: ଲକ୍ଷଭୁଷଣ ସାହୁ, ତେଲିସାହି, ରାଣିହାଟ, କଟକ / ୦୨୪୫୦୬୧୦୦୧୯୦୧୬ | ଟ. ୪୮,୫୦୦/- + ଲାଗୁ ହୋଇନଥିବା ସୁଧ | ୧୫.୯୮ |
| ୫. | ଅଶୋକ କୁମାର ସ୍ୱାଇଁ, ପି: ସ୍ୱର୍ଗତଃ ରତ୍ନାକର ସ୍ୱାଇଁ, ସର୍ତ୍ତୋଲ, ନୂଆବଜାର, କଟକ / ୦୨୪୫୦୬୧୦୦୧୯୮୬୩ | ଟ. ୧,୫୪,୬୦୦/- + ଲାଗୁ ହୋଇନଥିବା ସୁଧ | ୪୬.୪୨ |
| ୬. | ପୁଷ୍ପଲତା ପରିଡ଼ା, ମାର୍ଫତ-ଅଶିତ କୁମାର ଜେନା, ନିଷ୍ପିପୁର, ଘାସିପୁଟ, ବାଙ୍କି, କଟକ / ୦୨୪୫୦୬୧୦୦୧୯୨୦୭ | ଟ. ୨,୬୦,୦୦୦/- + ଲାଗୁ ହୋଇନଥିବା ସୁଧ | ୭୬.୬୭ |
| | **ସାତପାଟଣା ଶାଖା, ସାତପାଟଣା, ଦଶପଲ୍ଲା, ନୟାଗଡ଼** ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପି. କେ. ମିଶ୍ର , ଫୋନ୍ ନଂ. ୯୧୨୩୮୧୭୭୪୮ | | |
| ୧. | ପିଙ୍କି ପ୍ରଧାନ, ସ୍ୱା: ସୁରେଶ ପରିଡ଼ା, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୬୫୫୭ | ଟ. ୪୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୨୦ |
| ୨. | ପ୍ରଭାତି ବାରିକ, ସ୍ୱା: ଦିପକ ବାରିକ, ଜଗପୁର ରୋଡ୍, ସିମିଳି ସାହି, ଦଶପଲ୍ଲା / ୦୪୦୦୦୬୧୦୦୨୭୦୩୫ | ଟ. ୬୮,୦୦୦/- + ଲାଗୁ ହୋଇନଥିବା ସୁଧ | ୨୬.୪୦ |
| ୩. | ଦୁଷ୍ମନ୍ତ ପ୍ରଧାନ, ପି: ପ୍ରାଣବନ୍ଧୁ ପ୍ରଧାନ, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୭୦୮୦ | ଟ. ୬୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୮୦ |
| ୪. | ରମେଶ ମଳିକ, ପି: କାଶିନାଥ ମଳିକ, ଉଦୁଦା, ପୋଖରୀଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୯୧୯୧ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୨୦ |
| ୫. | ଶାରସ୍ୱତ ନାୟକ, ପି: ଋଷି ନାୟକ, ଭାଗମୁଣ୍ଡା, ଜାମୁସାହି, ବାଣିଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୮୮୬୬ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୪୦ |
| ୬. | ଭରତ ନାଏକ, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୧୮୪୭୭ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୨.୪୦ |
| ୭. | ଭରତ ନାଏକ, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୨୦୩୪୦ | ଟ. ୨୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୩୦ |
| ୮. | ସୁଜାତା ଦାସ, ସ୍ୱା: ଅନନ୍ତ ଦାସ, ଆରସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୧୦୬୪ | ଟ. ୨୭,୬୧୪/- + ଲାଗୁ ହୋଇନଥିବା ସୁଧ | ୧୫.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର **୨୫%** ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତ ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୦୭.୨୦୨୨** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**


# ଦେବଗଡ଼ ପୌର ପରିଷଦରେ ଦୁର୍ନୀତି ଅଭିଯୋଗ କରି ବିକ୍ଷୋଭ

**ଦେବଗଡ଼ ୩୦।୭ (ଡି.ଏନ.ଏ.)**

ଦେବଗଡ଼ ପୌର ପରିଷଦରେ ମହାଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି ଜିଲା ଭାଜପା ଯୁବ ମୋର୍ଚ୍ଚା। ଜିଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଭୂତିଆଙ୍କ ନେତୃତ୍ୱରେ ବହୁ ଯୁବକ ପୌର ପରିଷଦରେ ବ୍ୟାପକ ଅନିୟମିତତା ତଥା ଚଞ୍ଚକତା କରାଯାଇ କାମ ହେଉଥିବା ନେଇ ଅଭିଯୋଗ କରିବା ସହ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବିକରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସହକାରୀ ଜିଲାପାଳ କୈବଲ୍ୟ କରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପୌର ପରିଷଦରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ କରି ୧୫ଦଫା ଦାବିରେ ଗତ ସୋମବାରଠାରୁ ଛଅ ଦିନ ହେବ ପୌର ପରିଷଦର ଉପାଧ୍ୟକ୍ଷ ଓ ୬ଜଣ କାଉନସିଲର ପୌର କାର୍ଯ୍ୟାଳୟରେ ଆମରଣ ଅନଶନରେ ବସିଛନ୍ତି। ଛଅ ଦିନ ହେବ ୭ଜଣ ନିର୍ବାଚିତ କାଉନସିଲର ଅନଶନରେ ବସିଥିବାବେଳେ ଶନିବାର ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ରାଜନୈତିକ ପାଣିପାଗକୁ ଗରମ କରିଦେଇଛି। ଅନ୍ୟପକ୍ଷରେ ନିକଟରେ ପୌର ପରିଷଦରେ ଅନିୟମିତତା ହୋଇଥିବା ନେଇ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ବିଧାନସଭାରେ ଉଠାଇ ଥିବାବେଳେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଆନ୍ଦୋଳନ କାଉନସିଲରଙ୍କ ଧାରଣା ସ୍ଥଳକୁ ଯାଇ ସମର୍ଥନ ଜ୍ଞାପନ କରିଥିଲେ।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଓଭରବ୍ରିଜ ନିର୍ମାଣ ପାଇଁ ଗଣଧାରଣା



**ରାଜଗାଙ୍ଗପୁର, ୩୦।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଯଥାଶିଘ୍ର ରେଳ ଓଭରବ୍ରିଜ ନିର୍ମାଣ ପାଇଁ ସହରର ରେଲୱେ ସାଇଡିଂ ନିକଟରେ ଶନିବାର ଗଣଧାରଣା ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କ ଦସ୍ତଖତ ଦ୍ୱାରା ଏକ ଦାବିପତ୍ର ସୁନ୍ଦରଗଡ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, ଦୀର୍ଘ ବର୍ଷ ଧରି ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ରାଜଗାଙ୍ଗପୁର ଜନସାଧାରଣ ଦାବି କରିଆସୁଛନ୍ତି। କିନ୍ତୁ ଦୁଃଖର କାରଣ ୪ବର୍ଷ ହେବ ମାତ୍ର ୪ଟି ପିଲାର ତିଆରି ହୋଇ ଫାଇଲ କେଉଁଠାରେ ଦବି ରହିଯାଇଛି। ଆଉ କାମ ଆଗେଇ ପାରୁନାହିଁ। ପ୍ରଶାସନର ଇଚ୍ଛା ଶକ୍ତି ନ ଥିବାର ଅଭିଯୋଗ ହୋଇଛି। ଏହାକୁ ଲକ୍ଷ୍ୟ କରି ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଗଣଧାରଣାରେ ସୂଚନା ଦିଆଯାଇଛି ଯେ, ଯଦି ଏକ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟକୁ ତ୍ୱରାନ୍ୱୀତ ନ କରାଯାଏ ତେବେ ଏହି ଗଣଧାରଣା ସପ୍ତାହ ପରେ ବ୍ୟାପକ ରୂପ ନେବ।

## ସର୍ଗିପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ବନ ମହୋତ୍ସବ

**ଲେଫ୍ରିପଡ଼ା,୩୦।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଏସ୍‌ଆରଡିଏମଏନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସର୍ଗିପାଲିର ଯୁବ ରେଡକ୍ରସ ପକ୍ଷରୁ ବନମହୋତ୍ସବ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଅଞ୍ଜଳୀ ଘୋଷ ଯୋଗଦାନ କରି ବୃକ୍ଷରୋପଣର ଆବଶ୍ୟକତା ଉପରେ ଉଦ୍‌ବୋଧନ ଦେଇ ଏଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁଧାକର ପାଣ୍ଡେ ଯୋଗଦେଇ ବନ ମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡକ୍ଟର ଭଗବାନ ପଟେଲ ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ବୃକ୍ଷ ଏବଂ ଜଙ୍ଗଲର ନିବିଡ ସମ୍ପର୍କକୁ ଉଲ୍ଲେଖ କରି ସାମ୍ପ୍ରତିକ ଜନସଂଖ୍ୟା ବୃଦ୍ଧି ଏବଂ ଦ୍ରୁତ ଶିଳ୍ପାୟନ ଯୋଗୁ ଜଙ୍ଗଲ ଧ୍ୱଂସ ହେଉଥିବାରୁ ଏବେ ମନୁଷ୍ୟ ସମାଜର ଜଳବାୟୁ ପରିବର୍ତ୍ତନ ଏବଂ ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଭଳି ବିରାଟ ସମସ୍ୟାର ସମ୍ମୁଖୀନ ହୋଇଛି। ଏଣୁ ଏହାର ପ୍ରତିକାର ପାଇଁ ଜଙ୍ଗଲ ସୃଷ୍ଟିକୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଥିଲେ। ପରେ ଅନୁଷ୍ଠାନ ପରିସରରେ ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା। ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଦିଲୀପ କୁମାର ଦେଓ, ସନାତନ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟା ଶ୍ରୀମତୀ ଘୋଷ କଲେଜର ଗେଟ ନିର୍ମାଣ ପାଇଁ ନିଜ ପାଣ୍ଠିରୁ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



ବନମହୋତ୍ସବ ପାଳନ କାର୍ଯ୍ୟକ୍ରମରେ ଅତିଥି, ଅଧ୍ୟାପକ, ଅଧ୍ୟକ୍ଷ।

## ରୁରାଲ ହାଉସିଂ ସହ ଅନ୍ୟ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବି

**କୁଆଁରମୁଣ୍ଡା,୩୦।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ରୁରାଲ ହାଉସିଂ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅସମ୍ପୂର୍ଣ୍ଣ ସରକାରୀ ଯୋଜନାଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବି ବୋଲି ଶୁକ୍ରବାର ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ତୃପ୍ତି ବରେଇ କହିଛନ୍ତି। ସେହିପରି ବ୍ଲକର ସହକାରୀ ନିର୍ବାହୀ ଅଧିକାରୀ, ମୁଖ୍ୟ କିରାଣୀଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କ ସହ ଉତ୍ତମ ସମନ୍ୱୟ ରଖି ପ୍ରତ୍ୟେକ କାର୍ଯ୍ୟର କିଭଳି ସଫଳ ରୂପାୟନ ହୋଇପାରିବ ସେ ଦିଗରେ ବିଶେଷ ଧ୍ୟାନ ଦେବି ବୋଲି ନୂତନ ବିଡିଓ ବରେଇ ଏହି ଅବସରରେ ସୂଚନା ଦେଇଛନ୍ତି। ନୂତନ ବିଡିଓ ବରେଇଙ୍କୁ ଏହି ଅବସରରେ ବ୍ଲକ କର୍ମଚାରୀ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା କେର୍କେଟା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦାଙ୍କ ସହ ଅନ୍ୟମାନେ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ପୁଷ୍ପଗୁଛ ଦେଇ ସ୍ୱାଗତ କରିଛନ୍ତି।


କୁଆଁରମୁଣ୍ଡା ବ୍ଲକର ନୂତନ ବିଡିଓ ତୃପ୍ତି ବରେଇ।

## ଖଣି ସମ୍ପ୍ରସାରଣ ବେଳେ ମନ୍ଦିର, ମସଜିଦ ପ୍ରଭାବିତ ହେବନି


ଖବରଦାତା ସମ୍ମିଳନୀରେ ଅଧିକାରୀ ସୂଚନା ଦେଉଛନ୍ତି।

**କୁତ୍ରା, ୩୦।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ପଞ୍ଚାୟତସ୍ଥିତ ତେଲିଘନାରେ ଥିବା ଶିବା ସିମେଣ୍ଟ ଅଧିକୃତ ଜେଏସ୍‌ଡବ୍ଲ୍ୟୁ କାରଖାନା ପରିସରରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେଲିଘଣା ଜିନ୍ଦଲ କାରଖାନା ମୁଖ୍ୟ ଅନିଲ ମିଶ୍ର ଖଡକୁରବାହାଲରେ ହେବାକୁ ଥିବା ଜମି ଅଧିଗ୍ରହଣ ନିମନ୍ତେ କରାଯାଇଥିବା ସାମାଜିକ ପ୍ରଭାବ ଆକଳନର ଚିଠା ବିବରଣୀ ସମ୍ବନ୍ଧେ ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଜରିଆରେ କାରଖାନା ମୁଖ୍ୟ ଅନିଲ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ଖଣି ସମ୍ପ୍ରସାରଣ ବେଳେ ଖଡକୁରବାହାଲସ୍ଥିତ କୌଣସି ମସଜିଦ, ମାଦ୍ରାସା, କବରସ୍ଥାନ, ମଜାର ପ୍ରଭାବିତ ହେବ ନାହିଁ। ଏସବୁ ମାଇନିଂ ଲିଜ ବାହାରେ ଅବସ୍ଥିତ ଅଛି। ଏହାଛଡା ମାଇନିଂ ଲିଜ ଭିତରେ ଥିବା ମନ୍ଦିରକୁ ମଧ୍ୟ ସ୍ଥାନାନ୍ତର କରାଯିବ ନାହିଁ। ଉପଜିଲାପାଳ ସୁନ୍ଦରଗଡଙ୍କୁ ପତ୍ର ମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ଜଣାଇଥିବା ଉପଜିଲାପାଳ ସୁନ୍ଦରଗଡ଼ଙ୍କ ପତ୍ର ସଂଖ୍ୟା ୫୭୩୯ ରେ ଉଲ୍ଲେଖ କରାଯାଇଛି। ଆଜିର ଏହି ଖବରଦାତା ସମ୍ମିଳନୀରେ କାରଖାନା ମୁଖ୍ୟ ଅନିଲ ମିଶ୍ର, ସିଏସ୍‌ଆର ମୁଖ୍ୟ ସଂଗ୍ରାମ ରାଉତ, ଭୀମ ଜେନ, ଅମରଦିପ ମହାନ୍ତି ଉପସ୍ଥିତ ଥିଲେ।


**UTKAL UNIVERSITY**
**M.TECH (IT)**
CENTER FOR IT EDUCATION
(Accredited A+ by NAAC) DEPARTMENT OF STATISTICS, UTKAL UNIVERSITY

**ADMISSION 2022-23**

Applications are invited for Admission for the 2 year Full time program on M.Tech in Information Technology in the Department for the Academic Session 2022-23 under PPP mode.

**ELIGIBILITY FOR ADMISSION**

(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(II) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level).

Candidates those who have appeared the final Examination/waiting for final result may provisionally be admitted in to M.Tech (IT) course, provided that such candidates shall submit their pass result & CLC before filling up forms for the 1st Semester Examination.

**IMPORTANT DATES**

**Last date of issue & submission of the application form 23.08.2022**
**Date of Entrance Test: 27.08.2022**

**Course Director, Centre for IT Education, M.TECH.(IT)**
**Department of Statistics, Utkal University,**
**Vani Vihar, Bhubaneswar-751004,**
**Tel: 0674 - 2567711 / 9438014469 / 6371615706**
**Website : www.citeutkal.com**
**e-mail : citeutkal@gmail.com / centreforiteducation@gmail.com**

**Chairman, P.G. Council**



**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR - 4**
(Accredited A+ by NAAC)
**NOTIFICATION**

**No.CPG/Aca/11/618/2022** | **Dated: 30.07.2022**

**ENTRANCE TEST & ADMISSION NOTIFICATION, 2022 - 23**

Utkal University, the mother University of Odisha invites online applications for admission into following Sponsored Courses for the session 2022-23. Students awaiting Final Degree results can also apply for the entrance tests for admission.

**Sponsored Courses**

| Name of the Course | Online Application Period | Date of Entrance Exam |
|---|---|---|
| 5 Years Integrated MBA | 02.08.2022 to 16.08.2022 | 21.08.2022 |
| Lateral Entry into IMBA | 02.08.2022 to 16.08.2022 | 21.08.2022 |
| 5 Years Integrated MCA | 02.08.2022 to 16.08.2022 | 21.08.2022 |
| 4 Years Integrated BA B.Ed | 02.08.2022 to 22.08.2022 | 28.08.2022 |
| B.Ed(Arts) & B.Ed (Science) | 02.08.2022 to 30.08.2022 | 04.09.2022 |
| M.Ed. | 02.08.2022 to 30.08.2022 | 06.09.2022 |

**NB:-**

- Candidates are required to submit hard copy of online application along with relevant documents on the date of Entrance Test in respective Departments.
- Admit cards indicating details of Date, time and venue of examination will be uploaded in University website three days before the entrance test.
- Details regarding admission and other related information can be obtained from Information Bulletin available in University website.

**How to apply**

Visit Utkal University website at **www.utkaluniversity.ac.in** for procedure of E-admission 2022-23, guidelines for Application and Fees etc.
Incase of any query write to- **helpdesk.uueadmission@gmail.com**

**NB: No admission shall be given to a candidate for any of the above Courses for the second time.**

**Chairman, P.G. Council**

# ବିଜେଡି-ଭାଜପା କାଉନ୍ସିଲର ଧସ୍ତାଧସ୍ତି



ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ ଶନିବାର ଭାଜପା ଓ ବିଜେଡି କାଉନ୍ସିଲରଙ୍କ ମଧ୍ୟରେ କଥା କଟାକଟି।

**ଢେଙ୍କାନାଳ ଅଫିସ, ୩୦।୭**

- ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟରେ ଉତ୍ତେଜନା
- ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ବିବାଦ ତେଜିଲା
- ପୌରାଧ୍ୟକ୍ଷାଙ୍କ ସ୍ୱାମୀ ଅଯଥା ହସ୍ତକ୍ଷେପ କରୁଛନ୍ତି: ଉପାଧ୍ୟକ୍ଷ
- ସହଯୋଗ କରୁନାହାନ୍ତି, ଉନ୍ନୟନ କାମ ଅଟକିବନି: ପୌରାଧ୍ୟକ୍ଷା

ଢେଙ୍କାନାଳ ପୌରାଞ୍ଚଳରେ ଭେଣ୍ଡିଂ ଜୋନ୍ ଆବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉଗ୍ରରୂପ ନେଇଛି। ଏହାକୁ ନେଇ ଶନିବାର ପୌରସଂସ୍ଥା କାର୍ଯ୍ୟାଳୟରେ ମୁହାଁମୁହିଁ ହୋଇଛନ୍ତି ବିଜେଡି ଏବଂ ଭାଜପା ଗୋଷ୍ଠୀ। ଉଭୟ ପକ୍ଷର କାଉନ୍ସିଲର ପରସ୍ପରକୁ ଆରୋପ, ପ୍ରତ୍ୟାରୋପ କରିବା ସହ ଗାଳିଗୁଲଜ କରିଥିଲେ, ଯାହାକୁ ନେଇ ଉତ୍ତେଜନା ବଢ଼ିଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସ୍ୱାମୀ ତଥା ଭାଜପା ନେତା ରାମଚନ୍ଦ୍ର ପାତ୍ର ପୌରସଂସ୍ଥାର ସମସ୍ତ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶ ଚନ୍ଦ୍ର କୁଅଁର ଅଭିଯୋଗ କରିଛନ୍ତି। ଅନ୍ୟପଟେ ପୌରାଧ୍ୟକ୍ଷା ଏହାର ପାଲଟା ଜବାବ ରଖିଛନ୍ତି। ସହର ବିକାଶରେ ବିଜେଡି ସହଯୋଗ କରୁନାହିଁ। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେମାନେ ଗଣ୍ଡଗୋଳ କରୁଛନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ଉନ୍ନୟନ କାମ ଅଟକିବନି ବୋଲି ସେ କହିଛନ୍ତି।

ପୌରସଂସ୍ଥା ପକ୍ଷରୁ ୨ନଂ. ୱାର୍ଡରେ ନିର୍ମିତ ଭେଣ୍ଡିଂ ଜୋନ୍‌ରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବାକୁ ଯୋଜନା କରାଯାଇଛି। ତେବେ ଭେଣ୍ଡିଂ ଜୋନ୍ ଆବଣ୍ଟନ ସମ୍ପର୍କରେ ସ୍ଥାନୀୟ ବିଜେଡି କାଉନ୍ସିଲର ଦୀପ୍ତିରଞ୍ଜନ ସେଠୀଙ୍କୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷ, ବିଜେଡି କାଉନ୍ସିଲରଙ୍କ ଉପସ୍ଥିତିରେ ଏ ନେଇ ସେ ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ନିକଟରେ ପ୍ରତିବାଦ କରିଥିଲେ। ଭେଣ୍ଡିଂ ଜୋନ୍ ବଣ୍ଟନ ସମ୍ପର୍କିତ ଫାଇଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିର୍ବାହୀ ଅଧିକାରୀ ଡାକି ଏ ସଂକ୍ରାନ୍ତର ସ୍ପଷ୍ଟୀକରଣ ଲୋଡ଼ିଥିଲେ। ପୌରାଧ୍ୟକ୍ଷାଙ୍କ ସ୍ୱାମୀ ତଥା ଭାଜପା ନେତା ରାମଚନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ କାର୍ଯ୍ୟ କରାଯାଇଥିବା ସମ୍ପୃକ୍ତ କର୍ମଚାରୀ କହିଥିଲେ। ଏହା ଜଣାପଡ଼ିବା ପରେ ଦୀପ୍ତିରଞ୍ଜନ ଫୋନ୍ କରି ରାମଚନ୍ଦ୍ରଙ୍କୁ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠକୁ ଡାକିଥିଲେ ଏବଂ ସ୍ଥାନୀୟ କାଉନ୍ସିଲରଙ୍କୁ ଅଣଦେଖା କରି କିପରି ଭେଣ୍ଡିଂଜୋନ୍ ଆବଣ୍ଟନ ତାଲିକା ପ୍ରସ୍ତୁତ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉପାଧ୍ୟକ୍ଷ ଘଟଣାରେ ହସ୍ତକ୍ଷେପ କରି କହିଥିଲେ, ପୌରାଧ୍ୟକ୍ଷା ଜଣେ ନିର୍ବାଚିତ ପ୍ରତିନିଧି। ସେ ନିଜେ ନିଷ୍ପତ୍ତି ନେଇପାରିବେ। କିନ୍ତୁ ତାଙ୍କ ସ୍ୱାମୀ ପୌର କାର୍ଯ୍ୟାଳୟକୁ ବାରମ୍ବାର ଆସି ବିଭିନ୍ନ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି, ଯାହା ଅନୁଚିତ। ଉପାଧ୍ୟକ୍ଷଙ୍କ ଏପରି ମନ୍ତବ୍ୟ ପରେ ସେଠାରେ ଉପସ୍ଥିତ ଭାଜପା କାଉନ୍ସିଲର ଏହାର ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ବିଜେଡି ଓ ଭାଜପା କାଉନସିଲରଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗାଳିଗୁଲଜ ଆରମ୍ଭ ହୋଇଯାଇଥିଲା। ନିର୍ବାହୀ ଅଧିକାରୀ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ସଂକ୍ରାନ୍ତରେ ଉପାଧ୍ୟକ୍ଷ କୁହନ୍ତି, ଭେଣ୍ଡିଂ ଜୋନ୍ ଆବଣ୍ଟନ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆଲୋଚନାବେଳେ ରାମଚନ୍ଦ୍ର ପାତ୍ର ଏବଂ ବାହାରର ୨ଜଣ ଲୋକ ପହଞ୍ଚି ବିଜେଡି କାଉନ୍ସିଲର ଦୀପ୍ତିରଞ୍ଜନଙ୍କୁ ଗାଳିଗୁଲଜ କରିଥିଲେ। ରାମଚନ୍ଦ୍ର ଅଯଥା ହସ୍ତକ୍ଷେପ କରୁଥିବାରୁ ବିକାଶ କାର୍ଯ୍ୟରେ ବାଧା ଉପୁଜୁଛି। ଆଗକୁ ଏହା ଜାରି ରହିଲେ ତୀବ୍ର ପ୍ରତିବାଦ କରାଯିବ। ରାମଚନ୍ଦ୍ର କୁହନ୍ତି, ଭେଣ୍ଡିଂ ଜୋନ୍‌ରେ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ଅଗ୍ରାଧିକାର ଦିଆଯାଉଛି। ଏଥିପାଇଁ କମିଟି ଗଠିତ ହୋଇଛି। ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆଲୋଚନା ବେଳେ ବିପକ୍ଷ ଦଳର କାଉନ୍ସିଲର ତୁମେ କିଏ ବୋଲି ପଚାରିଲେ। ମୁଁ କେହି ନୁହେଁ କି ଏଥିରେ କୌଣସି କାର୍ଯ୍ୟ କରିନାହିଁ ବୋଲି କହିଥିଲି। ପୌରାଧ୍ୟକ୍ଷା ପୌରସଂସ୍ଥା ସହ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛନ୍ତି। ଏହାପରେ ସେମାନେ ଅସମ୍ମାନ କରିଥିଲେ। ପୂର୍ବରୁ ଅନ୍ୟ ମହିଳା କାଉନ୍ସିଲର ମଧ୍ୟ ସେମାନଙ୍କ ସ୍ୱାମୀଙ୍କ ସହ ପୌରସଂସ୍ଥାକୁ ଆସି କାର୍ଯ୍ୟ କରିଛନ୍ତି ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ପୌରାଧ୍ୟକ୍ଷା କୁହନ୍ତି, ଗଣ୍ଡଗୋଳ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ବିପକ୍ଷ ଗୋଷ୍ଠୀ ତାଙ୍କ ସହ ଅଦ୍ୟାବଧି ଦେଖା କରୁନାହାନ୍ତି କି ଆଲୋଚନା କରୁନାହାନ୍ତି। ସେ ନିଜକୁ କୌଣସି ଦଳର ବୋଲି ଭାବୁନାହାନ୍ତି। ଢେଙ୍କାନାଳବାସୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ସମସ୍ତଙ୍କ ସହଯୋଗରେ କାମ କରିବାକୁ ଚାହୁଁଛନ୍ତି। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ କାଉନସିଲରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ। ଅପରପକ୍ଷେ ଘଟଣା ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ ଅବଗତ ହେବାପରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନ୍ସିଲରଙ୍କ ସହ ଆଲୋଚନା ପାଇଁ ସୋମବାର ଏକ ବୈଠକ ଡାକିଛନ୍ତି। ଅନ୍ୟପଟେ ଉପାଧ୍ୟକ୍ଷ ଟାଉନ ଥାନାରେ ରାମଚନ୍ଦ୍ର ପାତ୍ରଙ୍କ ସମେତ ୪ଜଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୌରସଂସ୍ଥାରେ ବାରମ୍ବାରେ ଭାଜପା ଓ ବିଜେଡି କାଉନ୍ସିଲରଙ୍କ ମଧ୍ୟରେ ବିବାଦ ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସାଧାରଣରେ ଆଲୋଚନା ହେଉଛି ।

## ଜୟନାରାୟଣ ବିରୋଧୀ ଦଳ ନେତା

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ସମ୍ବଲପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟ ନରାୟଣ ମିଶ୍ର ବିରୋଧୀ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବିଧାୟକ ଦଳର ବୈଠକରେ ତାଙ୍କୁ ସର୍ବ ସମ୍ମତିକ୍ରମେ ବିଧାୟକ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। । ଦଳର କେନ୍ଦ୍ରୀୟ ସହପ୍ରଭାରୀ ବିଜୟ ପାଲ ସିଂ ତୋମର ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ବିଜୟପାଲ ସିଂ ଏହି ଘୋଷଣା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଭାଜପା ବିଧାୟକ ଦଳ ନେତା ପ୍ରଦୀପ୍ତ ନାଏକ କୋଭିଡ ସଂକ୍ରମିତ ହୋଇ ଦୀର୍ଘ ଦିନ ଧରି ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥ ଥିବା କାରଣରୁ ତାଙ୍କ ପକ୍ଷେ ଏହି ଗୁରୁଦାୟିତ୍ୱ ନିର୍ବାହ ସମ୍ଭବ ହେଉ ନ ଥିବାରୁ ପ୍ରଦୀପ୍ତ ବିଧାୟକ ଦଳ ନେତା ପଦବୀରୁ ଇସ୍ତଫା ଦେଇଥିଲେ। ଏହି ଭାର କାହାକୁ ଦିଆଯିବ ସେ ନେଇ ଗତ କିଛି ଦିନ ଧରି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା । ଶେଷରେ ବିଧାୟକ ଦଳ ନେତା ଭାବେ ଜୟନାରାୟଣଙ୍କ ନାମକୁ ସର୍ବସମ୍ମତି କ୍ରମେ ସମସ୍ତ ବିଧାୟକ ଚୟନ କରିଥିଲେ। ସେ ବିଧାନସଭାରେ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇବେ।

## ଇସ୍ତଫା ଦାବି କଲା ଶିବସେନା

### ମହାରାଷ୍ଟ୍ର ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ବିବାଦ



ଭଗତ ସିଂ କୋଶିୟାରୀ



ଉଦ୍ଧବ ଠାକ୍‌ରେ

**ମୁମ୍ବାଇ,୩୦।୭:** ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟରେ ରାଜନୈତିକ ଝଡ଼ ଦେଖାଦେଇଛି। ଶିବସେନା ତାଙ୍କର ଇସ୍ତଫା ଦାବି କରିଛି। ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହିନ୍ଦୁମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରୁଥିବା ରାଜ୍ୟପାଳ ମରାଠୀମାନଙ୍କୁ କ୍ଷମା ମାଗନ୍ତୁ ବୋଲି ଉଦ୍ଧବ ଦାବି କରିଛନ୍ତି। କୋଶ୍ୟାରି ଘରକୁ ବିଦା ହେବେ କି ଜେଲ୍ ଯିବେ ତାହା ବିଚାର କରିବା ସମୟ ଆସୁଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏହିବିବାଦ ମଧ୍ୟରୁ ନିଜକୁ ଦୂରେଇ ରଖିଛନ୍ତି।

ରାଜ୍ୟପାଳ କୋଶ୍ୟାରି ଶୁକ୍ରବାର ଉଦ୍‌ବୋଧନ ଦେବାବେଳେ କହିଥିଲେ ମହାରାଷ୍ଟ୍ରରୁ ବିଶେଷ କରି ମୁମ୍ବାଇ ଓ ଠାଣେରୁ ଗୁଜରାଟୀ ଓ ରାଜସ୍ଥାନୀମାନେ ପଳାଇଗଲେ ଏହାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବ। ମୁମ୍ବାଇ ଦେଶର ଅର୍ଥନୈତିକ ରାଜଧାନୀ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଏହା ରାଜ୍ୟପାଳଙ୍କ ବ୍ୟକ୍ତିଗତ ମନ୍ତବ୍ୟ ଏବଂ ଏହାକୁ ସେ ସମର୍ଥନ କରନ୍ତି ନାହିଁ ବୋଲି ଏକନାଥ କହିଛନ୍ତି। କୋଶିୟାରୀ ସାମ୍ବିଧାନିକ ପଦବୀରେ ଥିବାରୁ ତାଙ୍କର କାର୍ଯ୍ୟ କିମ୍ବା ମନ୍ତବ୍ୟ ଯେପରି ଅନ୍ୟମାନଙ୍କୁ ଅପମାନିତ ନ କରେ ସେଥିପ୍ରତି ଯତ୍ନବାନ ହେବା ଉଚିତ। ମୁମ୍ବାଇର ବିକାଶ ଓ ପ୍ରଗତିରେ ମରାଠୀମାନଙ୍କ କଠିନ ପରିଶ୍ରମର ଅବଦାନ ରହିଛି। ମୁମ୍ବାଇରେ ସାରା ଦେଶରୁ ଲୋକେ ରହୁଥିଲେ ହେଁ ମରାଠୀମାନେ ସେମାନଙ୍କ ପରିଚୟ ଓ ଗୌରବ ବଜାୟ ରଖିଛନ୍ତି। ସେମାନଙ୍କୁ ଅପମାନିତ କରାଯିବ ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ରାଜ୍ୟପାଳଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ସେ ମରାଠୀ ଜନତାଙ୍କ କଠିନ ପରିଶ୍ରମକୁ ଅପମାନିତ କରିଛନ୍ତି'। ରାଜ୍ୟରେ ଭାଜପା ପ୍ରାୟୋଜିତ ମୁଖ୍ୟମନ୍ତ୍ରୀ କ୍ଷମତାକୁ ଆସିବା ପରେ ମରାଠୀଙ୍କୁ ଅପମାନିତ କରାଯାଉଛି ବୋଲି ରାଉତ ଟୁଇଟ୍ କରିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ ଏବଂ ସଚିନ ସାୱନ୍ତ ରାଜ୍ୟପାଳଙ୍କ ମନ୍ତବ୍ୟର ସମାଲୋଚନା କରିଛନ୍ତି।

## ବିହାରରେ ନଡ୍ଡାଙ୍କୁ ଘେରାଉ



**ପାଟନା,୩୦।୭:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ବିହାରରେ ବିରୋଧ କରାଯାଇଛି। ସେ ଏକଦା ପଢୁଥିବା ପାଟନା କଲେଜକୁ ଶନିବାର ଆସିଥିବାବେଳେ ଅଖିଳ ଭାରତୀୟ ଛାତ୍ର ସଂଗଠନ (ଏଆଇଏସ୍‌ଏ) କର୍ମୀମାନେ ତାଙ୍କୁ ଘେରାଉ କରି 'ନଡ୍ଡା ଫେରିଯାଅ' ବୋଲି ସ୍ଲୋଗାନ ଦେଇଥିଲେ। ସେମାନେ ଜାତୀୟ ଶିକ୍ଷା ନୀତି ପ୍ରତ୍ୟାହାର ଦାବି କରିବା ସହ ପାଟନା ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ଦେବା ଲାଗି କହିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଭାଜପା ନେତୃବୃନ୍ଦ କହିଛନ୍ତି। ବିକ୍ଷୋଭକାରୀଙ୍କୁ ପୋଲିସ ସୁଯୋଗ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ-ଭାଜପା ମେଣ୍ଟ ସରକାରରେ ଫାଟ ବଢୁଥିବା ପୁଣିଥରେ ସ୍ପଷ୍ଟ ହୋଇଛି।

## ମହେନ୍ଦ୍ର ଭଟ୍ଟ ଉତ୍ତରାଖଣ୍ଡ ଭାଜପା ମୁଖ୍ୟ

**ଡେରାଡୁନ୍,୩୦।୭:** ଉତ୍ତରାଖଣ୍ଡରେ ଭାଜପା ନୂଆ ପ୍ରଦେଶ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଛି। ଗତ କିଛି ଦିନ ହେଲା ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ନୂତନ ରାଜ୍ୟ ଅଧ୍ୟକ୍ଷଙ୍କ ନାମକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ଶନିବାର ଦଳ କେବଳ ଉତ୍ତରାଖଣ୍ଡର ରାଜ୍ୟ ଅଧ୍ୟକ୍ଷ ଭାବେ ମହେନ୍ଦ୍ର ଭଟ୍ଟଙ୍କୁ ନିଯୁକ୍ତ କରିଛି। ଭାଜପା ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂ ଏ ନେଇ ଏକ ଚିଠି ଜାରି କରିଛନ୍ତି।


**GOVT. OF ODISHA**
**PANCHAYATI RAJ AND DRINKING WATER DEPARTMENT**
**PANCHAYAT SAMITI, JODA**

**No.i-70:**The Block Development Officer, Joda invites sealed percentage rate tenders Vide Letter No: 2435, Dt.28.07.2022 in single cover system on behalf of Govt. of Odisha from registered and eligible class of "B" & "C" civil contractor of the state for Total 1 nos. of Project under NHM. The Date of sale of Tender Paper is From Dt.29.07.2022 to 12.08.2022 and Last date of receipt of Tender Paper is up to Dt.12.08.2022 till 2.00PM. The Tender Application and other details will be available from the website http//:www.kendujhar.nic.in and from the DTCN. The interested contractors are requested to download the details of tender and apply as per the terms and conditions laid down in the Bid Document.

Sd./- Block Development Officer, Joda
OIPR-19122/11/0003/2223

vimsarsuptd@gmail.com
**OFFICE OF THE SUPERINTENDENT**
**V.S.S.INSTITUTE OF MEDICAL SCIENCES & RESEARCH, BURLA:SAMBALPUR**
E.mail: vimsarsuptd@gmail.com
No.________/VIMSAR Dated:
**CORRIGENDUM TO THE TENDER CALL NOTICE NO.9602/ VIMSAR DTD.15-07-2022**

**No.E-353:**The tender as called in this office Tender Call Notice No.9602/VIMSAR dtd. 15-07-2022 for supply of Patient Trolley (SS) will be treated as Patient Trolley (MS). All other terms & conditions mentioned will be remained unaltered. The detail of this tender call notice No.9602/VIMSAR dtd.15-07-2022 is available in the Dist website www.sambalpur.nic.in.

Sd./- Superintendent
OIPR-11056/11/0018/2223 VSS Inst.of Med.Sc. & Research, Burla

**JAJPUR MUNICIPALITY, JAJPUR**
**QUOTATION CALL NOTICE**
No.2803/ Date:29.07.2022

**No.C-901:**Sealed quotations are invited from the Registered Firms/Bidders/Agencies/Govt. Firms for purchases of the items are detailed below.

1. **Electrical Equipments & Materials etc for Kusuma and different parks.**
2. **Tractor & BOV Vehicle Front & rear Tyre & Tube & Battery.**
3. **Inverter with Battery for Mahasamsan, Aadhaar Centre & MCC & etc.**

The intending bidders satisfying the eligible criteria as provided in the quotation paper can take part in the bidding process. The quotation paper containing general bid information's, terms & conditions will be issued from the office of the undersigned w .e. f 30.07.2022 to 08.08.2022 in the working days & hours respectively towards cost of quotation paper on payment of cash of Rs. 4000/-(Four Thousand) for item serial no 01 and Rs.1000 (One Thousand) for respectively item serial no 02 and also Rs.500/- (Five Hundred) for items serial no 03. The same will be received on or before 08.08.2022 up to 5.00P.M which shall be opened on 10.08.2022 at 4.00 A.M. All other terms and conditions are mentioned in the quotation schedule.

The authority reserves the right to reject or cancel the Notice without assigning any reason thereof.

Sd./- Executive Officer, Jajpur Municipality
OIPR-13171/11/0006/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.O-759: No.3168/Date 28.07.2022
**"e" Procurement Notice for Bridge Work under Biju Setu Yojana for the 2022-23**

| | | | |
|---|---|---|---|
| 1 | Name of the Work | : | Bridge Work under Biju Setu Yojana (Balance Work) |
| 2 | Total No. of Packages | : | 02 Nos. of Bridge Works |
| 3 | Estimated Cost of the Package | : | Varies from Rs.334.56 lakhs to Rs.619.20 lakhs |
| 4 | Class of Contractor | : | |
| | a) Estimated cost more than Rs. 3.00 crores up to Rs.6.00 Crores | | A Class & Special class (of Odisha PWD) or relevant class of other licensing authorities |
| | b) Estimated cost more than Rs. 6.00 crores up to Rs.15.00 Crores | | Special Class & Super class (of Odisha PWD) or relevant class of other licensing authorities |
| 5 | Period of completion | : | As mentioned in Column-7 of Annexure |
| 6 | Offered rates by bidder | : | The offered rate by the contractor shall be excluding GST, |
| 7 | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C. 24 of 2022 | 08.08.22 at 11.00 A.M. | 22.08.22 upto 5.00 P.M. | 23.08.22 upto 11.00 A.M. | To be intimated lateron |

Further details can be seen from the website www.tendersodisha.gov.in.
OIPR-25082/11/0019/2223 Sd./- Chief Construction Engineer, Central Rural Works Circle, Bhubaneswar

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS DIVISION, RAIRANGPUR (MAYURBHANJ)**
E-mail ID: - eerwrairangpur@yahoo.com
Letter No.2980// Date:28.07.22
**"e" Procurement Notice for Road Works, Bid Identification No - RWDRRP - 07 / 2022-23**

**No.O-760:**1.Name of the work : Construction of RCC drain with cover slab and paver block ODR to Pahadpur road (chainage 3/360 to 3/510 km) in the district of Mayurbhanj for the year 2022-23. 2.Estimated Cost : From Rs. 35.00 lakhs (approximately). 3.Class of Contractor : "C" & "B" Class or relevant Class of works license. 4. Period of Completion : 01 (One calendar months). 5.Tender Paper Cost : Rs.6000/- . The details are as follows.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/O. S.E.,R.W. Division, Rairangpur, Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W. Division, Rairangpur | RWDRRP-07/2022-23 | 01.08.2022 at 11.00 A.M. | 09.08.2022 upto 5.00 P.M. | 08.08.2022 upto 5.00 P.M. | 10.08.2022 at 11.30 A.M. |

Further details can be seen from the website www.tendersodisha.gov.in.
Sd./-Er.D.Behera
OIPR-25107/11/0012/2223 Superintending Engineer, R.W.Division, Rairangpur

OHPC
**ODISHA HYDRO POWER CORPORATION LTD.**
(A Gold Rated State PSU)
O/O. Sr. General Manager, Rengali Hydro Electric Project
P.O.Rengali Dam Site, Pin-759105, Dist-Angul (Odisha)
Tel:06760-277214, Fax: 06760-277324, e-mail:sgmel500@gmail.com
No. RHEP/C & P/PUR-III-166/ 5270 Date:29.07.2022
**NOTICE INVITING TENDER NO. RHEP-31/2022-23**

**No.CAD-1284:**Sealed tenders are invited in two part i.e. (i) Techno Commercial bid and (ii) Price bid in separate sealed envelopes from reputed firm/Agency/Supplier.

| Sl. No. | Description of Services | Cost of tender paper (non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Consumable materials for Rengali Power House | Rs.2,360/- (Rs.2,000/-+ GST @ 18%) | In Lieu of EMD, Bid security declaration form to be submitted | From dtd.30.07.2022 to dtd.08.08.2022 upto 03.30 PM | Dtd.08.08.22 upto 04.00 PM | Dt.08.08.22 at 04.45 PM |

For details and further correspondecne/corrigendum, please visit our website www.ohpcltd.com.
OIPR-04022/11/0042/2223 Sd./- C & P Head, RHEP, Rengali

**e-Procurement Notice for Building & Road Works Identification No. 07/SERW/BLS/2022-23**
No.O-757:

1. Name of the Work : Buildings & Roads. 2. Total No. of Works : 19 Nos. 3. Estimated Cost: Estimated Cost Rs.2.65 Lakh to 39.78 Lakh. 4. Class of Contractor : 'D', 'C', & 'B' Class. 5. Time of Completion : 1 Month (One Calendar Month). 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 07/SERW/BLS/2022-23 | 02.08.2022 at 11.00 A.M. | 10.08.2022 upto 5.00 P.M. | 10.08.2022 upto 1.00 P.M. | 12.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0007/2223

**ମାଡ୍ରିଡ୍:** ମୁଁ ଟାଏ ପିନ୍ଧୁ ନାହିଁ, ମୋ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ମଧ୍ୟ ଟାଏ ନ ପିନ୍ଧିବା ପାଇଁ କହିଛି। ଏକଥା କହିଛନ୍ତି ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍। ରାଜଧାନୀ ମାଡ୍ରିଡ୍‌ରେ ଏକ ରାଜନୈତିକ ରାଲିକୁ ଉଦ୍‌ବୋଧନ ଦେବାବେଳେ ସାନ୍‌ଚେଜ୍ ଏ କଥା କହିଛନ୍ତି। ଟାଏ ନ ପିନ୍ଧିବା ଦ୍ୱାରା ବିଦ୍ୟୁତ୍ ବଞ୍ଚାଯାଇପାରିବ। ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନଙ୍କୁ ବିନା ଟାଏରେ କାମ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଲୋକଙ୍କୁ କମ୍ ଗରମ ହେବ ଏବଂ ସେମାନେ ବିଦ୍ୟୁତିକ ଉପକରଣ ବ୍ୟବହାର କମାଇଦେବେ। ଫଳରେ ସେମାନେ ଶକ୍ତି ସଂରକ୍ଷଣରେ ଏକ ପ୍ରକାର ସହଯୋଗ କରିବେ ବୋଲି ସେ କହିଛନ୍ତି। ସାନ୍‌ଚେଜ୍‌ଙ୍କ କ୍ୟାବିନେଟ୍ ଅଗଷ୍ଟ ୧ରେ ଏନର୍ଜି ଏଫିସିଏନ୍ସି ଏବଂ ସେଭିଙ୍ଗ୍‌ସ ପ୍ରୋଗ୍ରାମ୍ ବିଲ୍‌କୁ ପାରିତ କରିବାକୁ ଯାଉଛନ୍ତି।


ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡ଼ାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଘର ବିକିଲେ ଜାହ୍ନବୀ

ମୁମ୍ବାଇ

ହିନ୍ଦୀ ଚଳଚ୍ଚିତ୍ର ନାୟିକା ଜାହ୍ନବୀ କପୁର ମୁମ୍ବାଇ ଜୁହୁରେ ଥିବା ତାଙ୍କର ଲଗ୍‌ଜୁରୀ ଆପାର୍ଟମେଣ୍ଟକୁ ୪୪ କୋଟିରେ ବିକ୍ରି କରିଛନ୍ତି। କୌଣସି ବିଲ୍ଡର କିମ୍ବା ଇଣ୍ଡଷ୍ଟ୍ରି ବାହାରର ବ୍ୟକ୍ତି ଏହି ଘରକୁ କିଣି ନାହାନ୍ତି। ବଲିଉଡ୍‌ର ଜଣାଶୁଣା ଅଭିନେତା ରାଜକୁମାର ରାଓ ଏହି ଘର କିଣିଥିବା ଖବର ପ୍ରକାଶ ପାଇଛି। ତେବେ ଜାହ୍ନବୀ ଏହି ଘରକୁ ୨୦୨୦ରେ ୩୯ କୋଟି ଟଙ୍କାରେ କିଣିଥିଲେ। କିନ୍ତୁ ଏହାକୁ ସେ ୪୪ କୋଟି ଟଙ୍କାରେ ବିକ୍ରି କରିଥିବା କୁହାଯାଉଛି। ୩,୪୫୬ ବର୍ଗଫୁଟ ପରିମିତ ଜାଗାରେ ଏହି ଘର ଅବସ୍ଥିତ । ଏହି ଲଗ୍‌ଜୁରିୟସ୍ ଘରେ ସବୁ ପ୍ରକାର ସୁବିଧା ଥିବା କୁହାଯାଉଛି। ତେବେ ଜାହ୍ନବୀ କ'ଣ ପାଇଁ ଘର ବିକିଛନ୍ତି ସେ ନେଇ କୌଣସି ଖବର ପ୍ରକାଶ ପାଇନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁସରରେ ସେ ବର୍ତ୍ତମାନ ରିଲିଜ୍ ହେବାକୁ ତିବା ଗୁଡ୍ ଲକ୍ ଜେରୀର ପ୍ରମୋଶନ୍‌ରେ ବ୍ୟସ୍ତ ଅଛନ୍ତି।



# ଟମାଟୋ ଖାଇ ମହିଳାଙ୍କ ମୃତ୍ୟୁ

ମୁମ୍ବାଇ

ମୁମ୍ବାଇରେ ଘଟିଯାଇଛି ଏକ ଅଜବ ଘଟଣା। ଟମାଟୋ ଖାଇ ରେଖା ନିଶାଦଙ୍କ ଜୀବନ ଚାଲିଯାଇଛି। ଖବରଟି ଅଜବ ଲାଗିଲେ ମଧ୍ୟ ସତ। ମହିଳା ଜଣଙ୍କ ମୂଷା ମାରିବା ପାଇଁ ଟମାଟୋରେ ମୂଷାମାରି ଦେଇ ରଖିଥିଲେ। ଭୁଲବଶତଃ ସେହି ଟମାଟୋକୁ ରେଖା ନୁଡୁଲ୍ସ ତିଆରି କଲାବେଳେ ପକେଇଥିଲେ। ଫଳରେ ମୂଷାମାରି ଟମାଟୋ ଖାଇ ମହିଳା ପ୍ରାଣ ହରାଇଛନ୍ତି। ନୁଡୁଲ୍ସ ଖାଇବା ପରେ ରେଖାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା ଫଳରେ ଘରଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ

୰ବିଜୟ କୁମାର ପଟ୍ଟନାୟକ
ଖୁସୀ କ୍ଲାସିକ୍ ଆପାର୍ଟମେଣ୍ଟ, ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ : ତା.୨୧.୦୨.୧୯୪୮
ତିରୋଧାନ : ତା.୧୦.୦୮.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା ।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାର ବର୍ଗ
ଧ-୧୧୪୦

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ରଜନୀ ଦେବୀ
ପୁରୁଣା ଭୁବନେଶ୍ୱର
ଋହୁଁ ଋହୁଁ ଆଠ ବର୍ଷ ବିତିଗଲା। ତୋର ସେଇ ହସ ଆଜି ବି ଶୁଣିପାରୁଛୁ ଆମ ଋରିପଟେ। ତୁ କୁଆଡ଼େ ଋଲିଗଲୁ। ତତେ ଜାଣିଥିବା ସମସ୍ତେ ଦେଖାହେଲେ ତୋରି କଥା ହିଁ କହୁଛନ୍ତି। ତୋ ପାଇଁ ଆମେ ଗର୍ବିତ। ଯେଉଁଠି ଥିଲେ ବି ଖୁସିରେ ଥାଆ, ଏମିତି ହସୁଥାଆ।
ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁ, ପରିବାରବର୍ଗ ଓ
ଉମା ଫ୍ରେମିଙ୍ଗ୍ ସେଣ୍ଟର
ଅଶୋକନଗର, ଭୁବନେଶ୍ୱର
ଧ-୧୧୫୫

ଦ୍ୱାଦଶାହ ଉପଲକ୍ଷେ

୰ପର୍ଶୁରାମ ଦାସ
ଆବିର୍ଭାବ: ୦୧।୧୦।୧୯୩୭
ତିରୋଧାନ: ୨୦।୦୭।୨୦୨୨
ତୁମର ଶୂନ୍ୟସ୍ଥାନ ଚିର ଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ କରୁଣାମୟ ଆବେଦନ।
ଶୋକସନ୍ତପ୍ତ ପରିବାରବର୍ଗ:-
ପୁତ୍ର: ଇଂ. ଶୁପ୍ରଭାତ କୁମାର ଦାସ, ପୁତ୍ରବଧୂ: ସୁଦିପ୍ତା, ଦୀପ୍ତିରେଖା, ଜ୍ୱାଇଁ: ସଞ୍ଜୟ, ତ୍ରିଲୋଚନ, ଝିଅ: ମମି, ଝୁନା, ନାତି: ରୋନକ, ରୋହନ, ଦେବାଶିଷ, ଯଶ୍, ତ୍ରୀବେନ୍ଦମ୍, ନାତୁଣୀ: ସୋନି, ପ୍ରଜ୍ଞା, ସୁପ୍ରିୟା ।
ଧ-୧୧୨୬



# ନିଆରା ଚିତ୍ରଶିଳ୍ପୀ

ଚିତ୍ରାଙ୍କନ ଏକ କଳା। ଏହାଦ୍ୱାରା କାନ୍‌ଭାସ୍‌ରେ ପ୍ରତିଫଳିତ ହୋଇଥାଏ ଚିତ୍ରକରଙ୍କ ପରିକଳ୍ପନା ଆଉ ତାହା ହିଁ ଦେଇଥାଏ ତାଙ୍କ ସୃଜନଶୀଳତାର ପରିଚୟ। ତେବେ ଏମିତି କେତେଜଣ ଚିତ୍ରକର ଅଛନ୍ତି, ଯାହାଙ୍କ ଭିନ୍ନଶୈଳୀର ଚିତ୍ରକଳା ତାଙ୍କୁ କରିଥାଏ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ଏଭଳି କେତେଜଣ ନିଆରା ଯୁବ ଚିତ୍ରକରଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...


ଯତୀନ୍

**ପ୍ରାକୃତିକ ରଙ୍ଗରେ ଶୃଙ୍ଗାର ରସ:** ଭରତମୁନୀଙ୍କ ରଚିତ ନାଟ୍ୟଶାସ୍ତ୍ରରେ ନବରସ ମଧ୍ୟରୁ ଶୃଙ୍ଗାର ରସ ହେଉଛି ଅନ୍ୟତମ। ଏହି ଶୃଙ୍ଗାର ରସକୁ ନେଇ କବି, ଔପନ୍ୟାସିକ, ଗାଳ୍ପିକ, ଚିତ୍ରଶିଳ୍ପୀ, ଲେଖକ ନିଜ ନିଜ କଥାବସ୍ତୁରେ ଲେଖନୀରେ ଜୀବନ୍ୟାସ ଦିଅନ୍ତି। ଆଉ ନିଜ ଚିତ୍ରକଳାରେ ଏହି ଶୃଙ୍ଗାର ରସକୁ ଜୀବନ୍ତ ରୂପେ ପ୍ରସ୍ଫୁଟିତ କରିପାରିଛନ୍ତି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଧନିଶୋ ଗ୍ରାମର ପ୍ରେମଲତା ଏବଂ ନାଗେଶ୍ୱର ସାଉଙ୍କ ପୁଅ ପ୍ରସନ୍ନ କୁମାର। ବିଭିନ୍ନ କାବ୍ୟ କବିତା, ଗଳ୍ପ, ପୌରାଣିକ କଥାବସ୍ତୁ ତଥା ସାମାଜିକ ଜୀବନଶୈଳୀକୁ ଆଧାର କରି ଚିତ୍ରମାନ ସବୁ ଆଙ୍କୁଛନ୍ତି। ଯେଉଁଥିରେ ଭାରତୀୟ କାବ୍ୟ, କବିତା, ଲାଳିତ୍ୟ, ଅଙ୍ଗଭଙ୍ଗୀ ଆଦି ପ୍ରତିଫଳିତ ହୁଏ। ତେବେ ତାଙ୍କ ଚିତ୍ରଗୁଡ଼ିକର ବିଶେଷତ୍ୱ ହେଉଛି ସେ ବ୍ୟବହାର କରୁଥିବା ବିଭିନ୍ନ ପ୍ରାକୃତିକ ରଙ୍ଗ। ସେ କୁହନ୍ତି, ମାର୍କେଟ୍‌ରେ ମିଳୁଥିବା କେମିକାଲ୍‌ଯୁକ୍ତ ରଙ୍ଗ ପରିବର୍ତ୍ତେ କିପରି ନିଜେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିପାରିବି, ତା'କୁ ନେଇ ବିଭିନ୍ନ ବହି, ଇଣ୍ଟରନେଟ୍ ଆଦିରୁ ରିସର୍ଚ୍ଚ କରିବା ପରେ ପୋଇ ଶାଗ ଏବଂ ମଞ୍ଜି, ବିଟ୍, ପାଳଙ୍ଗ, ଜୟନ୍ତି, କୋଶଳା ଶାଗ, କଫି ମଞ୍ଜି, ପଳାଶ ଫୁଲ, ଜାମୁକୋଳି, ହଳଦୀ ଆଦିରୁ ବିଭିନ୍ନ ରଙ୍ଗ ପ୍ରସ୍ତୁତ କରୁଛି। ଏହି ଅର୍ଗାନିକ୍ ରଙ୍ଗରେ ପ୍ରସ୍ତୁତ ଚିତ୍ର ଅପେକ୍ଷାକୃତ ଉଜ୍ଜ୍ୱଳ, ଦୀର୍ଘସ୍ଥାୟୀ। ନାଟ୍ୟଶାସ୍ତ୍ର ଅନୁସାରେ ଶୃଙ୍ଗାର ରସର ଦେବତା ହେଉଛନ୍ତି ଭଗବାନ୍ ବିଷ୍ଣୁ। ଯାହା ତାଙ୍କର କମନୀୟ ରୂପରେଖ, ସ୍ମିତହାସ୍ୟ ମୁଖମଣ୍ଡଳ, ଲାଳିତ୍ୟ, ବସ୍ତ୍ର ପରିପାଟୀ, ଆଭୂଷଣ, ଅଙ୍ଗଭଙ୍ଗୀରୁ ଦେଖିବାକୁ ମିଳେ। ମୁଖ୍ୟତଃ ଶୃଙ୍ଗାର ରସ ଭାରତୀୟ ଚିତ୍ରକଳା– ଟେମ୍ପୋରା ପେଣ୍ଟିଂ, କାଙ୍ଗରା ମିନିଏଚର ପେଣ୍ଟିଂ, ରାଜସ୍ଥାନୀ ମିନିଏଚର ପେଣ୍ଟିଂରେ ବିଶେଷ ଭାବେ ଦେଖିବାକୁ ମିଳେ। ଏହି ପୁରାତନ ଚିତ୍ରକଳାରୁ ଅନେକ ପ୍ରେରଣା ପାଇ ପ୍ରାକୃତିକ ରଙ୍ଗ ବ୍ୟବହାର କରି କଣ୍ଟେମ୍ପରାରୀ ବା ଆଧୁନିକ ଶୈଳୀରେ ଏଭଳି ଚିତ୍ର ଆଙ୍କୁଛି, ଯାହାକି ମୋତେ ଅଧିକ ଲୋକପ୍ରିୟତା ଦେଇଛି' ବୋଲି କୁହନ୍ତି ପ୍ରସନ୍ନ କୁମାର। ତେବେ ପ୍ରସନ୍ନଙ୍କ ଏଭଳି ପେଣ୍ଟିଂ ପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ଏହି ସୁନ୍ଦର ଚିତ୍ରାଙ୍କନ ଲାଗି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ସେ ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ପ୍ରସ୍ତୁତ ଚିତ୍ରକଳା କେବଳ ଓଡ଼ିଶାରେ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛି। ଭବିଷ୍ୟତରେ ନିଜ ଚିତ୍ରକଳାକୁ ନେଇ କିଛି ନୂଆ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ପ୍ରସନ୍ନ।

**ଡିବିରି ଧୂଆଁରେ ଅଙ୍କିତ ଚିତ୍ର ଲାଗେ ଜୀବନ୍ତ:** ତାଙ୍କ ହାତରେ ନା ଥାଏ ପେନ୍‌ସିଲ୍, ରଙ୍ଗ ନା ରଙ୍ଗତୂଳୀ, ହେଲେ ତାଙ୍କ ଅଙ୍କିତ ବିନା ରଙ୍ଗର ଚିତ୍ର ଦେଖିବାକୁ କିଛି କ୍ଷଣ ଅଟକିଯାଏ ଆଖି। ତେବେ କାନ୍‌ଭାସ୍ ଉପରେ ଜୀବନ୍ତ ଲାଗୁଥିବା ଏହି ଚିତ୍ରସବୁ ଆଙ୍କିବାକୁ ସେ ବ୍ୟବହାର କରନ୍ତି ଡିବିରି ଧୂଆଁ। ଏଭଳି ଏକ ନିଆରା ଚିତ୍ରକଳା ସ୍ମୋକ୍ ଆର୍ଟକୁ ପ୍ରସ୍ତୁତ କରି ବେଶ୍ ଲୋକପ୍ରିୟତା ହାସଲ କରିଥିବା ଚିତ୍ରଶିଳ୍ପୀ ହେଉଛନ୍ତି କଟକ ଝାଞ୍ଜିରିମଙ୍ଗଳାରେ ରହୁଥିବା ବାସନ୍ତି ଏବଂ ଗୟାଧର ବିଶ୍ୱାଳଙ୍କ ପୁଅ ଦୀପକ। ପିଲାବେଳୁ ଚିତ୍ରାଙ୍କନରେ ତାଙ୍କର ରୁଚି ରହିଥିଲା, ହେଲେ ଏତେ ସୁଯୋଗ ମିଳି ନ ଥିଲା। ଧୀରେ ଧୀରେ ଚିତ୍ରକୁ ନେଇ କିଛି ଏକ୍ସପେରିମେଣ୍ଟ କରିବାକୁ ଚେଷ୍ଟା କରିଥିଲେ ଏବଂ ସ୍ମୋକ୍ ଆର୍ଟ ଭଳି ଏକ ନିଆରା ପ୍ରୟାସ ଆରମ୍ଭ କରିଥିଲେ। ମହାପ୍ରଭୁ ଜଗନ୍ନାଥ, ବଡ଼ଦେଉଳ, ଗୌତମ ବୁଦ୍ଧ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହାତ୍ମା ଗାନ୍ଧୀ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରମୁଖଙ୍କ ସ୍ମୋକ୍ ଆର୍ଟ କରି ସେ ଅନେକ ପ୍ରଶଂସା ସାଉଁଟିଛନ୍ତି। ତେବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଚିତ୍ର କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କ ଅଙ୍କିତ ଚିତ୍ରଗୁଡ଼ିକୁ ସେ କଲର ଏକ ମ୍ୟାଜିସ୍ କା, ପିହୁ, ଘର କି ରାନୀ, ଅମୃତ, ମଧୁରାତି, ପରିଭାଷା ଭଳି ବିଭିନ୍ନ ନାମକରଣ କରିଛନ୍ତି। ତେବେ କେବଳ ଡିବିରିଧୂଆଁ, ଧଳା କାଗଜ, ସରୁ ପିନ୍, ତୁଳା ଏବଂ ପାରା ପର ବ୍ୟବହାର କରି ସେ ଚିତ୍ରଗୁଡ଼ିକୁ ଜୀବନ୍ତ ରୂପ ଦେଇ ପାରୁଛନ୍ତି। ସେ କୁହନ୍ତି, ଅନେକ ଚିତ୍ରଶିଳ୍ପୀ ସୁନ୍ଦର ସୁନ୍ଦର ଚିତ୍ର କରୁଥିବାର ଦେଖିଲେ ଖୁସିଲାଗେ। ହେଲେ ନିଜେ ଏହାକୁ ନେଇ କିଛି ଭିନ୍ନ କରିବାକୁ ସର୍ବଦା ଚାହୁଁଥିଲି। ତେଣୁ ଏହି ନୂଆ ଚିନ୍ତାଧାରା ମନକୁ ଆସିଲା। ବିନା ପ୍ରଶିକ୍ଷଣରେ କେବଳ ୟୁଟ୍ୟୁବ୍ ଦେଖି ଏଭଳି ଚିତ୍ର ଆଙ୍କିବା ପରେ ଦର୍ଶକଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଲା। ଭାରତରେ ଏହି କଳାର ଏତେଟା ପ୍ରସାର ପ୍ରଚାର ନ ଥିବାରୁ ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ନିଆରା କଳାକୁ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟ ରଖି ପ୍ରୟାସ ଜାରି ରଖିଛି। ଭବିଷ୍ୟତରେ ନିଜର ଏକ ଆର୍ଟ ସ୍କୁଲ୍ କରି ପିଲାମାନଙ୍କୁ ଏହି କଳା ଶିକ୍ଷା ଦେବକୁ ଇଚ୍ଛା ରଖିଛି।


ଦୀପକ










ପ୍ରସନ୍ନ

**ଚକୋଲେଟ୍ ପେଣ୍ଟିଂ ଦେଇଛି ପରିଚୟ:** ଚକୋଲେଟ୍ ଖାଇବାକୁ କିଏବା ଭଲ ନ ପାଏ! ହେଲେ ସେ କିନ୍ତୁ ଅଲଗା। ତାଙ୍କୁ ଖାଇବା ଅପେକ୍ଷା ଚକୋଲେଟ୍ ବ୍ୟବହାର କରି ପେଣ୍ଟିଂ କରିବାରେ ମିଳେ ଅପାର ଆନନ୍ଦ। ଆଉ ଏହି ଅଭିନବ ପ୍ରୟାସ ହିଁ ତାଙ୍କୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି କଟକ ଜିଲା ଚୌଦ୍ୱାରରେ ରହୁଥିବା ମା' ଲିଲି ଏବଂ ବାପା ସୁକାନ୍ତ ତରାଇଙ୍କ ପୁଅ ଯତୀନ୍। ସ୍କୁଲ୍‌ରେ ପଢ଼ିବା ବେଳୁ ହିଁ ସେ ଖୁବ୍ ସୁନ୍ଦର ଚିତ୍ର ଆଙ୍କି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲେ। ଧୀରେ ଧୀରେ ପେନ୍‌ସିଲ୍ ସ୍କେଚ୍ ଏବଂ ଅଏଲ୍ ପେଣ୍ଟିଂରେ ସେ ନିଜର ଦକ୍ଷତା ପ୍ରତିପାଦନ କରିପାରିଲେ। ହେଲେ ପେଣ୍ଟିଂକୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବାକୁ ତାଙ୍କର ଇଚ୍ଛା ଥିଲା। ତେଣୁ ସେ ଏଥିପାଇଁ ରଙ୍ଗ ବଦଳରେ ବାଛି ନେଇଥିଲେ ଚକୋଲେଟ୍। ଆଉ କାନ୍‌ଭାସ୍ ଉପରେ ଆଙ୍କିଥିଲେ ନିଜ ଫେଵରେଟ୍ କ୍ରିକେଟର ଏମ୍‌ଏସ୍ ଧୋନୀଙ୍କ ଚିତ୍ର, ଯାହାକୁ ଦେଖି ତାଙ୍କ ପାଖକୁ ଛୁଟିଥିଲା ପ୍ରଶଂସାର ସୁଅ। ସେହି ସମୟରେ ତାଙ୍କ ମୁଣ୍ଡରେ ପେଣ୍ଟିଂ କରିବାର ନିଶା ଏତେ ଘାରିଥିଲା ଯେ, ସେ ବି.ଟେକ୍. ପାଠପଢ଼ା ଅଧାରୁ ଛାଡ଼ି ଦେଇଥିଲେ। ସେ କୁହନ୍ତି, ପେଣ୍ଟିଂ ମୋର ନିଶା। ଯଦିଓ ଏଥିପାଇଁ କୌଣସି ତାଲିମ ନେଇନାହିଁ, ତଥାପି ଏହାକୁ ନେଇ କିଛି ସବୁବେଳେ ଏକ୍ସପେରିମେଣ୍ଟ କରିଆସିଛି। ତେବେ ଚକୋଲେଟ୍ ପେଣ୍ଟିଂ ମୋତେ ଅଧିକ ଲୋକପ୍ରିୟତା ଦେଇପାରିଛି। ଏହା ବ୍ୟତୀତ ରିଏଲିଷ୍ଟିକ୍ ପେନ୍‌ସିଲ୍ ସ୍କେଚ୍‌ରେ ମୋର ବିଶେଷ ଆଗ୍ରହ ରହିଛି। ଜଣେ ବନ୍ଧୁଙ୍କ ସହ ମିଶି ଏକ ୱେବ୍‌ସାଇଟ୍ କରି ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଗ୍ରାହକଙ୍କ ନିକଟକୁ ପେଣ୍ଟିଂ କରି ପଠାଇ ପାରୁଛି। ଭବିଷ୍ୟତରେ ସୁଯୋଗ ଅଭାବରୁ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଅଧିକରୁ ଅଧିକ ଚିତ୍ରକରଙ୍କୁ ନିଜ କଳା ପ୍ରଦର୍ଶନ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି।' ଏଭଳି ନିଆରା ଚିତ୍ରକଳା କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି ଯତୀନ୍।

–ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ ଦ୍ୱାରା ନ୍ୟାଶନାଲ୍ ଗେମ୍ସ ୨୦୨୨...... ଠାରେ ଆୟୋଜନ କରାଯିବ ?
୨– ୱାର୍ଲ୍ଡ ୟୁଏଫ୍‌ଓ ଡେ' .......... ତାରିଖରେ ପାଳନ କରାଯାଏ ?
୩– ଭାରତର ନ୍ୟାଶନାଲ କଞ୍ଜ୍ୟୁମର ହେଲ୍ପଲାଇନ୍ ନମ୍ବର ............ ?
୪– ଭିକ୍ଟୋରିଆ ବୋଲିଭିଆନା ଏକ .............. ପ୍ରଜାତିର ନାମ ?
୫– ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ରିପୋର୍ଟ ............ ପକ୍ଷରୁ ପ୍ରକାଶ ପାଇଥାଏ ?

## ଗତ ଥରର ଉତ୍ତର

୧ ପାଟଳିପୁତ୍ର
୨ ଅର୍ଜୁନ
୩ କାଶ୍ମୀର
୪ ଲୁଇସ୍ ଫିସର୍
୫ ଦକ୍ଷିଣ ଆଣ୍ଡାମାନ

## ଉତ୍ତରଦାତା


ଶିବ ପ୍ରସାଦ ସାହୁ, ନୟାଗଡ଼


କିଶୋର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଅଧିକ ବ୍ୟବହୃତ କ୍ୟାମେରା ବ୍ରାଣ୍ଡ–୨୦୨୨



୧........ କ୍ୟାନନ୍
୨........ ସୋନି
୩........ ନିକନ୍
୪........ ଫୁଜିଫିଲ୍ମସ୍
୫........ ପାନାସୋନିକ୍
୬........ ଲିକା
୭ ........ ପେଣ୍ଟାକ୍ସ
୮........ ହାସେଲ୍‌ବ୍ଲାଡ୍
୯........ ଓଲିମ୍ପସ୍
୧୦........ କୋଡାକ୍

ୟୁଥ୍ ଆଲର୍ଟ

## ରାତିରେ ନିଦ ହେଉ ନ ଥିଲେ

*ସୁସ୍ଥ ଜୀବନଶୈଳୀ ପାଇଁ ଭଲ ନିଦ ନିହାତି ଦରକାର। କିନ୍ତୁ ବର୍ତ୍ତମାନର ଅଧିକାଂଶ ଯୁବପିଢ଼ିଙ୍କଠାରେ କାର୍ଯ୍ୟ ଚାପ ହେଉ ଅବା ଅନ୍ୟାନ୍ୟ କାରଣରୁ ନିଦ୍ରାହୀନତା ଏକ ପ୍ରମୁଖ ସମସ୍ୟା ପାଲଟିଛି। ଅପରପକ୍ଷେ ଏହା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି। ତେଣୁ ରାତିରେ ଭଲ ନିଦ ପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ...*



- ଦିନଯାକର ଥକାପଣ ଦୂର କରିବା ଲାଗି ଭଲ ଭାବେ ଗୋଡ଼ହାତ ଧୋଇ ଶୋଇବାକୁ ଯାଆନ୍ତୁ। ଗାଧୋଇବା ଦ୍ୱାରା ମଧ୍ୟ କେବେକେବେ ଆରାମଦାୟକ ନିଦ ହୋଇଥାଏ। ଆବଶ୍ୟକ ହେଲେ ଶୋଇବାକୁ ଯିବା ପୂର୍ବରୁ ଗାଧୋଇ ପଡ଼ନ୍ତୁ। ଦେଖିବେ, ଆପଣଙ୍କୁ ରିଲାକ୍ସ ଫିଲ୍ ହେବା ସହ ଭଲ ନିଦ ହେବ।
- ମନରେ କୌଣସି ଟେନ୍‌ସନ୍ ଥିଲେ ମଧ୍ୟ ନିଦ ହେବା କଷ୍ଟ। ତେଣୁ ମନରୁ ଏହାକୁ ଦୂର କରିବାକୁ ଚେଷ୍ଟା କରନ୍ତୁ। ଶୋଇବା ପୂର୍ବରୁ କିଛି ସମୟ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ, ସ୍ଲୋ ମ୍ୟୁଜିକ୍ ଶୁଣନ୍ତୁ, ଖୁସି ଦେଉଥିବା ପୁରୁଣା ଘଟଣାଗୁଡ଼ିକୁ ମନେପକାନ୍ତୁ। ଦେଖିବେ ଏପରି କରିବା ଦ୍ୱାରା ଆପଣଙ୍କ ମନ ହାଲୁକା ହୋଇଯିବ ଏବଂ ନିଦ ଆସିବ।
- ଶୋଇବାକୁ ଯିବା ବେଳେ ଲାଇଟ୍ ଅଫ୍ କରିଦିଅନ୍ତୁ। ନଚେତ୍ ଆଖିରେ ଲାଇଟ୍ ପଡ଼ି ନିଦ ବାରମ୍ବାର ଭାଙ୍ଗିପାରେ।
- ବେଡ୍‌ରୁମ୍‌ରେ ଅଧିକ ଗରମ କିମ୍ବା ଥଣ୍ଡା ଲାଗିଲେ ବି ନିଦ ପ୍ରଭାବିତ ହୋଇଥାଏ। ଶୋଇବାକୁ ଯିବା ପୂର୍ବରୁ ବେଡରୁମ୍‌ର ଟେମ୍ପରେଚର କମ୍ଫର୍ଟେବଲ୍ ରଖିବା ଲାଗି ଫ୍ୟାନ୍ କିମ୍ବା ଏସି ଲଗାନ୍ତୁ।
- ଶୋଇବା ପୂର୍ବରୁ ମୋବାଇଲ୍, ଟିଭି, ଲାପଟପ୍ ଆଦି ଇ–ଗ୍ୟାଜେଟ୍ସକୁ ସୁଇଚ୍ ଅଫ୍ କରନ୍ତୁ। କାରଣ ଏହାର ଲାଇଟ୍ ଏବଂ ରେଡିଏଶନ୍ ଆପଣଙ୍କ ନିଦ୍ରାରେ ପ୍ରଭାବ ପକାଇଥାଏ।
- ନିଦ ଆସିବା ପାଇଁ ମନ ପସନ୍ଦର ବହି ପଢ଼ିପାରିବେ। ଏହାଦ୍ୱାରା ମାଇଣ୍ଡ ରିଲାକ୍ସ ହେବ ଏବଂ ନିଦ ଭଲ ହେବ।
- ଭଲ ନିଦ ହେବା ପାଇଁ ଧ୍ୟାନ, ଯୋଗ କିମ୍ବା ବ୍ରେଥିଙ୍ଗ୍ ଏକ୍ସରସାଇଜ୍ କରିପାରିବେ। ଏହା ଶରୀରକୁ ଫୁର୍ତ୍ତି ଯୋଗାଇବା ସହ ପର୍ଯ୍ୟାପ୍ତ ନିଦ୍ରା ହେବାରେ ସାହାଯ୍ୟ କରିବ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଳମ୍ବିତ ରାତ୍ରିଭୋଜନ ଅଭ୍ୟାସ ଥିଲେ ତୁରନ୍ତ ଦୂର କରନ୍ତୁ ଏବଂ ସୁଷମ ଖାଦ୍ୟାଭ୍ୟାସ ରଖନ୍ତୁ। ଏହାଦ୍ୱାରା ଗ୍ୟାସ୍, ଯେତେ ସମ୍ଭବ ଚା, କଫି, ମଦ, ସିଗାରେଟ୍ ଇତ୍ୟାଦି ସେବନଠାରୁ ଦୂରେଇ ରୁହନ୍ତୁ। କାରଣ ଏହାସବୁ ନିଦ୍ରାହୀନତାର ପ୍ରମୁଖ କାରଣ।



ଜାଣନ୍ତୁ ଦୁନିଆ



## ଏହି ଦେଶରେ ଭାରତୀୟଙ୍କୁ ଲୋଡ଼ା ନାହିଁ ଭିଜା

ବିଦେଶ ଭ୍ରମଣ କରିବା ଅନେକଙ୍କ ସ୍ୱପ୍ନ। ଆଉ ଏଥିପାଇଁ ଲୋଡ଼ାହୁଏ ଭିଜା। ହେଲେ ଆପଣ ଜାଣନ୍ତିକି ଏମିତି କେତେକ ଦେଶ ରହିଛି, ଯେଉଁଠାରେ ବୁଲିବା ଲାଗି ଭାରତୀୟଙ୍କୁ ଆବଶ୍ୟକ ହୁଏ ନାହିଁ ଭିଜା। ଜାଣିବା ଏ ସମ୍ପର୍କରେ...



**୧. ନେପାଳ:** ଭାରତର ପଡ଼ୋଶୀ ଦେଶ ନେପାଳରେ ରହିଛି ପଶୁପତିନାଥ ମନ୍ଦିର, ପୋଖରା, ଅନ୍ନପୂର୍ଣ୍ଣା ମାସିଫ୍‌ଠାରୁ ଆରମ୍ଭ କରି ଏଭରେଷ୍ଟ ପର୍ଯ୍ୟନ୍ତ ଅନେକ ପର୍ଯ୍ୟଟନ ସ୍ଥାନ। ଯାହାକୁ ଦେଖିବା ଲାଗି ବିଭିନ୍ନ ଦେଶ ସହ ଆମ ଦେଶରୁ ମଧ୍ୟ ଅନେକ ପର୍ଯ୍ୟଟକ ସେଠାକୁ ଯାଆନ୍ତି। ତେବେ ଜାଣନ୍ତିକି, ନେପାଳ ସହିତ ଆମ ଦେଶର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବାରୁ ୧୯୫୦ ମସିହାରେ 'ଇଣ୍ଡୋ–ନେପାଳ ଟ୍ରିଟି ଅଫ୍ ପ୍ରିସ୍ ଆଣ୍ଡ ଫ୍ରେଣ୍ଡଶିପ୍' ଗଠନ କରାଯାଇଥିଲା। ଏହା ଅନୁଯାୟୀ ସେଠାକୁ ଯିବା ଲାଗି ଭାରତୀୟଙ୍କୁ ଭିଜା ଆବଶ୍ୟକ ହୋଇ ନ ଥାଏ।

**୨. ମରିସସ୍:** ଏସିଆ ମହାଦେଶର ସୁନ୍ଦର ଦେଶଗୁଡ଼ିକ ମଧ୍ୟରେ ମରିସସ୍‌ର ନାମ ରହିଛି। ଏଠାରେ ଥିବା ଏକାଧିକ ମନୋରମ ସି'ବିଚ୍, ୱାଟର ଫଲ୍ ଏବଂ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହା ବ୍ୟତୀତ ସେଠାକାର ୱାଟର ସ୍ପୋର୍ଟ୍ସ ମଧ୍ୟ ସଭିଙ୍କ ଲାଗି ଅନ୍ୟତମ ଆକର୍ଷଣ। ଏହି ଦେଶ ସହ ଭାରତର ଭଲ ସମ୍ପର୍କ ଥିବାରୁ ସେଠାକୁ ବୁଲିଯିବା ଲାଗି ଭିଜାର ଆବଶ୍ୟକତା ପଡ଼େନି। କେବଳ ପାସ୍‌ପୋର୍ଟ ଦେଖାଇ ସେଠାରେ ୬୦ ଦିନ ପର୍ଯ୍ୟନ୍ତ ରହିବାକୁ ଅନୁମତି ମିଳିଥାଏ।

**୩. ଭୁଟାନ୍:** ଦକ୍ଷିଣ ଏସୀୟ ଦେଶ ଭୁଟାନ୍ ହିମାଳୟ ପାଦ ଦେଶରେ ଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ସେଠାରେ ଥିବା ପାରୋ ତକ୍‌ସାଙ୍ଗ, ପୁନାଖା ଜୋଙ୍ଗ, ତାସିଛୋ ଜୋଙ୍ଗ, ରିନ୍‌ପଙ୍ଗ ଜୋଙ୍ଗ ଆଦି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷଣ କରିଥାଏ। ଏହି ଦେଶକୁ ବୁଲିଯିବା ପାଇଁ ମଧ୍ୟ ଭାରତୀୟଙ୍କୁ ଭିଜାର ଆବଶ୍ୟକତା ପଡ଼ି ନ ଥାଏ। ସେଠାରେ ପାସ୍‌ପୋର୍ଟ, ଭୋଟର ଆଇଡି କିମ୍ବା ଆଧାରକାର୍ଡ ଭଳି ପ୍ରମାଣ ପତ୍ର ହିଁ ଯଥେଷ୍ଟ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩୧ ଜୁଲାଇ, ୨୦୨୨ Sambalpur, Sunday, July 31/2022

# ଗୁରୁରାଜା ଜିତିଲେ ବ୍ରୋଞ୍ଜ ପଦକ

**ବର୍ମିଂହାମ୍, ୩୦।୭(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୬୧କେଜି କାଟେଗୋରିରେ ଗୁରୁରାଜା ପୂଜାରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରୋତ୍ତୋଳନରେ ଏହା ହେଉଛି ଭାରତର ଦ୍ୱିତୀୟ ପଦକ। ପୂର୍ବରୁ ସଙ୍କେତ ସର୍‌ଗର୍ ପୁରୁଷ ୫୫କେଜି କାଟେଗୋରିରେ ରୌପ୍ୟ ପଦକ ହାସଲ କରିସାରିଛନ୍ତି। ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଜିତିଥିବା ଗୁରୁରାଜା ମୋଟ ୨୬୯କେଜି (୧୧୮କେଜି+ ୧୫୧କେଜି) ଉତ୍ତୋଳନ କରି ତୃତୀୟ ହୋଇଥିଲେ। ମାଲେସିଆର ଅଜ୍‌ନିଲ ବିନ୍ ବିଦିନ୍ ମହମଦ ୨୮୫କେଜି (୧୨୭+୧୫୮) ଉତ୍ତୋଳନ ସହ ଗେମ୍ସ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପାପୁଆ ନ୍ୟୁଗିନିର ମୋରିଆ ବାରୁ ମୋଟ ୨୭୩କେଜି (୧୨୧+୧୫୨କେଜି) ଓଜନ ଉଠାଇ ରୌପ୍ୟ ଜିତିଥିଲେ।



ବ୍ରୋଞ୍ଜ ପଦକ ସହ ଗୁରୁରାଜା ପୂଜାରୀ।

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

### ସ୍କ୍ୱାଶ: ଭାରତର ସର୍ବକନିଷ୍ଠ ଆଥ୍‌ଲେଟଙ୍କ ବିଜୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ସର୍ବକନିଷ୍ଠ ଆଥ୍‌ଲେଟ ୧୪ ବର୍ଷୀୟ ସ୍କ୍ୱାଶ ଖେଳାଳି ଅନାହତ ସିଂ ବିଜୟ ସହ ମହିଳା ସିଙ୍ଗଲ୍ସରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନାହତ ସେଣ୍ଟ ଭିନ୍‌ସେଣ୍ଟର ଜାଡା ରସ୍‌ଙ୍କୁ ୧୧-୫, ୧୧-୨, ୧୧-୦ରେ ହରାଇ ଦେଇଛନ୍ତି। ଅନାହତଙ୍କର ଏହା ହେଉଛି ପ୍ରଥମ ସିନିୟର ଟୁର୍ନାମେଣ୍ଟ। ଚଳିତବର୍ଷ ୧୫ ବର୍ଷରୁ କମ୍ ସ୍ତରରେ ଏସିଆନ ଜୁନିୟର ସ୍କ୍ୱାଶ ଓ ଜର୍ମାନ ଓପନ ଜିତିବା ପରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଥିଲା।



ଶ୍ରୀଲଙ୍କା ବିପକ୍ଷ ମିକ୍ସଡ ଡବଲ୍ସ ବ୍ୟାଡ୍‌ମିଣ୍ଟନ ମ୍ୟାଚ ଜିତିବା ପରେ ଭାରତର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବାମ) ଓ ମାଚିମାଣ୍ଡା ପୋନାପ୍ପା।

### ନକ୍‌ଆଉଟରେ ବ୍ୟାଡ୍‌ମିଣ୍ଟନ ଦଳ

ଶ୍ରୀଲଙ୍କା ବିପକ୍ଷରେ ୫-୦ର ବିଜୟ ସହିତ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିଛି ଭାରତ। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୫-୦ରେ ହରାଇଥିବା ଦଳ ଶନିବାର ମଧ୍ୟ ସମାନ ବ୍ୟବଧାନରେ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମିକ୍ସଡ୍ ଟିମ୍ ବର୍ଗରେ ଆରେନା ବର୍ମିଂହାମରେ ଖେଳାଯାଇଥିବା ମୁକାବିଲାକୁ ଅନାୟାସରେ ଜିତି ନେଇଥିଲା ଭାରତ। ଅଶ୍ୱିନୀ ପୋନାପ୍ପା ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡ଼ି ସଚିନ ଡିଆସ୍-ଥିଲିନି ହେଣ୍ଡାହେୱାଙ୍କୁ ୨୧-୧୪ ଓ ୨୧-୧୯ରେ ପରାସ୍ତ କରିଥିଲା। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ସେନ୍ ଭେଟେରାନ୍ ନିଲୁକା କରୁଣାରତ୍ନେଙ୍କୁ ୨୧-୧୮ ଓ ୨୧-୫ରେ ପରାସ୍ତ କରିଥିଲେ।

ଆକର୍ଷୀ କାଶ୍ୟପ ୨୧-୩ ଓ ୨୧-୯ ସେଟ୍‌ରେ ବିଦରା ସୁଶାନୀ ବିଡାନାଗେଙ୍କୁ ପରାସ୍ତ କରି ଭାରତକୁ ୩-୦ରେ ଅଗ୍ରଣୀ ପ୍ରଦାନ କରିଥିଲେ। ବି. ସୁମିତ ରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟୀ ହେବା ସହ ଭାରତର ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେ। ୨୧-୧୦ ଓ ୨୧-୧୩ ସେଟ୍‌ରେ ଦୁମିନ୍ଦୁ ଆବେୱିକ୍ରମା-ସଚିନ୍ ଡିଆସଙ୍କୁ ପରାସ୍ତ କରିଥିଲେ। ଦିନର ଅନ୍ତିମ ମୁକାବିଲାରେ ମହିଳା ଡବଲ୍ସ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଓ ଟ୍ରିସା ଜୋଲ୍ଲି ବିଜୟୀ ହେବା ସହିତ ଭାରତ କ୍ଲିନ୍ ସୁଇପ୍ କରିଥିଲା। ଭାରତୀୟ ଯୋଡ଼ି ୨୧-୧୮ ଓ ୨୧-୬ ସେଟ୍‌ରେ ବିଦରା ସୁଶାନୀ ବିଡାନାଗେ-ଥିଲିନି ହେଣ୍ଡାହେୱା ଯୋଡ଼ିକୁ ପରାସ୍ତ କରିଥିଲା।

### ଚିନାପ୍ପା, ଘୋଷାଲ ପ୍ରି-କ୍ୱାର୍ଟରରେ

ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜୋସ୍ନା ଚିନାପ୍ପା ଓ ସୌରଭ ଘୋଷାଲ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଚିନାପ୍ପା ଓ ଘୋଷାଲ ସମାନ ୩-୦ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଉଭୟେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଚିନାପ୍ପା ବାର୍ବାଡୋସ୍‌ର ମିଗାନ ବେଷ୍ଟଙ୍କୁ ହରାଇ ଦେଇଛନ୍ତି। ୧୮ଥର ଜାତୀୟ ଚାମ୍ପିୟନ ୧୧-୮, ୧୧-୯, ୧୨-୧୦ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୩୫ ବର୍ଷୀୟ ଘୋଷାଲ ଶ୍ରୀଲଙ୍କାର ଶାମିଲ୍ ୱାକିଲ୍‌ଙ୍କୁ ୧୧-୪, ୧୧-୪, ୧୧-୬ରେ ହରାଇ ଦେଇଛନ୍ତି।

### ସୁଇମିଂ: ନଟରାଜ ଫାଇନାଲରେ

ଭାରତୀୟ ସନ୍ତରଣକାରୀ ଶ୍ରୀହରି ନଟରାଜ ପୁରୁଷ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୫୪:୫୪ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ୨୧ବର୍ଷୀୟ ଏହି ସନ୍ତରଣକାରୀ ତାଙ୍କ ହିଟ୍‌ରେ ଚତୁର୍ଥ ଏବଂ ଓଭରାଲ ୭ମ ସ୍ଥାନ ସହ ରବିବାର ହେବାକୁଥିବା ପଦକ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଉଭୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାର ପିଟର କୋଜି ସବୁଠାରୁ ଦ୍ରୁତତମ ଥିଲେ। ତାଙ୍କର ଟାଇମିଂ ୫୩.୬୭ ସେକେଣ୍ଡ ରହିଥିଲା। ବେଙ୍ଗାଲୁରୁର ଏହି ସନ୍ତରଣକାରୀ ଯଦି ପଦକ ହାସଲ କରନ୍ତି ତେବେ ଦ୍ୱିତୀୟ ଭାରତୀୟ ଭାବେ ସଫଳତା ହାସଲ କରିବେ। ପୂର୍ବରୁ ପ୍ରଶାନ୍ତ କର୍ମକାର ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାରା ସୁଇମିଂରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଗତବର୍ଷ ଟୋକିଓ ଅଲିମ୍ପିକ୍ସରେ ନଟରାଜ ପ୍ରଥମ ଭାରତୀୟ ଭାବେ କ୍ଲାସିଫିକେଶନ ଏ' ହିଟ୍‌ରେ ସନ୍ତରଣ କରିଥିଲେ।



ଶ୍ରୀହରି ନଟରାଜ

ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଏହି ଯୁବ ସନ୍ତରଣକାରୀ ୫୪:୩୧ ସେକେଣ୍ଡ ଟାଇମିଂରେ ୨୭ ତମ ସ୍ଥାନରେ ରହିଥିଲେ। ପୂର୍ବରୁ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ହିଟ୍‌ରେ କୁଶାଗ୍ର ରାୱତ ସେମିଫାଇନାଲ ପ୍ରବେଶରେ ବିଫଳ ହୋଇଥିଲେ। ସେ ୩:୫୭.୪୫ ଟାଇମିଂ ସହ ଓଭରାଲ ୧୪ତମ ସ୍ଥାନରେ ରହିଥିଲେ। ସଜନ ପ୍ରକାଶ ମଧ୍ୟ ପୁରୁଷ ୫୦ମିଟର ବଟରଫ୍ଲାଏରେ ବିଫଳ ହୋଇଛନ୍ତି। ସେ ୨୫.୦୧ ସେକେଣ୍ଡ ଟାଇମିଂ ସହ ୮ମ ସ୍ଥାନରେ ରହିଥିଲେ।

### ଯୋଗେଶ୍ୱର ଅଲ୍‌ରାଉଣ୍ଡ ଫାଇନାଲରେ

ଯୋଗେଶ୍ୱର ସିଂ ଏକମାତ୍ର ଭାରତୀୟ ପୁରୁଷ ଜିମ୍ନାଷ୍ଟ ଭାବେ ଅଲ୍‌ରାଉଣ୍ଡ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ତାଙ୍କ ଟିମ୍‌ମେଟ୍ ସଇଫ ତାମ୍ବୋଲି ଓ ସତ୍ୟଜିତ ମଣ୍ଡଳ ଅଙ୍କକେ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ତିନୋଟି ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ହରିୟାଣାର ଏହି ୨୫ ବର୍ଷୀୟ ଜିମ୍ନାଷ୍ଟଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ୭୩.୬୦୦ ସ୍କୋର ସହ ଓଭରାଲ ୧୬ତମ ସ୍ଥାନରେ ରହିଥିଲେ। ଅଗଷ୍ଟ ୨ରେ ଫାଇନାଲ ଅନୁଷ୍ଠିତ ହେବ।

### ବକ୍ସିଂ: ହୁସାମୁଦ୍ଦିନ ପ୍ରି-କ୍ୱାର୍ଟରରେ

ଭାରତୀୟ ବକ୍ସର ମହମ୍ମଦ ହୁସାମୁଦ୍ଦିନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଫିଦରୱେଟ୍ (୫୭ କେଜି) କାଟେଗୋରି ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ବ୍ରୋଞ୍ଜ ଜିତିଥିବା ହୁସାମୁଦ୍ଦିନ ଆଫ୍ରିକାର ଯୁବ ବକ୍ସର ଆମ୍‌ଜୋଲି ଦାଏଇଙ୍କୁ ୫-୦ରେ ସର୍ବସମ୍ମତି ରାୟରେ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ବାଂଲାଦେଶର ମହମଦ ସଲିମ୍ ହୋସେନଙ୍କୁ ଭେଟିବେ।

### ନଭଜୋତ କୌରଙ୍କୁ କରୋନା

ଭାରତୀୟ ମିଡ୍‌ଫିଲ୍ଡର ନଭଜୋତ୍ କୌର କରୋନା ସଂକ୍ରମିତ। ରାଜ୍ୟଗୋଷ୍ଠୀ କ୍ରୀଡାରେ ଖେଳୁଥିବା ମହିଳା ହକି କ୍ୟାମ୍ପରେ ଏହାକୁ ନେଇ ଦେଖାଦେଇଛି ଆତଙ୍କ। ନଭଜୋତଙ୍କୁ ଆଇସୋଲେସନରେ ରଖାଯାଇଛି। ନଭଜୋତଙ୍କ ସିଟି ଭାଲ୍ୟୁ ଅଣ ସଂକ୍ରାମକ ରହିଛି। ପ୍ରଥମ ଟେଷ୍ଟରେ ସେ ପଜିଟିଭ୍ ଆସିଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ବିପରୀତ ଫଳ ଆସିଥିଲା। ନଭଜୋତଙ୍କୁ ଭାରତ ପଠାଯିବାର ସମ୍ଭାବନା ରହିଥିବା ଜଣାପଡ଼ିଛି। ଭାରତୀୟ ଶିବିର ବର୍ତ୍ତମାନ ଯାଏ କୋଭିଡ୍ ମୁକ୍ତ ରହିଥିବା ଜଣାପଡ଼ିଛି। ମହିଳା କ୍ରିକେଟ ଦଳର ଦୁଇ ସଦସ୍ୟ ପୂଜା ବସ୍ତ୍ରକାର ଏବଂ ସବିନେନୀ ମେଘନା କୋଭିଡ୍ ପଜିଟିଭ୍ ହୋଇଥିବା ବେଳେ ମେଘନା ସୁସ୍ଥ ହୋଇ ଦଳ ସହିତ ଯୋଗ ଦେଇ ସାରିଲେଣି। ପୂଜା ତୃତୀୟ ମ୍ୟାଚ ପୂର୍ବରୁ ଦଳ ସହିତ ଯୋଗ ଦେବେ ବୋଲି ଜଣାପଡ଼ିଛି।

## ଦ. ଆଫ୍ରିକାକୁ ହରାଇଲା ନ୍ୟୁଜିଲାଣ୍ଡ



ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍‌ଙ୍କ ଉଇକେଟ ପତନ ପରେ ଜଣେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକାର ନନ୍‌କୁଲୁଲେକୋ ମଲାବା (ଡାହାଣ)।

**ବର୍ମିଂହାମ୍,୩୦।୭(ପି.ଟି)**

ରାଜ୍ୟଗୋଷ୍ଠୀ ମହିଳା ଟି୨୦ କ୍ରିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ପ୍ରଥମେ ବ୍ୟାଟିଂ କରି ସୋଫି ଡିଭାଇନଙ୍କ ଦଳ ୨ଉଇକେଟ ହରାଇ ୧୬୭ ରନ୍ କରିଥିଲା। ସୁଜି ବେଟ୍‌ସ ଅପରାଜିତ ୯୧ ରନ୍ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ଦଳ ଦୃଢ ବ୍ୟାଟିଂ କରିଥିଲେ ହେଁ ୭ଉଇକେଟ ବିନିମୟରେ ୧୫୪ ରନ କରି ବିଜୟରୁ ୧୩ ରନ୍ ଦୂରରେ ରହି ଯାଇଥିଲା।

ନ୍ୟୁଜିଲାଣ୍ଡ ପକ୍ଷରୁ ସୋଫି ଡିଭାଇନ୍(୪୮) ଓ ସୁଜି(୯୧*) ପ୍ରଥମ ଉଇକେଟରେ ୯୯ ରନ୍ ଯୋଡିଥିଲେ। ବେଟ୍ସ ୬୪ ବଲ ଖେଳି ୮ ଚୌକା ଓ ୩ ଛକା ସହିତ ୯୧ ରନ୍‌ରେ ଅପରାଜିତ ରହିଥିଲେ। ମାଲବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକମାତ୍ର ଉଇକେଟ ନେଇଥିଲେ। ୧୬୮ ରନର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ମାତ୍ର ୧୫ ରନରେ ଦୁଇଟି ଉଇକେଟ ହରାଇଥିଲା। ତେବେ ନିମ୍ନକ୍ରମରେ କ୍ଲୋଏ ଟ୍ରାୟନଙ୍କ ୧୭ ବଲରୁ ୩୯ ରନ ବଳରେ ଦଳ ମ୍ୟାଚକୁ ଫେରିଥିଲା। ୩ଟି ଲେଖାଏ ଛକା ଓ ଚୌକା ମାରିଥିବା ଟ୍ରାୟନ ରନଆଉଟ ହେବା ପରେ ଅନ୍ତିମ ୩ ଓଭରରେ ୪୩ ରନ ଆବଶ୍ୟକ କରୁଥିଲା ଦକ୍ଷିଣ ଆଫ୍ରିକା। ଅଧିନାୟିକା ସୁନ ଲୁସଙ୍କ ୧୮ ବଲ୍ ୩୨ ରନ ସତ୍ତ୍ୱେ ଦଳ ୧୩ ରନ୍ ପଛରେ ରହିଥିଲା। ସୋଫି ଡିଭାଇନ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ।

## ଡୋପ୍ ଟେଷ୍ଟରେ ବିଫଳ ଘାନା ବକ୍ସର

**ବର୍ମିଂହାମ୍,୩୦।୭(ପି.ଟି)**

ଘାନାର ବକ୍ସର ଶକୁଲ୍ ସାମେଦ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଛି। ନମୁନା ପଜିଟିଭ ଆସିବା ପରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜକ କମିଟି ପକ୍ଷରୁ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି। ଫ୍ୟୁରୋସେମାଇଡ୍ ନାମକ ଏକ ଅବୈଧ ରାସାୟନିକ ତାଙ୍କ ନମୁନାରୁ ମିଳିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଘାନା ରାଜ୍ୟଗୋଷ୍ଠୀ ଦଳକୁ ସୂଚନା ଦିଆଯାଇଛି। ସେ ଚାହିଁଲେ ବି ନମୁନା ପରୀକ୍ଷଣ ପାଇଁ ଆବେଦନ କରିପାରିବେ। ପରୀକ୍ଷଣ ପରେ ଦଣ୍ଡବିଧାନ ସମ୍ପର୍କରେ ବିଚାର କରାଯିବ ବୋଲି ଜଣାପଡ଼ିଛି।



ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ମାରାଥନ ସ୍ୱର୍ଣ୍ଣ ବିଜେତା ଉଗାଣ୍ଡାର ଭିକ୍ଟର କିପଲାନ୍‌ଗାଟ୍ (ମଝି), ରୌପ୍ୟ ବିଜେତା ତାଞ୍ଜାନିଆର ଆଲ୍‌ଫୋନ୍ସ ଫେଲିକ୍ସ ସିମ୍ବୁ (ବାମ) ଏବଂ ବ୍ରୋଞ୍ଜ ବିଜେତା କେନିଆର ମାଇକେଲ ମୁଗୋ ଗିଥାଏ ପ୍ରମୁଖ ସେମାନଙ୍କ ପଦକ ସହ।

# ଇସ୍ତୋନିଆକୁ ହରାଇଲା ଭାରତ 'ବି'

**ଚେସ୍ ଅଲିମ୍ପିଆଡ**

### ମ୍ୟାଚ୍ ଡ୍ର ରଖିଲେ ପଦ୍ମିନୀ

**ମାମାଲ୍ଲାପୁରମ୍,୩୦।୭(ପି.ଟି)**

ଚେନ୍ନାଇର ମହାବଳୀପୁରମରେ ଖେଳା ଯାଉଥିବା ୪୪ ତମ ଫିଡେ ଚେସ୍ ଅଲିମ୍ପିଆଡରେ ଭାରତୀୟ ଖେଳାଳିଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ଟୁର୍ନାମେଣ୍ଟରେ ରେଡ ହଟର ମାନ୍ୟତା ପାଇଥିବା ପୁରୁଷ ବର୍ଗର ଭାରତ'ବି' ଇସ୍ତୋନିଆକୁ ୪-୦ରେ ପରାସ୍ତ କରିଛି। ଦ୍ୱିତୀୟ ସିଡର ମାନ୍ୟତା ପାଇଥିବା ପୁରୁଷ ଏ ଦଳ ୩.୫-୦.୫ ପଏଣ୍ଟରେ ମଲଡୋଭାକୁ ପରାସ୍ତ କରିଛି। ଏହା ସହିତ ପ୍ରଥମ ଗେମ୍ ଖେଳିନଥିବା ଆମେରିକାର ମାଗ୍ନସ୍ କାର୍ଲସେନ୍‌ଙ୍କୁ ପରାସ୍ତ କରିଛନ୍ତି। ଜର୍ଜ ମେୟରଙ୍କୁ କାର୍ଲସେନ ପରାସ୍ତ କରିଥିବା ବେଳେ ୪-୦ରେ ନରୱେକୁ ହରାଇଥିଲା ଆମେରିକା। ଟୁର୍ନାମେଣ୍ଟରେ ମହିଳା ବର୍ଗରେ ଟପ୍ ସିଡର ମାନ୍ୟତା ପାଇଥିବା ଭାରତ ଏ ଦଳ ଆର୍ଜେଣ୍ଟିନା ବିପକ୍ଷରେ ଅଗ୍ରଣୀ ରହିଛି। ଆର. ବୈଶାଳୀଙ୍କ ମ୍ୟାଚ୍ ଜାରି ରହିଥିବା ବେଳେ କୋନେରୁ ହମ୍ପି, ତାନିଆ ସଚଦେବ ଓ ଭକ୍ତି ଅଗ୍ରୱାଲ ଯଥାକ୍ରମେ ମାରିସା ଜୁରେଇ, ମାରିଆ କୋମ୍ପାସ ଏବଂ ମାରିଆ ବର୍ଲିନଙ୍କୁ ପରାସ୍ତ କରିଛନ୍ତି।



ଆର୍. ପ୍ରଜ୍ଞାନନ୍ଦ



ମାଗ୍ନସ୍ କାର୍ଲସେନ୍

ଇଣ୍ଡିଆ ବି ଟିମ୍ ଲାଟଭିଆ ବିପକ୍ଷ ମୁକାବିଲାରେ ୧.୫-୦.୫ରେ ଅଗ୍ରଣୀ ରହିଛି। ମେରୀ ଆନ୍ ଗୋମସ ନେଲିଜା ମାକଲାକୋଭାଙ୍କ ବିପକ୍ଷରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଥିବା ବେଳେ ଓଡ଼ିଆ ଗ୍ରାଣ୍ଡମାଷ୍ଟର ପଦ୍ମିନୀ ରାଉତ ଇଲଜେ ବର୍ଜିନାଙ୍କ ବିପକ୍ଷ ନିଜ ମୁକାବିଲା ଡ୍ର ରଖିଥିଲେ। ଇଣ୍ଡିଆ ସି ଦଳ ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଛି। ଭି ନନ୍ଦିଆ ଏବଂ ଇଶା କରାଭାଡେ ନିଜ ନିଜ ମ୍ୟାଚ ଜିତିଥିବା ବେଳେ ପ୍ରତ୍ୟୁଶା ବୋଡ୍ଡା ଓ ବିଶ୍ୱ ବନଶ୍ୱଳା ନିଜ ନିଜ ମୁକାବିଲା ଡ୍ର ରଖିଥିଲେ।

ଟୁର୍ନାମେଣ୍ଟ ପୂର୍ବରୁ ବିଶ୍ୱନାଥନ ଆନନ୍ଦ ଏବଂ ମାଗ୍ନସ କାର୍ଲସେନଙ୍କ ଦ୍ୱାରା ଡାର୍କହର୍ସର ମାନ୍ୟତା ପାଇଥିବା ଇଣ୍ଡିଆ ବି ଟିମ୍ ୪-୦ରେ ଇସ୍ତୋନିଆକୁ ପରାସ୍ତ କରିଛି। ଟପ୍ ବୋର୍ଡରେ ଡି ଗୁକେଶ କାଲ୍ଲେ କିଲିକଙ୍କୁ ଓ ଦ୍ୱିତୀୟ ବୋର୍ଡରେ ଆର୍. ପ୍ରଜ୍ଞାନନ୍ଦ କିରିଲ୍ ଟୁକାଭିନଙ୍କ ବିପକ୍ଷରେ ହାସଲ କରିଥିଲେ ସହଜ ବିଜୟ। ବି ଅଧିବନ୍ ଓ ରୌନକ ସାଧୱାନି ମଧ୍ୟ ନିଜ ମୁକାବିଲାକୁ ଜିତି ୪-୦ ବିଜୟ ପ୍ରଦାନ କରିଥିଲେ। ଇଣ୍ଡିଆ ଏ ପକ୍ଷରୁ ପି ହରିକ୍ରିଷ୍ଣା, ଏସ ଏଲ୍ ନାରାୟଣନ୍ ଏବଂ କେ ଶଶିକରଣ ବିଜୟ ହାସଲ କରିଥିବା ବେଳେ ଅର୍ଜୁନ୍ ଇରିଗାସୀ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ପାରାଗୁଏ ସହିତ ଖେଳାଯାଇଥିବା ମୁକାବିଲାକୁ ୨.୫-୧.୫ରେ ଜିତି ନେଇଛି ଆମେରିକା। ବିଶ୍ୱ ମାନ୍ୟତାର ୪ ନମ୍ବରରେ ରହିଥିବା ଫାବିଆନୋ କରୁଆନାଙ୍କ ସହିତ ଆକ୍ସେଲ ବାକ୍‌ମାନ ପଏଣ୍ଟ ବାଣ୍ଟିଥିଲେ। ଅନ୍ୟ ଓପନ ବର୍ଗର ମ୍ୟାଚରେ ସ୍ପେନ୍ ୩.୫-୦.୫ରେ ବେଲଜିୟମକୁ ପରାସ୍ତ କରିଥିବା ବେଳେ ପୋଲାଣ୍ଡ ୩-୧ରେ ବେଲଜିୟମକୁ ହରାଇଛି।

# ଇତିହାସ ରଚିଲେ ଭିସିନି

**ବାକୁ,୩୦।୭(ପି.ଟି.)**

ବୟସ୍କ ଖେଳାଳି ଭାବରେ ଡେଭିସ୍ କପ ଖେଳି ରେକର୍ଡ ବୁକ୍‌ରେ ନିଜର ନାମ ରଖିଥିବା ଡୋମେନିକୋ ଭିସିନି ରଚିଛନ୍ତି ଇତିହାସ। ପ୍ରଥମ ଖେଳାଳି ଭାବରେ ଡେଭିସ୍ କପରେ ନିଜର ୧୦୦ତମ ମ୍ୟାଚ ଖେଳିଛନ୍ତି ଭିସିନି। ସାନମାରିନୋର ଏହି ଖେଳାଳି ଆସନ୍ତା ସେପ୍ଟେମ୍ବରରେ ୫୧ ବର୍ଷରେ ପହଞ୍ଚିବେ। ୧୭ ବର୍ଷୀୟ ସିମୋନ ଡେ ଲୁଇଗିଙ୍କ ସହିତ ଆଇସଲ୍ୟାଣ୍ଡ ବିପକ୍ଷରେ ଡବଲ୍ସ ମୁକାବିଲା ଖେଳିଥିଲେ। ଗ୍ରୁପ୍-୪ର ଏହି ମୁକାବିଲାରେ ୬-୨ ଓ ୬-୩ରେ ହାରି ଯାଇଥିଲା ସାନମାରିନୋ। ଏହା ଭିସିନିଙ୍କ ୨୪ ତମ ଡେଭିସ୍ କପ୍ ମୁକାବିଲା ହୋଇଥିବା ବେଳେ ୨୦୦୮ ପରଠାରୁ ସେ ସାନମାରିନୋର ଅଧିନାୟକ ରହିଛନ୍ତି।

## ଟି୨୦ରେ ନ୍ୟୁଜିଲାଣ୍ଡର ରେକର୍ଡ ସ୍କୋର

**ଏଡିନ୍‌ବର୍ଗ,୩୦।୭(ପି.ଟି)**

ଟି୨୦ ଇତିହାସରେ ନିଜର ସର୍ବାଧିକ ସ୍କୋର କରିଛି ନ୍ୟୁଜିଲାଣ୍ଡ। ସ୍କଟଲାଣ୍ଡ ବିପକ୍ଷ ସିରିଜ କ୍ଲିନ୍ ସୁଇପ ସହିତ ଏମିତି କିଛି ରେକର୍ଡ କରିଛି ଦଳ। ପ୍ରଥମେ ବ୍ୟାଟିଂ କରି କିୱି ଟିମ୍ ୫ ଉଇକେଟ ହରାଇ ୨୫୪ ରନ କରିଥିବା ବେଳେ ୧୦୨ ରନରେ ବିଜୟ ହାସଲ କରିଥିଲା।

ପ୍ରଥମେ ବ୍ୟାଟିଂ କରି ମାର୍କ ଚାପମ୍ୟାନଙ୍କ ୪୪ ବଲ୍‌ରେ ୮୩ ଓ ମାଇକେଲ ବ୍ରେସୱେଲଙ୍କ ୬୧ ରନ ବଳରେ ୨୫୪ ରନ କରିଥିଲା ନ୍ୟୁଜିଲାଣ୍ଡ। ଚାପମ୍ୟାନଙ୍କ ଇନିଂସରେ ୫ ଚୌକା ଓ ୭ ଛକା ସାମିଲ ଥିଲା। ଶେଷଆଡ଼କୁ ୨୫ ବଲର ଇନିଂସରେ ବ୍ରେସୱେଲ ୮ ଚୌକା ଓ ୩ ଛକା ମାରିଥିଲେ। ଗେଭିନ ମେନ୍ ୪୪ ରନରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୨୫୫ ରନ ଲକ୍ଷ୍ୟର ପିଛା କରୁଥିବା ଘରୋଇ ଦଳ ୩୭ ରନରେ ୪ ଉଇକେଟ ହରାଇଥିଲା। ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ଦଳ ୯ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ଏହା ପୂର୍ବର ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫/୨୪୩ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ରହିଥିଲା। ତେବେ ଟି୨୦ରେ ସର୍ବାଧିକ ସ୍କୋର ୨୭୮/୩ ଆଫଗାନିସ୍ତାନ ନାମରେ ରହିଛି। ୨୦୧୯ରେ ଆୟର୍ଲାଣ୍ଡ ବିପକ୍ଷରେ ଏହି ସ୍କୋର ହୋଇଥିଲା।

## ଜିମ୍ବାୱେ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ,୩୦।୭(ପି.ଟି)**

ଜିମ୍ବାୱେ ବିପକ୍ଷ ଦିନିକିଆ ସିରିଜ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୱେଷ୍ଟଇଣ୍ଡିଜରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ଶିଖର ଧାୱନଙ୍କୁ ଭାରତୀୟ ଦଳର ଅଧିନାୟକ କରାଯାଇଛି। କେ.ଏଲ୍. ରାହୁଲ ଆହତ କାରଣରୁ ବାଦ ପଡିଥିବା ବେଳେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ୱାଶିଂଟନ୍ ସୁନ୍ଦର ଓ ଦୀପକ ଚହର। ଅନ୍ୟପକ୍ଷରେ ବିରାଟ କୋହଲି, ରୋହିତ ଶର୍ମା, ରିଷଭ ପନ୍ତ, ମହମ୍ମଦ ଶାମି, ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଛି। ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ରାହୁଲ ତ୍ରିପାଠୀଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ସେହିପରି ଏସିଆ କପ୍ ପରବର୍ତ୍ତୀ ମ୍ୟାଚ ଗୁଡିକ ପାଇଁ ବିରାଟ କୋହଲି ଉପଲବ୍ଧ ହେବେ ବୋଲି ଚୟନକର୍ତ୍ତାଙ୍କୁ ଜଣାଇଛନ୍ତି।

**ଭାରତୀୟ ଦଳ**

ଶିଖର ଧାୱନ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁଭମନ ଗିଲ, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଈଶାନ କିଶନ (ୱିକେଟ କିପର), ସଞ୍ଜୁ ସାମସନ (ୱିକେଟ କିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଲ ଠାକୁର, କୁଲଦୀପ ଯାଦବ, ଅକ୍ଷର ପଟେଲ, ଆଭେଶ ଖାନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଦୀପକ ଚହର।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଜଳ ପରିଚାଳନା ତାଲିମ ଶିବିର

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଫାଉଣ୍ଡେସନ ଅଫ ଇକୋଲୋଜିକାଲ ସିକ୍ୟୁରିଟି ପକ୍ଷରୁ ଟିଟିଲାଗଡ଼ କୃଷି ଓ ସୂଚନା ଭବନରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ ଏବଂ ଅଗ୍ରଣୀ ଚାଷୀଙ୍କୁ ଜଳର ସୁପରିଚାଳନା ନେଇ ତାଲିମ ଦିଆଯାଇଥିଲା। କଣ୍ଟାବାଞ୍ଜି ସହକାରୀ କୃଷି ଅଧିକାରୀ ରତିକାନ୍ତ ସେଠୀ,ଜଳ ପରିଚାଳନା ସଂଯୋଜକ ସିଦ୍ଧେଶ୍ୱର ମାଝି ତାଲିମ ଦେଇଥିଲେ। କୃଷି ଜିଲା ଅଧିକାରୀ ବିଶ୍ୱେଶ୍ୱର ସାହୁ, ବ୍ଲକ କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଉପସ୍ଥିତ ଥିଲେ।

# ମଡେଲ ବସ୍‌ଷ୍ଟାଣ୍ଡ କାମ ଆଗଉନି

**ସୋନପୁର,୩୦।୭(ନି.ପ୍ର.)**

ସୁବର୍ଣ୍ଣପୁର ପୁରୁଣା ବସ୍‌ଷ୍ଟାଣ୍ଡକୁ ମଡେଲ ବସ୍‌ଷ୍ଟାଣ୍ଡରେ ପରିଣତ କରିବା ପାଇଁ ଘୋଷଣାକୁ ୩ ବର୍ଷ ବିତିଲାଣି। ମାତ୍ର କାର୍ଯ୍ୟ ଆରମ୍ଭ ସମ୍ପର୍କରେ ନିର୍ବାଚିତ ଲୋକ ପ୍ରତିନିଧି କିମ୍ବା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ପାଖରେ ଉତ୍ତର ନାହିଁ। ଏ ବିଭାଗ କହୁଛି ଆମେ ଜାଣିନାହୁଁ, ସେ ବିଭାଗ କହୁଛି ଆମେ କହି ପାରିବୁନି। ଏଭଳି ସ୍ଥିତିରେ ନୂତନ ମଡେଲ ବସଷ୍ଟାଣ୍ଡ ପ୍ରକଳ୍ପ ଫାଇଲ ଭିତରେ ପଡି ରହିଛି।

ସୁବର୍ଣ୍ଣପୁର ଜିଲା ଗଠନ ହେବାର ଇତିମଧ୍ୟରେ ୨୯ବର୍ଷ ବିତିସାରିଛି। ନୂତନ ଜିଲା ହେବା ପରେ ସଦର ମହକୁମାର କଳେବର ଓ ଜନସଂଖ୍ୟା ବୃଦ୍ଧି ପାଇଛି। ଜିଲାରେ ରେଳପଥ ଯୋଗେ ଗମନାଗମନର ସୁବିଧା ନ ଥିବାରୁ ଲୋକେ ଯାତାୟତ ପାଇଁ ବସ ଉପରେ ହିଁ ନିର୍ଭରଶୀଳ। କିନ୍ତୁ ଜିଲା ସଦର ମହକୁମାରେ ଭଲ ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ ହୋଇପାରିନି। ଜିଲାରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଗତ ସାଢେ ୩ ବର୍ଷ ଧରି ପରିବହନ ବିଭାଗର ମନ୍ତ୍ରୀ ଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ଅନିଶ୍ଚିତତା ମଧ୍ୟରେ ରହିଛି ପ୍ରକଳ୍ପର ଭାଗ୍ୟ। ପୁରୁଣା ବସ୍‌ଷ୍ଟାଣ୍ଡର


ସୁବର୍ଣ୍ଣପୁର ବସ୍‌ଷ୍ଟାଣ୍ଡ।

### ଯାତ୍ରୀ ଖରାରେ ସିଝୁଛନ୍ତି, ବର୍ଷାରେ ଭିଜୁଛନ୍ତି

ଅବସ୍ଥା ଶୋଚନୀୟ ହୋଇପଡିଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଯାତ୍ରୀମାନଙ୍କ ସର୍ବନିମ୍ନ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ସେହି ବସ୍‌ଷ୍ଟାଣ୍ଡରେ କାମ ଚଳାଯାଉଛି। ପଡୋଶୀ ଜିଲାମାନଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡକୁ ବସ ଯୋଗେ ଲୋକେ ଆସିଥାନ୍ତି । ମନ୍ଦିରମାଳିନୀ ସୁବର୍ଣ୍ଣପୁର ସହର ତଥା ଜିଲାରେ ରହିଥିବା ପର୍ଯ୍ୟଟନସ୍ଥଳୀଗୁଡିକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଆସନ୍ତି। ତେବେ ବସଷ୍ଟାଣ୍ଡର ଏଭଳି ଅବସ୍ଥା ଦେଖି ପର୍ଯ୍ୟଟକ ଓ ଯାତ୍ରୀମାନେ ନାକ ଟେକୁଛନ୍ତି। ବସ୍‌ଷ୍ଟାଣ୍ଡର ଯାତ୍ରୀ ବିଶ୍ରାମଗାର ସମ୍ମୁଖରେ ସବୁବେଳେ ଅଳିଆ ଆବର୍ଜନା ପଡି ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୦୬ ମସିହାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏହି ବସ୍‌ଷ୍ଟାଣ୍ଡର ନବକଳେବର କରିଥିଲେ। କିନ୍ତୁ ପ୍ରଶାସନର ଦୁରଦୃଷ୍ଟି ଅଭାବରୁ ଯାତ୍ରୀ ବିଶ୍ରାମଗାରଟି ବସଷ୍ଟାଣ୍ଡର ପଛପାର୍ଶ୍ୱରେ ନିର୍ମାଣ କରାଯାଇଛି। ତେଣୁ ତାହା ଅବ୍ୟବହୃତ ହୋଇ କ୍ରମେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦୈନିକ ୫୦ରୁ ଊର୍ଦ୍ଧ୍ୱ ଲୋକାଲ ଓ ରାତ୍ରୀକାଳିନ ଏକ୍ସପ୍ରେସ ଏହି ବସ୍‌ଷ୍ଟାଣ୍ଡ ଦେଇ ଯାତାୟତ କରୁଛି। କିନ୍ତୁ ଯାତ୍ରୀଙ୍କ ପାଇଁ ବିଶ୍ରାମଗାର ଓ ପରିଶ୍ରାଗାର ସୁବିଧା ନାହିଁ। ମହିଳା ଯାତ୍ରୀମାନେ ହୀନସ୍ତା ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ଯାତ୍ରୀମାନେ ଖରାରେ ସିଝୁଥିବା ବେଳେ ବର୍ଷା ଋତୁରେ ବର୍ଷାରେ ଭିଜୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡର ରୂପାନ୍ତରଣ ନେଇ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨ ବର୍ଷ ପୂର୍ବରୁ ଟଙ୍କା ମଞ୍ଜୁର ହୋଇଛି। ସେହିପରି ଜିଲା ସଦର ମହକୁମାରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ତତ୍କାଳୀନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଉଦ୍ୟମ କ୍ରମେ ଓଡିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ୧ ବର୍ଷ ପୂର୍ବରୁ ୫ କୋଟି ଟଙ୍କା ମଞ୍ଜୁର ହୋଇଛି। ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ଥିବା ପୁରୁଣା ଟାଉନ ହଲକୁ ଭାଙ୍ଗି ପ୍ରଭାବିତ ହେବାକୁ ଥିବା ଦୋକାନୀଙ୍କୁ ଥଇଥାନ ସହ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ପୂର୍ତ୍ତ ବିଭାଗ ପ୍ରକଳ୍ପ ସ୍ଥଳର ମାଟି ପରୀକ୍ଷା ସହ ଚିଠା ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କରି ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପଠାଇଛି। ତେବେ ପରିବହନ ନିଗମ ଓ ନଗର ଉନ୍ନୟନ ବିଭାଗର ଗାଇଡଲାଇନ୍ ଅଲଗା ଥିବାରୁ ପ୍ରକଳ୍ପ ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ପ୍ରକଳ୍ପର ଫାଇଲ ଆଗକୁ ଯାଉନି। ମ୍ୟୁନିସିପାଲିଟି ଜମି ଯୋଗାଇ ପାରୁ ନଥିବାରୁ ପୂର୍ତ୍ତ ବିଭାଗ ଚୁପ୍ ବସିଛି। ସେପଟେ ଓଏସଆରଟିସି ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ କରିବ କହି ଜିଲା ପ୍ରଶାସନ ହାତ ଟେକି ଦେଇଛି । ରାଜ୍ୟ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଦ୍ୟୁତ୍ କାଟ୍‌କୁ ନେଇ ଉଦ୍‌ବେଗ



ବୈଠକରେ ବିଦ୍ୟୁତ୍ ଉପଭୋକ୍ତା ସଂଘର ପ୍ରତିନିଧିବୃନ୍ଦ।

**ବରଗଡ଼ ଅଫିସ୍,୩୦।୭:** ବରଗଡ଼ ସହରରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଦ୍ୟୁତ୍ ଉପଭୋକ୍ତା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ପ୍ରୀତମ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଉପସଭାପତି ବିଷ୍ଣୁଚରଣ ଦାଶ ସଭାପତିତ୍ୱ କରିଥିଲେ। ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଟାଟା ପାୱାର କିଛି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ପ୍ରତିବାଦରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କୋଷାଧ୍ୟକ୍ଷ କମଳ ଯୋଷୀ, ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ଅଭିଜିତ ପ୍ରତିହାର, ସୁରସେନ ବହିଦାର, ରାଧାରାଣୀ ମିଶ୍ର, ଇନ୍ଦ୍ରାଣୀ ଶତପଥୀ, ପ୍ରୀତି ଗୁରୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ କାଟ୍ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

# ବିରଳ ସରୀସୃପ ଉଦ୍ଧାର

**ଉଲୁଣ୍ଡା,୩୦।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସିଣ୍ଢୋଲ ଗ୍ରାମରୁ ବନବିଭାଗ ଶନିବାର ଏକ ବିରଳ ପ୍ରଜାତିର ସରୀସୃପ ଉଦ୍ଧାର କରିଛି। ଏହା ପରିବେଶକୁ ଦେଖି ରଙ୍ଗ ବଦଳାଉ ଥିବାରୁ ବନବିଭାଗ ପକ୍ଷରୁ ଏହାକୁ କମେଲିଅନ ବୋଲି ସ୍ପଷ୍ଟ କରାଯାଇଛି। ସୂଚନା ମୁତାବକ ଶନିବାର ସିଣ୍ଢୋଲ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟଗେଟରେ ଏହି କମେଲିଅନ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହି ସରୀସୃପକୁ ଦେଖିବା ପରେ ସିଣ୍ଢୋଲ ବନବିଭାଗକୁ ଖବର କରିଥିଲେ। ବନବିଭାଗ କର୍ମଚାରୀମାନେ ଆସି ସେହି ସରୀସୃପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।


ଉଦ୍ଧାର ହୋଇଥିବା ବୀରଳ ସରୀସୃପ।

# ନିଶାଖୋରଙ୍କ ସିରିଞ୍ଜ୍ ଜନତାଙ୍କୁ ବିପଦ


ଗଛରେ ନିଶା ସିରିଞ୍ଜ୍‌ଗୁଡିକୁ ରଖାଯାଇଛି।

**ପଦ୍ମପୁର,୩୦।୭(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ନିଶାଖୋରମାନଙ୍କ ପ୍ରାଦୁର୍ଭାବ ମାତ୍ରାଧିକ ବୃଦ୍ଧି ପାଇବାରେ ଲାଗିଛି। କୋରେକ୍ସ, କୋଡିନ, ଅଫିମ, ଚରସ ଭଳି ନିଶାରେ ଯୁବଗୋଷ୍ଠୀ ମସଗୁଲ ରହୁଛନ୍ତି। ଏପରିକି ସେମାନେ ସାଇକେଲ ପଙ୍କଚର ସୁଧାରୁଥିବା ସୁଲେସନ, ବ୍ୟଥା ଉପଶମ ଔଷଧ ଆଇଡେକ୍ସ ଆଦି ବ୍ୟବହାର କରୁଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ତାକୁ ଚାଲେଞ୍ଜ ଭାବରେ ନେଉଛନ୍ତି। ବର୍ତ୍ତମାନ ନିଶା ଇଞ୍ଜେକଶନ ବ୍ୟବହାରର ମାତ୍ରା ବୃଦ୍ଧି ପାଇଛି। ସେମାନେ ଏହାକୁ ବ୍ୟବହାର କରି ଫିଙ୍ଗି ଦେଉଛନ୍ତି। ଫଳରେ ପଥିକମାନେ ହଇରାଣ ହେବାକୁ ହେଉଛନ୍ତି। ପଦ୍ମପୁର ସତରବନ୍ଧ ନିକଟରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବ୍ୟବହାର ପରେ ଇଞ୍ଜେକଶନ ସବୁକୁ ଗଛରେ ଫୋଡି ଦିଆଯାଇଛି। କେତେବେଳେ ନୂଆ ସିରିଞ୍ଜ ନ ମିଳିଲେ ପୁରୁଣାଗୁଡିକ କାମରେ ଆସୁଛି। ବର୍ତ୍ତମାନ ଏହି ସିରିଞ୍ଜ୍‌ଗୁଡିକ ଲୋକମାନଙ୍କ ପାଇଁ ବିପଦ ସାଜିଛି। ଏ ଦିଗରେ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୧୨.୦୮.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୧୬.୦୮.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଭଞ୍ଜନଗର ଶାଖା, ଖଲାସି ଷ୍ଟ୍ରିଟ୍, ରେଡ୍‌କ୍ରସ୍ ରୋଡ୍, ଭଞ୍ଜନଗର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. ୭୦୦୮୩୭୫୪୨୭** | | |
| ୧. | ଅନିତା ପ୍ରଧାନ, ସ୍ୱା: ସୁରେନ୍ଦ୍ରନାଥ ପ୍ରଧାନ, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୨୪୭୯୯ | ଟ.୨,୫୩,୮୦୭.୨୬ + ଲାଗୁ ହୋଇନଥିବା ସୁଧ | ୧୧୬.୯୦ |
| ୨. | ଡି. ତେଜେଶ୍ୱର ରାଓ, ପି: ଡି. ଗୋପି, ନହତୋଟା ସାହି, ଭଞ୍ଜନଗର / ୨୫୨୮୦୬୧୦୦୨୫୧୮୫ | ଟ.୨୯,୯୭୫.୧୧ + ଲାଗୁ ହୋଇନଥିବା ସୁଧ | ୧୩.୫୦ |
| ୩. | ଗଙ୍ଗା ପ୍ରଧାନ, ସ୍ୱା: ପଦ୍ମ ପ୍ରଧାନ, ତିଲିସାଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୧୦୭ | ଟ. ୫୯,୦୦୦/- + ଲାଗୁ ହୋଇନଥିବା ସୁଧ | ୨୫.୦୦ |
| ୪. | ଜାନକି ମାଝି, ସ୍ୱା: ରମେଶ ଚନ୍ଦ୍ର ମାଝି, ଲାଲସିଙ୍ଗି, ଭଞ୍ଜନଗର / ୨୫୨୮୦୬୧୦୦୩୨୨୮୨ | ଟ. ୪୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୪୦ |
| ୫. | ଜିତେନ୍ଦ୍ର ବେହେରା, ପି: ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜମାର୍ଗ, ୟୁନିଟ୍-୬, ଲଣ୍ଡେଇ ସାହି, ଭଞ୍ଜନଗର / ୨୫୨୮୦୬୧୦୦୩୦୫୬୧ | ଟ. ୨୨,୧୩୭/- + ଲାଗୁ ହୋଇନଥିବା ସୁଧ | ୮.୩୦ |
| ୬. | କବିରାଜ ପ୍ରଧାନ, ପି: ଧୋବା ପ୍ରଧାନ, ସାନକୋଦଣ୍ଡା, ଭଞ୍ଜନଗର / ୨୫୨୮୦୬୧୦୦୩୦୦୨୮ | ଟ. ୧,୭୧,୦୦୦/- + ଲାଗୁ ହୋଇନଥିବା ସୁଧ | ୪୮.୦୦ |
| ୭. | ମନୋଜ କୁମାର ବାଡ଼ତ୍ୟା, ପି: ଜଗବନ୍ଧୁ ବାଡ଼ତ୍ୟା, ଭଞ୍ଜନଗର / ୨୫୨୮୦୬୧୦୦୨୪୭୩୭ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୯୦ |
| ୮. | ରୁନୁ ଗୌଡ଼, ସ୍ୱା: ରବି ନାରାୟଣ ଗୌଡ଼, ମାଙ୍କଡ଼କୁମ୍ଭା, ଲେମ୍ବା, ଭଞ୍ଜନଗର / ୨୫୨୮୦୬୧୦୦୩୩୨୨୭ | ଟ. ୮୦,୦୦୦/- + ଲାଗୁ ହୋଇନଥିବା ସୁଧ | ୩୦.୬୦ |
| ୯. | ସୁଶାନ୍ତ କୁମାର ସ୍ୱାଇଁ, ପି: ଯୁଧିଷ୍ଠିର ସ୍ୱାଇଁ, ବାହାଡ଼ପଦର, ଭଞ୍ଜନଗର / ୨୫୨୮୦୬୧୦୦୩୨୩୭୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୦୦ |
| | **ଗୋପାଳପୁର ଶାଖା, ଗୋପାଳପୁର, ଓଡ଼ିଶା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ପ୍ରତିଭା ଭାରତୀ ସାନବର୍ଷା, ଫୋନ୍ ନଂ. ୮୯୧୭୩୯୯୭୨୮** | | |
| ୧. | ନରେଶ ଚନ୍ଦ୍ର ବେହେରା, ପି: ଖଗେଶ୍ୱର ବେହେରା, ହରିପୁର, ଗୋପାଳପୁର / ୨୧୫୦୦୬୧୦୦୨୬୭୬୨ | ଟ. ୪୧,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୬୫ |
| | **ସୁହାଗପୁର ଶାଖା, ଫକିର ସାହି, ନୟାହାଟ, ପୁରୀ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିବ୍ୟଲୋଚନ ସାହୁ, ଫୋନ୍ ନଂ. ୭୮୯୪୩୩୫୨୬୬** | | |
| ୧. | ମାନସ ଓଝା, ପି: ଗୋଲେଖ ଓଝା, ସା-ଫକିର ସାହି, ସୁହାଗପୁର / ୨୪୬୧୦୬୧୦୦୧୩୬୮୭ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୪୦ |
| | **ଫୁଲବାଣୀ ଶାଖା, ଫୁଲବାଣୀ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ. ୯୪୩୯୩୧୩୬୦୫** | | |
| ୧. | ସୁଧାଂଶୁ ମୋହନ ମହାନ୍ତି, ପି: ସୁରେନ୍ଦ୍ରନାଥ ମହାନ୍ତି, ଆଇ.ସି.ଆଇ.ସି.ଆଇ ଲେନ୍, ମେନ୍ ରୋଡ୍, ଫୁଲବାଣି / ୦୮୧୩୦୬୧୦୦୧୯୫୧୧ | ଟ. ୪,୯୬,୧୬୩/- + ଲାଗୁ ହୋଇନଥିବା ସୁଧ | ୧୬୮.୮୦ |
| ୨. | ଅକ୍ଷୟ କୁମାର ନାୟକ, ପି: ସୁଧିର ନାୟକ, ସା-ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୨୫୨ | ଟ. ୨୫,୯୬୩/- + ଲାଗୁ ହୋଇନଥିବା ସୁଧ | ୯.୭୦ |
| ୩. | ରେଣୁକା ଦେହୁରୀ, ପି: ସେବତୀ ଦେହୁରୀ, ନଦୀଖଣ୍ଡି ସାହି, ଫୁଲବାଣି / ୦୮୧୩୦୬୧୦୦୧୯୪୫୦ | ଟ. ୨୦,୦୦୦/- + ଲାଗୁ ହୋଇନଥିବା ସୁଧ | ୯.୦୦ |
| | **ମାଲକାନଗିରି ଶାଖା, ବସ ଷ୍ଟାଣ୍ଡ ନିକଟ, ଜିଲ୍ଲା-ମାଲକାନଗିରି ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସିମାଞ୍ଚଳ ଗାମ୍ପା, ଫୋନ୍ ନଂ. ୮୦୯୩୫୯୦୭୫୬** | | |
| ୧. | କେ. ବାଲାରାଜୁ, ପି: କେ ରତ୍ନାଲୁ, ଚିଦାନନ୍ଦ ସାହି, ମାଲକାନାଗିରି / ୩୦୨୯୦୬୧୦୦୦୧୪୭୯ | ଟ. ୭୩,୫୦୦/- + ଲାଗୁ ହୋଇନଥିବା ସୁଧ | ୨୬.୬୫ |
| | **ଜାଆଁଳା ଶାଖା, ଜାଆଁଳା, ଜିଲ୍ଲା-ଖୋର୍ଦ୍ଧା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁତପ ପଟ୍ଟନାୟକ, ଫୋନ୍ ନଂ. ୮୭୬୩୬୮୨୩୨୧** | | |
| ୧. | ସଚିନ କୁମାର ରାଉତ, ପି: ଲକ୍ଷ୍ମଣ ରାଉତ, ଗଙ୍ଗପଡ଼ା, ଖୋର୍ଦ୍ଧା / ୧୫୭୯୦୬୧୦୦୧୫୪୧୪ | ଟ. ୮୪,୯୦୦.୫୪ + ଲାଗୁ ହୋଇନଥିବା ସୁଧ | ୩୦.୦୫ |
| | **ଫିରିଙ୍ଗିଆ ଶାଖା, ଫିରିଙ୍ଗିଆ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭବାନୀଶଙ୍କର ମିଶ୍ର, ଫୋନ୍ ନଂ. ୯୪୩୮୨୧୨୦୩୨** | | |
| ୧. | ଅମୂଲ୍ୟ ସାହାଣୀ, ପି: ଜୟଶର ସାହାଣୀ, ଡିମିରିଗୁଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୫୪୪୫ | ଟ. ୩୫,୩୮୨.୨୦ + ଲାଗୁ ହୋଇନଥିବା ସୁଧ | ୧୫.୨୦ |
| ୨. | ଅନିରୁଦ୍ଧ ଦିଗଲ, ପି: ଗଦାଧର ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୯୮ | ଟ. ୫୦,୪୧୩/- + ଲାଗୁ ହୋଇନଥିବା ସୁଧ | ୧୯.୦୦ |
| ୩. | ସୁବାଷ ଚନ୍ଦ୍ର ଦିଗଲ, ପି: ଚତୁର୍ଭୁଜ ଦିଗଲ, ଖଜୁରୀପଡ଼ା, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୭୧୪ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୫.୦୦ |
| ୪. | ବିଦ୍ୟାଧର କହ୍ନାର, ପି: ଦୟିଲି କହ୍ନାର, ପଙ୍ଗା, ସଦିଙ୍ଗିଆ, ଫିରିଙ୍ଗିଆ / ୧୦୩୬୦୬୧୦୦୧୪୯୧୨ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୬.୭୦ |
| | **ରାଇକିଆ ଶାଖା, ରାଇକିଆ, ଜିଲ୍ଲା-କନ୍ଧମାଳ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୁଷଣ ଶବର, ଫୋନ୍ ନଂ. ୯୪୩୭୪୫୯୨୮୦** | | |
| ୧. | ଅନନ୍ତ ଦିଗଲ, ପି: ତ୍ରିନାଥ ଦିଗଲ, କରଦା, ରାଇକିଆ / ୦୮୧୦୦୬୧୦୦୧୬୦୧୫ | ଟ. ୪୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୧.୦୦ |
| ୨. | ପୂର୍ଣ୍ଣମାଳା ଦିଗଲ, ସ୍ୱା: ପ୍ରଦିମାନ ଦିଗଲ, ଅଲଙ୍ଗକୂପ, ଲୁମିନଗିଆ, ରାଇକିଆ / ୦୮୧୦୦୬୧୦୦୧୬୫୬୫ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୮.୫୦ |
| ୩. | ଚନ୍ଦନ ପ୍ରଧାନ, ପି: ରେଜିନା ପ୍ରଧାନ, ରାଜ୍ଜେଣିପାଟ, ଗୁନ୍ଧାଣି, ରାଇକିଆ / ୦୮୧୦୦୬୧୦୦୧୬୮୮୬ | ଟ. ୩୦,୦୦୦/- + ଲାଗୁ ହୋଇନଥିବା ସୁଧ | ୧୦.୦୦ |
| ୪. | ସୁନେଲି ନାୟକ, ପି: ମାସେସ ନାୟକ, ପଡ଼ିଶିଳା, ରାଇକିଆ / ୦୮୧୦୦୬୧୦୦୧୩୦୬୯ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୧୧ |
| | **ବଡ଼ଖୋଲି ଶାଖା, ବଡ଼ଖୋଲି, ଭାୟା-ଆସ୍କା, ବ୍ରହ୍ମପୁର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଫୋନ୍ ନଂ. ୭୭୪୯୦୦୦୮୭୮** | | |
| ୧. | ତ୍ରିଲୋଚନ ବାଡ଼ତ୍ୟା, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ / ୧୧୬୦୦୬୧୦୦୨୪୯୭୩ | ଟ. ୧,୩୪,୦୦୦/- + ଲାଗୁ ହୋଇନଥିବା ସୁଧ | ୪୬.୧୭ |
| ୨. | ତ୍ରିଲୋଚନ ବାଡ଼ତ୍ୟା, ପି: ଶ୍ୟାମଘନ ବାଡ଼ତ୍ୟା, ଭେଟନଇ, ଗଞ୍ଜାମ /୧୧୬୦୦୬୧୦୦୨୫୭୭୨ | ଟ. ୩୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୩୦ |
| | **ବିଦ୍ୟୁତ ମାର୍ଗ ଶାଖା, ବିଦ୍ୟୁତ୍ ମାର୍ଗ, ଶିକ୍ଷା ସୁଦ୍ଧା (ଓପିଇପିଏ), ୟୁନିଟ୍-୫, ଭୁବନେଶ୍ୱର ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. ୮୭୬୩୯୯୨୯୪୦** | | |
| ୧. | ଗୋଲେଖ ଚନ୍ଦ୍ର ସାହୁ, ପି: ଧନେଶ୍ୱର ସାହୁ, ଘର ନଂ. ୨ଆର୍‌ଏ-୨୮/୬, ଓଏମ୍‌ସି କଲୋନୀ, ୟୁନିଟ୍-୮, ଭୁବନେଶ୍ୱର/୨୦୭୪୦୬୧୦୦୧୩୨୩୬ | ଟ. ୮୧,୫୯୫/- + ଲାଗୁ ହୋଇନଥିବା ସୁଧ | ୨୯.୦୦ |
| | **କଲେଜ ଛକ ଶାଖା, କଲେଜ ଛକ, କଟକ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଦିପ୍ତ ମିଶ୍ର, ଫୋନ୍ ନଂ. ୮୦୧୮୩୫୫୬୧୪** | | |
| ୧. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୨୨୭୪୦ | ଟ. ୬୬,୪୦୭/- + ଲାଗୁ ହୋଇନଥିବା ସୁଧ | ୨୩.୮୬ |
| ୨. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ /୦୨୪୫୦୬୧୦୦୧୪୭୬୯ | ଟ. ୬୫,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୦୭ |
| ୩. | ଅନ୍ନପୂର୍ଣ୍ଣା ଦାସ, ସ୍ୱା: ଅରୁଣ କୁମାର ଦାସ, ମଠସାହି, କଲେଜ ଛକ, କଟକ / ୦୨୪୫୦୬୧୦୦୧୪୭୩୮ | ଟ. ୫୭,୦୦୦/- + ଲାଗୁ ହୋଇନଥିବା ସୁଧ | ୨୪.୫୦ |
| ୪. | ରାଧାରାଣୀ ସାହୁ, ସ୍ୱା: ଲକ୍ଷଭୁଷଣ ସାହୁ, ତେଲିସାହି, ରାଣିହାଟ, କଟକ / ୦୨୪୫୦୬୧୦୦୧୯୦୧୬ | ଟ. ୪୮,୫୦୦/- + ଲାଗୁ ହୋଇନଥିବା ସୁଧ | ୧୫.୯୮ |
| ୫. | ଅଶୋକ କୁମାର ସ୍ୱାଇଁ, ପି: ସ୍ୱାର୍ଗତଃ ରତ୍ନାକର ସ୍ୱାଇଁ, ସର୍ତ୍ତୋଲ, ନୂଆବଜାର, କଟକ / ୦୨୪୫୦୬୧୦୦୧୯୮୬୩ | ଟ. ୧,୫୪,୬୦୦/- + ଲାଗୁ ହୋଇନଥିବା ସୁଧ | ୪୬.୪୨ |
| ୬. | ପୁଷ୍ପଲତା ପରିଡ଼ା, ମାର୍ଫତ-ଅଶିତ କୁମାର ଜେନା, ନିଷ୍ଟିପୁର, ଘାସିପୁଟ, ବାଙ୍କି, କଟକ / ୦୨୪୫୦୬୧୦୦୧୯୨୦୭ | ଟ. ୨,୬୦,୦୦୦/- + ଲାଗୁ ହୋଇନଥିବା ସୁଧ | ୭୬.୬୭ |
| | **ସାତପାଟଣା ଶାଖା, ସାତପାଟଣା, ଦଶପଲ୍ଲା, ନୟାଗଡ଼ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପି. କେ. ମିଶ୍ର , ଫୋନ୍ ନଂ. ୯୧୨୩୮୧୭୭୪୮** | | |
| ୧. | ପିଙ୍କି ପ୍ରଧାନ, ସ୍ୱା: ସୁରେଶ ପରିଡ଼ା, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୬୫୫୭ | ଟ. ୪୭,୦୦୦/- + ଲାଗୁ ହୋଇନଥିବା ସୁଧ | ୧୪.୨୦ |
| ୨. | ପ୍ରଭାତି ବାରିକ, ସ୍ୱା: ଦିପକ ବାରିକ, ଜଗପୁର ରୋଡ୍, ସିମିଳି ସାହି, ଦଶପଲ୍ଲା / ୦୪୦୦୦୬୧୦୦୨୭୦୩୫ | ଟ. ୬୮,୦୦୦/- + ଲାଗୁ ହୋଇନଥିବା ସୁଧ | ୨୬.୪୦ |
| ୩. | ଦୁଷ୍ମନ୍ତ ପ୍ରଧାନ, ପି: ପ୍ରାଣବନ୍ଧୁ ପ୍ରଧାନ, ଖମାର ସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୭୦୮୦ | ଟ. ୬୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୮୦ |
| ୪. | ରମେଶ ମଳିକ, ପି: କାଶିନାଥ ମଳିକ, ଉଦୁଦା, ପୋଖରୀଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୯୧୯୧ | ଟ. ୨୫,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୨୦ |
| ୫. | ଶାରସ୍ୱତ ନାୟକ, ପି: ଋଷି ନାୟକ, ଭାଗମୁଣ୍ଡା, ଜାମୁସାହି, ବାଣିଗୋଛା, ଦଶପଲ୍ଲା / ୦୪୦୦୦୬୧୦୦୧୮୮୬୬ | ଟ. ୧୨,୦୦୦/- + ଲାଗୁ ହୋଇନଥିବା ସୁଧ | ୧୩.୪୦ |
| ୬. | ଭରତ ନାଏକ, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୧୮୪୭୭ | ଟ. ୨୪,୦୦୦/- + ଲାଗୁ ହୋଇନଥିବା ସୁଧ | ୧୨.୪୦ |
| ୭. | ଭରତ ନାଏକ, ପି: କାର୍ତ୍ତିକ ନାଏକ, କେ.ସି. ପାଟଣା, ସାତପାଟଣା / ୦୪୦୦୦୬୧୦୦୨୦୩୪୦ | ଟ. ୨୩,୦୦୦/- + ଲାଗୁ ହୋଇନଥିବା ସୁଧ | ୧୯.୩୦ |
| ୮. | ସୁଜାତା ଦାସ, ସ୍ୱା: ଅନନ୍ତ ଦାସ, ଆରସାହି, ସୁବାଳୟ, ଦଶପଲ୍ଲା / ୦୪୦୦୦୬୧୦୦୨୧୦୬୪ | ଟ. ୨୭,୬୧୪/- + ଲାଗୁ ହୋଇନଥିବା ସୁଧ | ୧୫.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର **୨୫%** ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୦୭.୨୦୨୨** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**UTKAL UNIVERSITY**
**M.TECH (IT)**
CENTER FOR IT EDUCATION
(Accredited A+ by NAAC) DEPARTMENT OF STATISTICS, UTKAL UNIVERSITY

**ADMISSION 2022-23**

Applications are invited for Admission for the 2 year Full time program on M.Tech in Information Technology in the Department for the Academic Session 2022-23 under PPP mode.

**ELIGIBILITY FOR ADMISSION**

(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(II) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level).

Candidates those who have appeared the final Examination/waiting for final result may provisionally be admitted in to M.Tech (IT) course, provided that such candidates shall submit their pass result & CLC before filling up forms for the 1st Semester Examination.

**IMPORTANT DATES**

**Last date of issue & submission of the application form 23.08.2022**
**Date of Entrance Test: 27.08.2022**

**Course Director, Centre for IT Education, M.TECH.(IT)**
**Department of Statistics, Utkal University,**
**Vani Vihar, Bhubaneswar-751004,**
**Tel: 0674 - 2567711 / 9438014469 / 6371615706**
**Website : www.citeutkal.com**
**e-mail : citeutkal@gmail.com / centreforiteducation@gmail.com**

**Chairman, P.G. Council**



**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR - 4**
(Accredited A+ by NAAC)

**NOTIFICATION**

**No.CPG/Aca/11/618/2022** — **Dated: 30.07.2022**

**ENTRANCE TEST & ADMISSION NOTIFICATION, 2022 - 23**

Utkal University, the mother University of Odisha invites online applications for admission into following Sponsored Courses for the session 2022-23. Students awaiting Final Degree results can also apply for the entrance tests for admission.

**Sponsored Courses**

| Name of the Course | Online Application Period | Date of Entrance Exam |
|---|---|---|
| 5 Years Integrated MBA | 02.08.2022 to 16.08.2022 | 21.08.2022 |
| Lateral Entry into IMBA | 02.08.2022 to 16.08.2022 | 21.08.2022 |
| 5 Years Integrated MCA | 02.08.2022 to 16.08.2022 | 21.08.2022 |
| 4 Years Integrated BA B.Ed | 02.08.2022 to 22.08.2022 | 28.08.2022 |
| B.Ed(Arts) & B.Ed (Science) | 02.08.2022 to 30.08.2022 | 04.09.2022 |
| M.Ed. | 02.08.2022 to 30.08.2022 | 06.09.2022 |

**NB:-**
- Candidates are required to submit hard copy of online application along with relevant documents on the date of Entrance Test in respective Departments.
- Admit cards indicating details of Date, time and venue of examination will be uploaded in University website three days before the entrance test.
- Details regarding admission and other related information can be obtained from Information Bulletin available in University website.

**How to apply**

Visit Utkal University website at **www.utkaluniversity.ac.in** for procedure of E-admission 2022-23, guidelines for Application and Fees etc.
Incase of any query write to- **helpdesk.uueadmission@gmail.com**

**NB: No admission shall be given to a candidate for any of the above Courses for the second time.**

**Chairman, P.G. Council**

## ସୁନା ଦୋକାନରୁ ଚୋରି

ନର୍ଲା,(ଡି.ଏନ.ଏ.): ଶୁକ୍ରବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ସତସଙ୍ଗ ମନ୍ଦିର ପାଖରେ ଥିବା ବଜରଙ୍ଗବଲି ସୁନା ଅଳଙ୍କାର ଦୋକାନରୁ ଚୋରି ହୋଇଯାଇଛି। ଦୋକାନ ମାଲିକ ଘରେ ଶୋଇଥିବା ସମୟରେ ଚୋରମାନେ ପଛପଟେ ପଶି ତାଙ୍କୁ ଘର ଭିତରେ ବନ୍ଦ କରି ଦେଇ ୩ ଭରି ସୁନା, ୧୨ଶହ ଗ୍ରାମ ରୁପା ଓ ନଗଦ ୯ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଦୋକାନ ମାଲିକ ରବୀନ୍ଦ୍ର ମହାପାତ୍ର ଥାନାରେ ଶନିବାର ଏତଲା ଦେଇଛନ୍ତି। ପୋଲିସ ଅନୁସନ୍ଧାନୀ କୁକୁରକୁ ନେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ହେଁ ଚୋରମାନଙ୍କ ପତ୍ତା ମିଳିନାହିଁ।

**ସଂକ୍ଷେପରେ**

## ଓଷ୍ଟା କାର୍ଯ୍ୟକାରୀ କମିଟି ବୈଠକରେ ଦୁଇ ମେଧାବୀ ଛାତ୍ରୀ ସମ୍ବର୍ଦ୍ଧିତ

ସିନାପାଲି, ୩୦।୭(ଡି.ଏନ୍.ଏ.): ନୂଆପଡ଼ା ଜିଲା ଗଣ୍ଡାବାହଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସିନାପାଲି ବ୍ଲକ ଶାଖାର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୃପୁଚ୍ଛମୌଳି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂଆପଡ଼ା ଜିଲା ଓଷ୍ଟାର ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ଉପସଭାପତି ବଦନ ସୁନ୍ଦର ମେହେର , ଯୁଗ୍ମ ସମ୍ପାଦକ ପ୍ରୀୟମଞ୍ଜରି ବେହେରା, ବରିଷ୍ଠ ଶିକ୍ଷକ ସତ୍ୟବାନ ମେହେର, ଜଗନ୍ନାଥ ସେଠୀ, ଲଳିତ ସୁନାରି ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷକ ଭରତ କାଣ୍ଡ ଓ ଚନ୍ଦ୍ର ଶେଖର ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହା ସହିତ ଚଳିତ ମାଟ୍ରିକ ପରୀକ୍ଷାରେ 'ଏ ୱାନ' ଗ୍ରେଡ ପାଇ ଜିଲା ଟପ୍ପର୍ ହୋଇ ଥିବା ରତ୍ନୁପର୍ଣ୍ଣା କୁଣ୍ଡୁ ଓ କରୀଷ୍ମା ମେହେରଙ୍କୁ ମଧ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ଅତିଥିମାନଙ୍କୁ ସ୍ୱାଗତ କରୁଥିବାବେଳେ ଲିଙ୍ଗରାଜ ସା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳଜି ବୈକାର, ଗିରିଶ ଚନ୍ଦ୍ର ନାୟକ, ବାମଦେବ ଦାସ, ବୁଡୁରାମ ମେହେର, ଭୁବନେଶ୍ୱର ମେହେର, ତ୍ରିନାଥ ମେହେର, ରାଜକୁମାର ତାଣ୍ଡି, ଧୋବ୍ଲେଶ୍ୱର୍ ମେହେର, ରୁଦ୍ର ମାଧବ ସା, ଚିତ୍ତରଞ୍ଜନ ଠାକୁର, ଅକ୍ଷୟ ରାୟ, ପୂର୍ଣ୍ଣଚନ୍ଦ୍ର ମେହେର, ସଂଗ୍ରାମ କେଶରୀ ପ୍ରଧାନ, ଡିଗ୍ରେସୱର୍ ସୁନାନୀ, ନିରାକାର ସାହୁ ପ୍ରମୁଖଙ୍କ ସହିତ ଅନେକ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଯାଦବ ସମାଜ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା ଅଫିସ/ବୋଡେନ, ୩୦।୭(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକ ପାତଲଗଙ୍ଗା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ସଭା ଗୃହରେ ନବ ନିର୍ବାଚିତ ଜିଲାସ୍ତରୀୟ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜୟରାମ ଜାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ହିତେଶ ବଗର୍ତି ଯୋଗଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଚାରିଗଡ ଯାଦବ ସମାଜ ସଭାପତି ଗରିଆବନ୍ଧ କେନୁରାମ, ମୁଖ୍ୟବକ୍ତା ଭାବରେ ଉତ୍କଳ ଯାଦବ ସମାଜ ମହାସଚିବ ଲମ୍ବୋଦର ନିଆଲ ଯୋଗଦାନ କରିଥିଲେ। ସନ୍ତୋଷ ନିଆଲ, ଘନଶ୍ୟାମ କରୁଆ, ପ୍ରେମସିନ୍ଧୁ ହେର୍ଣ୍ଣ, ଯୌବନ ସଲମ, ମମତା ମଞ୍ଜୁରୀ ଥପା, ମିନତି କାଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକାରୀ କର୍ମକର୍ତ୍ତା ସହିତ ୫ବ୍ଲକର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯାଦବ ସମାଜ ଜିଲା ସଭାପତି ଭରତଲାଲ ରାଉତ, ତ୍ରିଲୋଚନ ନାଗ, ଚଞ୍ଚଳ ଶଗରିଆ, ସୁରେଶ ଚନ୍ଦ୍ର ବାଗ, କିଶୋର କଠାର, ତ୍ରିନାଥ ପୁଞ୍ଜି, ବିଷ୍ଣୁପଦ ବାଗ, ଯୁଧିଷ୍ଠିର ଶଗଡିଆ, ଅମୀୟ ଦାସ, ରାଜ କିଶୋର ହେର୍ଣ୍ଣା, ତାରାଚନ ଥପା ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ଧସିଲା ଆଡ଼ିବନ୍ଧ

- ଘାସ ରୋପଣ, ପଥର ପ୍ୟାକିଂ ହୋଇ ନ ଥିଲା
- ନିମ୍ନମାନର କାମ କରାଯାଇଥିବା ଅଭିଯୋଗ

ସଇଁତଳା,୩୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଦେଇ ଯାଇଥିବା ଲାନ୍ଥନଦୀର ବାମପାର୍ଶ୍ୱରେ ଜଳସେଚନ ବିଭାଗ ତରଫରୁ ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣର ମାସେ ନ ପୁରୁଣୁ ବର୍ଷାପାଣିରେ ଏହା ଧସି ଯାଇଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଅଭିଯୋଗ ହୋଇଛି।

ଲାନ୍ଥନଦୀର ବାମପାର୍ଶ୍ୱରେ ସଇଁତଳା ବ୍ଲକ ଟିକ୍ରାପଡ଼ାଠାରୁ ଆମ୍ବପାଲି ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗତ ଏପ୍ରିଲ/ମେ ମାସରେ ଆଡ଼ିବନ୍ଧମାନ ନିର୍ମାଣ ହୋଇଥିଲା। ଆଡ଼ିବନ୍ଧ ନିର୍ମାଣ ସମୟରେ ବିଭାଗ କିମ୍ବା ଠିକାସଂସ୍ଥା ତରଫରୁ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ କାର୍ଯ୍ୟ ସମ୍ପର୍କିତ କୌଣସି ତଥ୍ୟ ସାଧାରଣ ଲୋକେ ଜାଣି ପାରୁ ନାହାନ୍ତି। ତେବେ ମିଳିଥିବା ସୂଚନା ଅନୁସାରେ ଆମ୍ବପାଲି ଗ୍ରାମ ନିକଟ ଲାନ୍ଥନଦୀରେ ଆଡ଼ିବନ୍ଧ ନିର୍ମାଣ ପାଇଁ ୫୭ଲକ୍ଷ ଟଙ୍କା ବ୍ୟୟ ହୋଇଛି। ନିର୍ମାଣ ପରେ ଆଡ଼ିବନ୍ଧରେ ଘାସ ରୋପଣ ତଥା ପଥର ବସାଯାଇନାହିଁ। ଫଳରେ ଚଳିତବର୍ଷର ପ୍ରଥମ ବର୍ଷାରେ ସମ୍ପୃକ୍ତ ଆଡ଼ିବନ୍ଧର ମାଟି ଧସି ଧୋଇ ହୋଇଯାଇଛି। ଏ ନେଇ ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର ଜଗନ୍ନାଥ ପାଣିଙ୍କୁ ପଚାରିବାରୁ ମୁଁ ଏଠାରେ ନିକଟରେ ଯୋଗଦେଇଛି। ଘଟଣାସ୍ଥଳ ପରିଦର୍ଶନ ପରେ କଣ ସମସ୍ୟା ହୋଇଛି କହି ପାରିବି ବୋଲି କହିଥିଲେ।


ଆମ୍ବପାଲି ନିକଟରେ ଲାନ୍ଥ ନଦୀକୂଳରେ ହୋଇଥିବା ଆଡ଼ିବନ୍ଧ ଧସିଯାଇଛି।

## ନର୍ଲାରେ ସବ୍ ରେଜିଷ୍ଟ୍ରାର ଅଫିସ ଓ ଜେଏମ୍ଏଫ୍ସି କୋର୍ଟ ପାଇଁ ପ୍ରକ୍ରିୟା ଆରମ୍ଭ

ରୁପ୍ରାରୋଡ,୩୦।୭ (ଡି.ଏନ.ଏ.)

ନର୍ଲାରେ ସବ୍ ରେଜିଷ୍ଟ୍ରାର ଅଫିସ ଓ ଜେଏମଏଫସି କୋର୍ଟ ସ୍ଥାପନ ନେଇ ଆଶା ଉଜ୍ଜଳ ହୋଇଛି। ନର୍ଲାରେ ତହସିଲ ଅଫିସ ସ୍ଥାପିତ ହେବାର ଦୀର୍ଘ ୧୫ ବର୍ଷ ହୋଇ ସାରିଥିବା ବେଳେ ଜମିଜମା ସଂକ୍ରାନ୍ତୀୟ ରେଜିଷ୍ଟ୍ରେସନ ପାଇଁ ସ୍ଥାନୀୟ ଲୋକେ ମ. ରାମପୁର ଯାଉଥିଲେ। ଦୀର୍ଘ ଦିନରୁ ନର୍ଲାରେ ସବ ରେଜିଷ୍ଟ୍ରାର ଅଫିସ ଖୋଲିବା ପାଇଁ ଦାବି ହୋଇ ଆସୁଥିଲା। ଏବେ ସେଠାରେ ସବ ରେଜିଷ୍ଟ୍ରାର ଅଫିସ ଖୋଲିବା ନେଇ ଜିଲା ରେଜିଷ୍ଟ୍ରାର ଅଫିସରୁ ଏକ ଚିଠି ଆସିଥିବା ଜଣାପଡିଛି। ସେହିଭଳି ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା। ସେଥିପାଇଁ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଥିବା ଜଣାପଡିଛି। ଜେଏମଏଫସି କୋର୍ଟ ଏବେ ଅସ୍ଥାୟୀ ଭାବରେ ନର୍ଲା ନୋଡାଲ ୟୁପି ସ୍କୁଲରେ ଚାଲିବ। ପରେ ସ୍ଥାୟୀ କୋଠା ନିର୍ମାଣ ହୋଇ ଏହା ସ୍ଥାନାନ୍ତର ହେବ ବୋଲି ଜଣାପଡିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ପ୍ରକାଶଯୋଗ୍ୟଯେ, ନର୍ଲାରେ ଜେଏମଏଫସି ଭବନ ନିର୍ମାଣ ପାଇଁ ନର୍ଲା ତହସିଲଦାର ଚପଟଖଣ୍ଡା ଅଞ୍ଚଳରେ ଜାଗା ଚିହ୍ନଟ କରିଥିବା ଜଣାପଡିଛି। ତେବେ ଏହି ସ୍ଥାନ ନର୍ଲାରୁ ଚାରି କି.ମି. ଦୂରରେ ରହିଛି। ସେଠାରେ କୋର୍ଟ ସ୍ଥାପନ ହେଲେ ସାଧାରଣ ଲୋକେ ଯିବା ଆସିବାରେ ଅନେକ ହଇରାଣ ହରକତ ହେବାର ସମ୍ଭାବନା ରହୁଥିବାରୁ ଚପଟଖଣ୍ଡାରେ କୋର୍ଟ ଗୃହ ନିର୍ମାଣକୁ ବିରୋଧ କରାଯିବା ସହ ତହସିଲ ଅଫିସ ସମ୍ମୁଖରେ କୋର୍ଟ ସ୍ଥାପନ କରାଯାଉ ବୋଲି ଜନସାଧାରଣ ଦାବି କରୁଛନ୍ତି। ନର୍ଲା ଓକିଲ ସଂଘ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଥିବା ୨୬ ଡେସିମିଲ ଜମି ନିଜ ଦଖଲକୁ ଆଣି ସରକାରଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଜମି ପାଇଁ ନର୍ଲା ଓକିଲ ସଂଘକୁ ଅନେକ କଷ୍ଟ କରିବାକୁ ପଡିଥିଲା। ତେବେ ସରକାରଙ୍କୁ ଜମିଦାନ ପରେ ଏହି ସ୍ଥାନରେ କୋର୍ଟ ସ୍ଥାପନ ନ ହୋଇ ଅନ୍ୟ ସ୍ଥାନରେ ହେବାକୁ ଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତହସିଲ ଅଫିସ ସମ୍ମୁଖରେ ଜେଏମଏଫସି କୋର୍ଟ ସ୍ଥାପନ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପୌର ନିର୍ବାହୀ ଅଧିକାରୀଙ୍କୁ କଂଗ୍ରେସର ଦାବିପତ୍ର

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇ ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ଦାବି କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୌର କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅବ୍ୟବସ୍ଥିତ ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟରେ ଅବହେଳା ଏବଂ ନାଳ ଜବରଦଖଲ ଯୋଗୁଁ ବର୍ଷାଦିନରେ ଜଳବନ୍ଦୀ ସମସ୍ୟାକୁ ନେଇ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରତିନିଧି ଅଜୟ ବାଲି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମ୍ୟୁନିସିପାଲିଟିର ଲାଇଟ କିଣା, ସଫେଇ ସାମଗ୍ରୀ ବ୍ଲିଚିଂ ପାଉଡର, ଫିନାଇଲ କିଣା ଦୁର୍ନୀତି ବିଷୟରେ ଅବଗତ କରିଥିଲେ। ଏହାର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ପ୍ରତିନିଧି ଦଳରେ ସାମିଲ ଥିବା ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଜିଲା ସେବାଦଳ ଅଧ୍ୟକ୍ଷ ଅସୀତ ମିଶ୍ର, ଜୁଲୁ ପଟ୍ଟନାୟକ, ୱାର୍ଡ ନମ୍ବର ୧୧ର କାଉସିଲର ପ୍ରଦୀପ ମିଶ୍ର, ହିମାଂଶୁ ନାୟକ, ସବିତା ଶତପଥି , ଅମୂଲ୍ୟ ସେଠ ଦାବି ଜଣାଇଥିଲେ । ଗତ ୪ଟି ପୌର ପରିଷଦ ସରକାରୀ ଦଳର ଅଧିନରେ ଥିବାରୁ ଏହାର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ମନଇଚ୍ଛା ଦୁର୍ନୀତିରେ ଲିପ୍ତ ହୋଇ ସାଧାରଣ କରଦାତାଙ୍କର କଷ୍ଟଲବ୍ଧ ଅର୍ଥର ବାଟମାରଣା କରୁଥିବା ଅଭିଯୋଗ କରିଥିଲେ। ଦାବି କରାଯାଇଥିବା ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ଦଳ ପୌର କାର୍ଯ୍ୟାଳୟକୁ ଘେରାଉ କରି ଅଚଳ କରିବ ବୋଲି ଉପସ୍ଥିତ କଂଗ୍ରେସ ପ୍ରତିନିଧି ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ ବିଚ୍ଛିନ୍ନ, ସପ୍ତାହେ ହେଲା ଜଳଯୋଗାଣ ବନ୍ଦ

ଲୋଇସିଂହା,୩୦।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା, ବୁର୍ଡା ଏବଂ ଯୋଗୀସର୍ଡା ଗ୍ରାମର ପାନୀୟ ଜଳ ଯୋଗାଣ ସପ୍ତାହେ ହେଲା ବନ୍ଦ ରହିଛି। ବିଦ୍ୟୁତ୍ ବିଲ ବକେୟା ପଡିଥିବାରୁ ବବିଭାଗ ପକ୍ଷରୁ ୩ପଞ୍ଚାୟତ ପାନୀୟ ପ୍ରକଳ୍ପ ପମ୍ପଗୃହର ସରବରାହ ବିଚ୍ଛିନ୍ନ କରି ଦେଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଯାଫଳରେ ୩ ପଞ୍ଚାୟତର ହଜାରହଜାର ପରିବାର ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି।

ଲୋଇସିଂହା ଓ ବୁର୍ଡା ପଞ୍ଚାୟତକୁ ଫାସଡ ସ୍ଥିତ ସୁକତେଲ ନଦୀରୁ ଜଳ ଯୋଗାଣ ହେଉଛି । ହେଲେ ଲୋଇସିଂହା ଓ ବୁର୍ଡା ପଞ୍ଚାୟତକୁ ଜଳ ଯୋଗଣ ହେଉଥିବା ଫାସଡ ସ୍ଥିତ ପମ୍ପଗୃହ ଏବଂ ପଞ୍ଚାୟତର ଜଳ ଯୋଗାଣର ଲକ୍ଷାଧିକ ଟଙ୍କା ବିଦ୍ୟୁତ୍ ବିଲ୍ ପଞ୍ଚାୟତ କର୍ତ୍ତୃପକ୍ଷ ପୈଠ କରି ନାହାନ୍ତି। ସେହିପରି ଯୋଗୀସର୍ଡା ପଞ୍ଚାୟତ ଅଧୀନ ଛେଲବାହାଲସ୍ଥିତ ସୁକତେଲ ନଦୀରୁ ଯୋଗୀସର୍ଡା, ଛେଲବାହାଲ, ମାହାରପାଲି, କେଉଁଟିପାଲି, ଗୁର୍ଜିଭାଟକୁ ପାଇପ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପରେ ମଧ୍ୟ ତଦ୍ରୂପ ଅବସ୍ଥା । ସ୍ଥାନୀୟ ସରପଞ୍ଚ ୧ଲକ୍ଷ ଟଙ୍କା ପୈଠ କଲା ପରେ ମଧ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ । ଅପରପକ୍ଷେ ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ବିଲ ପୈଠର କି ପ୍ରମାଣ ରହିଛି ବୋଲି ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନଙ୍କୁ କହିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଆସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ, ଆରଡବ୍ଲୁଏସଏସ ଓ ପଞ୍ଚାୟତ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରି ପ୍ରକଳ୍ପ ଚାଲୁ କରିବାକୁ ଦାବି ହେଉଛି । ଅପରପକ୍ଷ ବୁର୍ଡା ଓ ଲୋଇସିଂହା ସରପଞ୍ଚ ବିଲ ପୈଠ କରିଥିବା ଏବଂ ଆନ୍ଦୋଳନ ଚେତାବନୀ ଦେବା ପରେ ଶନିବାର ପ୍ରକଳ୍ପ ଚାଲୁ ହୋଇଥିବା ଜଣାଯାଇଛି।

## ଶିଶୁ ମନ୍ଦିରରେ ରଙ୍ଗୋଲି ପ୍ରତିଯୋଗିତା


ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

ଖପ୍ରାଖୋଲ, ୩୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଝୋଟି ଆଙ୍କିଥିଲେ। ପ୍ରଥମରୁ ଚତୁର୍ଥ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରଙ୍ଗୋଲି ଝୋଟି ପ୍ରତିଯୋଗିତାରେ ଚତୁର୍ଥ, ପଞ୍ଚମ ଶ୍ରେଣୀ କନିଷ୍ଠ ବର୍ଗ ଏବଂ ଷଷ୍ଠରୁ ଅଷ୍ଟମ ଛାତ୍ରୀମାନେ ବରିଷ୍ଠ ବର୍ଗରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ଐଶ୍ୱର୍ଯ୍ୟ ଭୋଇ, ମନୋଜ ପ୍ରଧାନ, ବବିତା ଭୋଇ, ରାଜେଶ ଶତପଥୀ, କ୍ଷମାନିଧି ସାହୁ, ନାରାୟଣ ତାଣ୍ଡି ପ୍ରମୁଖ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

## ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଅ


ସମୀକ୍ଷା ବୈଠକରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଉପଜିଲାପାଳଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ**

ଖପ୍ରାଖୋଲ, ୩୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପାଟଣାଗଡ ଉପଜିଲାପାଳ ଡ଼ା ବିଜୟାନନ୍ଦ ସେଠୀ ଶନିବାର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ବିଡିଓ ଭୀମସେନ କହଁର, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଉପଖଣ୍ଡ ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଉନ୍ନୟନ କାମ, ପିଡିଏସ ଚାଉଳ ଯୋଗାଣ, ବିଭିନ୍ନ ଭତ୍ତା ଯୋଗାଣ, ଶିଶୁ ଖାଦ୍ୟ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କୁ କାମ ଓ ମଜୁରି ପ୍ରଦାନ ସମେତ ଗ୍ରାମୀଣ ଆବାସ ଯୋଜନା ଉପରେ ସମୀକ୍ଷା ହୋଇଥିଲା। ସରକାରଙ୍କ ଲୋକାଭିମୁଖୀ ଯୋଜନା କିଭଳି ଠିକ୍‌ଭାବେ ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଯତ୍ନବାନ ହେବାକୁ ସମସ୍ତ କର୍ମଚାରୀଙ୍କୁ ଉପଜିଲାପାଳ କହିଥିଲେ। ବୈଠକରେ ସିଡ଼ିପିଓ ସୁଜାତା ଦୋରା, ଜିପିଓ ସୁଶାନ୍ତ କୁମାର ପାଣି, ଯୋଗାଣ ଅଧିକାରୀ ବିକାଶ କୁମାର ବାର୍ଲା, ପିଏ ଅଶୋକ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପିଇଓ, ଜିଆରଏସ, ଯୋଗାଣ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମୀଣ ପାର୍କ ପରିଦର୍ଶନ କଲେ ଦୁଇ ବ୍ଲକର ସରପଞ୍ଚ

ଲୋଇସିଂହା,୩୦।୭(ଡିଏନ.ଏ)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ରଠାରେ ଗୁଡଭେଲା ଓ ପାଟଣାଗଡ ବ୍ଲକ ସରପଞ୍ଚମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିର ଜୁଲାଇ ୨୫ରୁ ୨୯ ଯାଏ ଚାଲିଥିଲା। ଉଦ୍‌ଯାପନୀ ଦିବସରେ ଜିଲାସ୍ତରୀୟ ଅଧିକାରୀ, ତାଲିମଦାତା ଏବଂ ସରପଞ୍ଚମାନେ ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ସଦର ଗ୍ରାମରେ ନିର୍ମାଣାଧୀନ ଗ୍ରାମୀଣ ପାର୍କ ପରିଦର୍ଶନ କରିଥିଲେ । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରେ ନିର୍ମିତ ଏହି ପାର୍କ ଲୋକଙ୍କୁ ଆକର୍ଷିତ କରୁଥିବା ଦେଖି ଏହି ପ୍ରତିନିଧିଦଳ ଖୁସିବ୍ୟକ୍ତ କରିଥିଲେ । ଏପରି ପ୍ରକଳ୍ପ ନିଜ ପଞ୍ଚାୟତରେ କରିବାକୁ ଆଗ୍ରହ ପ୍ରକାଶ କରିଥିବା ଉପସ୍ଥିତ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ କହିଛନ୍ତି।

## ଜୀବନ ଅନୁଭବ କଥା କହେ ସାହିତ୍ୟ

**ରଚନା ପକ୍ଷରୁ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା**

ବଲାଙ୍ଗୀର ଅଫିସ,୩୦।୭

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ କବି, ଗାଳ୍ପିକ ଓ ଚିତ୍ରଶିଳ୍ପୀ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଛି। ରଚନା ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେଉଁଝର ସ୍ଥିତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରାଧ୍ୟାପକ କବି ଡ. ସୁଧା ଦାଶ ଯୋଗଦାନ କରି ଆମ ଜୀବନ ଆମ ସାହିତ୍ୟ ଶୀର୍ଷକରେ ସ୍ମାରକୀ ବକ୍ତୃତା ଦେଇଥିଲେ। ଜୀବନର ସକଳ ଅନୁଭବ ହିଁ ସାହିତ୍ୟରେ ପ୍ରତିଫଳିତ ହୁଏ। ଜୀବନର କଥା କହୁଥାଏ ସାହିତ୍ୟ ବୋଲି ଡ. ଦାଶ କହିଥିଲେ। ସ୍ମାରକୀ ବକ୍ତୃତା ଆରମ୍ଭ ପୂର୍ବରୁ ସ୍ୱର୍ଗତ ସ୍ୱାଇଁଙ୍କ ଦୁଇଟି କବିତାକୁ ଅଧ୍ୟାପକ ନବୀନ ବିଶ୍ୱବନ୍ଧୁ ଓ କବି ସବିତା ମହରା ପାଠ କରିଥିଲେ। କବି ରାଜୀବ ଲୋଚନ ଆଚାର୍ଯ୍ୟ ସ୍ୱର୍ଗତ ସ୍ୱାଇଁଙ୍କ ଏକ ଗଳ୍ପ ପାଠ କରିଥିଲେ। ଏହି ଅବସରରେ ରଚନା ପକ୍ଷରୁ ପ୍ରକାଶିତ କବି ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କ ଦ୍ୱିତୀୟ କବିତା ସଙ୍କଳନ ଆତ୍ମୀୟ ଅନ୍ଧାର ଉନ୍ମୋଚିତ ହୋଇଥିଲା। କବି ମଧୁସୂଦନ ନେଗୀ ଓ ବନ୍ଦନା ପଟ୍ଟନାୟକ ସଙ୍କଳନରୁ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର କବି, ସାହିତ୍ୟିକ ଉପସ୍ଥିତ ଥିଲେ। ଶେଷରେ ରଚନା ପକ୍ଷରୁ କବି ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି।

## ଫସଲ ବୀମା ରାଶି ପ୍ରଦାନ ଦାବି, ରାସ୍ତାରୋକୋ

ସଇଁତଳା,୩୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତର ଚାଷୀ ୨୦୨୧ମସିହା ଖରିଫ ଫସଲର ବୀମା ରାଶି ପାଇ ନାହାନ୍ତି। ଏହାର ପ୍ରତିବାଦ କରି ଶନିବାର ଭାଜପା ନେତୃତ୍ୱରେ ବିଭିନ୍ନ କୃଷକ ସଂଗଠନ ତରଫରୁ ସଇଁତଳା ନବୀନ ଛକଠାରେ ଜାତୀୟ ରାଜପଥ-୨୬କୁ ୩ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଟାୟାର ଜାଳି ସେମାନେ ଯୋରଦାର ପ୍ରତିବାଦ କରିଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ, ୨୦୨୧-୨୨ଖରିଫ ଫସଲ ପାଇଁ ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତର ଚାଷୀମାନେ ଫସଲବୀମା କରିଥିଲେ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ସମଗ୍ର ବ୍ଲକରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ ଡ଼େଙ୍ଗ, କୁମ୍ଭାରୀ, ଭଦ୍ରା, ଘୁନସର, ଆମ୍ବପାଲି, ତାଲବାହାଲ, ଗଣ୍ଡପତ୍ରାପାଲି, କୁଇକେଡ଼ା, ସଇଁତଳା, ବିବିନା, କନ୍ଧକେଲଗାଁ, ଯୁରାବନ୍ଧ, ଝିଙ୍କିଡୁଙ୍ଗୁରୀ, କଅଁସର ପଞ୍ଚାୟତର ଚାଷୀମାନଙ୍କୁ ଅଦ୍ୟାବଧି ଫସଲବୀମା ରାଶି ମିଳିନାହିଁ। ଏ ସମ୍ପର୍କରେ ତହସିଲଦାରଙ୍କୁ ଚାଷୀ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଚାଷୀମାନେ ଗତ କିଛିଦିନ ତଳେ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହାପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶନିବାର ସେମାନେ ବାଧହୋଇ ରାସ୍ତାକୁ ଓହ୍ଲାଇଥିଲେ। ତହସିଲଦାର ସୁରେନ୍ଦ୍ର ମେହେର, ଅତିରିକ୍ତ ତହସିଲଦାର ଲଳିତ ବାଗ, ଥାନା ଅଧିକାରୀ ଅବନୀ କୁମାର ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୧ମାସ ମଧ୍ୟରେ ବୀମା ରାଶି ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ସ୍ଥାନୀୟ ପ୍ରଶାସନ ଦେଇଥିବା ଧାନର କ୍ରପକଟିଂ ରିପୋର୍ଟ ଓ କମ୍ପାନୀର କ୍ରପକଟିଂ ରିପୋର୍ଟ ମଧ୍ୟରେ ତାଳମେଳ ରହୁ ନ ଥିବାରୁ କମ୍ପାନୀ ଚାଷୀମାନଙ୍କୁ ବୀମା ଟଙ୍କା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି।


ଚାଷୀମାନେ ନବୀନ ଛକଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ମଦଭାଟି କର୍ମଚାରୀଙ୍କଠୁ ୯୫ ହଜାର ଲୁଟ୍

ପଦ୍ମପୁର,୩୦।୭(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଥାନା ଅନ୍ତର୍ଗତ କୁମୁନିବାହାଲି ଛକ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଜଣେ ମଦଭାଟି କର୍ମଚାରୀଙ୍କଠାରୁ ୯୫ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ପଦ୍ମପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଶନିବାର ପ୍ରାୟ ୪ଟା ସମୟରେ ଜମଲା ଦେଶୀ ମଦଭାଟିର ଦୁଇଜଣ କର୍ମଚାରୀ ରାଜୁ ଜିତୁପ୍ରସାଦ ଓ ସନ୍ଦୀପ ଭାଟିରୁ ୯୫ ହଜାର ଟଙ୍କା ନେଇ ପଦ୍ମପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ କୁମୁନିବାହାଲି ଛକର ଏକ ନିଛାଟିଆ ସ୍ଥାନରେ ୩ ଜଣ ଦୁର୍ବୃତ୍ତ ଠେଙ୍ଗାରେ ଉକ୍ତ ମଦଭାଟି କର୍ମଚାରୀଙ୍କୁ ଆକ୍ରମଣ କରି ୯୫ ହଜାର ଟଙ୍କା ଲୁଟି ନେଇଥିଲେ। ଆକ୍ରମଣରେ ରାଜୁ ଜିତୁପ୍ରସାଦ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପଦ୍ମପୁର ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବନ୍ଧୁକ ମୁନରେ ବ୍ୟବସାୟୀଙ୍କ ଘରୁ ଲୁଟ୍

ସୋହେଲା,୩୦।୭(ଡି.ଏନ.ଏ.) ବରଗଡ଼ ଜିଲା ସୋହେଲା-ପଦ୍ମପୁର ରାସ୍ତା କଡରେ ଥିବା ଜଣେ ବ୍ୟବସାୟୀଙ୍କ ଘରୁ ଶନିବାର ରାତି ୮ଟା ବେଳେ ସଶସ୍ତ୍ର ଲୁଟ୍ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୧୦ଟା) ପୋଲିସ ଲୁଟେରାଙ୍କ ଟେର୍ ପାଇପାରିନାହିଁ। ସୂଚନା ଅନୁସାରେ, ସୋହେଲା-ପଦ୍ମପୁର ରାସ୍ତା କଡରେ ସୁନୀଲ ଅଗ୍ରୱାଲ ଘର କରି ସପରିବାର ରହିବା ସହ ସେହି ଘରେ ଏକ କିରାନା ଦୋକାନ କରିଛନ୍ତି। ଶନିବାର ରାତି ୮ଟା ବେଳେ ୩ଜଣ ଦୁର୍ବୃତ୍ତ କିରାନା ଦୋକାନକୁ ଧସେଇ ପଶିଥିଲେ ଏବଂ ସୁନୀଲଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ପ୍ରାୟ ୬୦ ହଜାର ଟଙ୍କା, ମୋବାଇଲ ଏବଂ ତାଙ୍କ ସ୍ତ୍ରୀଙ୍କ ସୁନାଚେନ ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ମାସ୍କ ସହ ହେଲମେଟ ପିନ୍ଧିଥିଲେ। ଫଳରେ ସେମାନଙ୍କୁ ଚିହ୍ନିବା ସମ୍ଭବ ହୋଇପାରି ନ ଥିଲା। ଉଲ୍ଲେଖନୀୟ, କିଛିଦିନ ତଳେ ଏକ ଗହଣା ଦୋକାନରୁ ଦିନବେଳା ଲୁଟ୍ ହୋଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର ସୁଦ୍ଧା ପାଇନାହିଁ।

### ଭାରସାମ୍ୟ ହରାଇ ଧକ୍କା ଦେଲା କାର, ଜଣେ ଆହତ

ବୌଦ୍ଧ,୩୦।୭ (ସ୍ୱ.ପ୍ର.): ଶନିବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଏକ କାର କୌଣସି କାରଣରୁ ଭାରସାମ୍ୟ ହରାଇ ଠେଲା ଦୋକାନକୁ ଧକ୍କା ଦେବାରୁ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ, ସନ୍ଧ୍ୟାରେ ଏକ କାର (ଓଡି-୨୭ସି-୮୯୭୦) ଧଳପୁର ଆଡୁ ପୁରୁଣାକଟକ ଆଡକୁ ଆସୁଥିବା ବେଳେ ପୁରୁଣାକଟକ ଏଟିଏମ ନିକଟ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଠାରେ ଏକ ଠେଲା ଦୋକାନକୁ ଧକ୍କା ଦେଇଥିଲା । ଧକ୍କା ଯୋଗୁ ଠେଲା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ହେଁ ପାର୍ଶ୍ୱରେ ଥିବା ଗ୍ରାହକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଠେଲା ଦୋକାନର ଗରମ ତେଲ ପଡି ଜଣେ ଆହତ ହୋଇଥିବା ଜଣାପଡିଛି । ଖବର ପାଇ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ଜିଲା ପୋଲିସ ମୁଖ୍ୟାଳୟରେ ପ୍ରତିବାଦ ସଭା ।



ବନ୍ଦ ଆନ୍ଦୋଳନ ଯୋଗୁ ସହର ମୁଖ୍ୟରାସ୍ତା ଶୂନଶାନ୍।

# ବନ୍ଦ ଆନ୍ଦୋଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

- ଛାତ୍ରମୃତ୍ୟୁ ଘଟଣାର ତଦନ୍ତ ଦାବି ତେଜିଲା
- ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପତ୍ତାକୁ ଗୁରୁତ୍ୱ
- ଏମ୍‌ପି, ବିଧାୟକ ସମର୍ଥନ ଜଣାଇଲେ
- ପୋଲିସ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ

ବରଗଡ଼ ଅଫିସ୍,୩୦।୭

ବରଗଡ଼ ଛାତ୍ରମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ତେଜିଛି । ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆହୂତ ଶନିବାର ୧୨ଘଣ୍ଟିଆ ବରଗଡ଼ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରର ସମସ୍ତ ଦୋକାନ, ବଜାର, ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ ଦପ୍ତର ସମେତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସେହିପରି ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ବରିଷ୍ଠ ଖବରଦାତା ବିରେନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଜିଲା ଓକିଲ ସଂଘ, ବରଗଡ଼ ସାମ୍ବାଦିକ ସଂଘ, କଂଗ୍ରେସ, ବିଜେଡ଼ି, ଭାଜପା, ଆପ୍, ବିଏସପି ଆଦି ରାଜନୈତିକ ଦଳ, ଅଭିଭାବକ ସଂଘ, ବିଭିନ୍ନ ସାମାଜିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମନ୍ଦିର କମିଟି ସାମିଲ ହୋଇଥିଲେ। ସେହିପରି ବରଗଡ଼ ଏମ୍‌ପିଙ୍କ ସମେତ ଜିଲାର ସମସ୍ତ ବିଧାୟିକା, ବିଧାୟକ ବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ପ୍ରତିବାଦ ସଭାରେ ସୂଚନା ଦିଆଯାଇଥିଲା। ଏହାସହିତ ଛାତ୍ରମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ସହିତ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସବୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପତ୍ତାକୁ ନିଶ୍ଚିତ କରିବା ସହିତ ମୃତ ଛାତ୍ରଙ୍କ ନ୍ୟାୟ ଦାବି କରୁଥିବା ଅଭିଭାବକ, ସାମ୍ବାଦିକ ଏବଂ ସାମାଜିକ କର୍ମୀଙ୍କ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନେଇଥିବା ପୋଲିସ ଏସ୍‌ଡ଼ିପିଓ, ଏସ୍‌ଆଇଙ୍କୁ ନିଲମ୍ବନ କରିବାକୁ ଦାବି ହୋଇଥିଲା ।

ସୂଚନା ଅନୁସାରେ, ସହର ଉପକଣ୍ଠ ପ୍ରଧାନପାଲି ଗ୍ରାମର ଶିଶୁ ଆଦିତ୍ୟରାଜ ସାହୁ ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରଥମ ଶ୍ରେଣୀରେ ପଢୁଥିଲେ । ଗତ ୨୦ତାରିଖ ଖେଳ ପିରିୟଡ଼ରେ ସେ ଖେଳୁଥିବାବେଳେ ତଳେ ପଡ଼ିଯାଇ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ ଏବଂ ଚିକିତ୍ସା ପରେ ଘରକୁ ଆଣିଥିଲେ। ମାତ୍ର ଦିନକ ପରେ ଆଦିତ୍ୟରାଜଙ୍କ ଛାତି ଯନ୍ତ୍ରଣା ସହିତ ପୁଣି ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଆରମ୍ଭରୁ ପ୍ରକୃତ ଘଟଣାକୁ ଲୁଚାଇବାରୁ ଆଦିତ୍ୟରାଜଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ମୃତ ଛାତ୍ରଙ୍କ ପରିବାର ଲୋକେ ଗତ ୨୫ତାରିଖରେ ସମ୍ପୃକ୍ତ ସ୍କୁଲକୁ ଆସି ନ୍ୟାୟ ଦାବି କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ସଚେତନ ନାଗରିକ ଏବଂ ଅଭିଭାବକମାନେ ସାମିଲ ହେବା ସହିତ ରାଜରାସ୍ତାକୁ ଓହ୍ଲାଇଥିଲେ। ତେବେ ପୋଲିସ ନିଜ ଆଡୁ ଏତଲା କରି ୩୦୭ ଦଫାରେ ଜଣେ ସାମ୍ବାଦିକଙ୍କ ସମେତ ୯ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପୋଲିସର ଏଭଳି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଆନ୍ଦୋଳନକୁ ଇନ୍ଧନ ଯୋଗାଇଛି। ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଆନ୍ଦୋଳନର ଚୂଡ଼ାନ୍ତ ରୂପରେଖ ପାଇଁ ଜିଲା ଓକିଲ ସଂଘକୁ ଦାୟିତ୍ୱ ଦିଆଯାଇଛି ଏବଂ ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଆନ୍ଦୋଳନକାରୀମାନଙ୍କ ପକ୍ଷରୁ ରଖାଯାଇଥିବା ଦାବି ସମୂହ ଉପରେ ରବିବାର ଏସ୍‌ପିଙ୍କ ସହିତ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆଲୋଚନା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ପ୍ରତିବାଦ ସଭାରେ ମୃତ ଛାତ୍ରଙ୍କ ବାପା ଉମେଶ ସାହୁ, ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ, ସମ୍ପାଦକ ହରିହର ପ୍ରଧାନ, ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର, ବରଗଡ଼ ସାମ୍ବାଦିକ ସଂଘର ପ୍ରସନ୍ନ ମିଶ୍ର, ଜିଲା କଂଗ୍ରେସ କମିଟି ସଭାପତି ନିହାର ରଞ୍ଜନ ମହାନନ୍ଦ, ବିଜେଡ଼ିରୁ ପୂର୍ବତନ ବିଧାୟକ ସାଧୁ ନେପାକ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଭାଜପାରୁ ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଆପ୍‌ରୁ ଜିଲା ସଂଯୋଜକ ଭବାନୀ ପ୍ରସାଦ ସାହୁ, ବିଏସପିରୁ ଜୟରାମ ବାଗ, ଅଭିଭାବକ ସଂଘରୁ ବିମଳ କିଶୋର ଦାଶ, ସ୍କୁଲ ଅଭିଭାବକ ସଂଘରୁ ସଂଗ୍ରାମ ନେପାକଙ୍କ ସମେତ ସହରର ଶତାଧିକ ନାଗରିକ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ଛକରେ ମହମବତୀ ଜାଳି ମୃତ ଛାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ବିନା ପଲ୍ଲିସଭା ଓ ଗ୍ରାମସଭାରେ ଆଦର୍ଶ ଗ୍ରାମ ପ୍ରକଳ୍ପ ପ୍ରସ୍ତୁତି ଅଭିଯୋଗ

ବାଉଁଶୁଣୀ,୩୦।୭(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବହିରା ଗ୍ରାମ ପଞ୍ଚାୟତର ବହିରା ଗ୍ରାମକୁ ସରକାର ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଛନ୍ତି। ଫଳରେ ଗ୍ରାମର ରୂପରେଖ ବଦଳିବ। ଡ୍ରେନ, ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ ଆଦି କେତେ ଯୋଜନା କାର୍ଯ୍ୟକାରୀ ହେବାର ସ୍ୱପ୍ନ ଗ୍ରାମବାସୀ ଦେଖିବା ସ୍ୱାଭାବିକ। ମାତ୍ର ଘରକୁ ନ ପଶିବା ଆଗରୁ ମୁଣ୍ଡରେ ବାଜିଲାଣି ଚାଳ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଦର୍ଶ ଗ୍ରାମରେ କେଉଁ କେଉଁ ପ୍ରକଳ୍ପ କରାଯିବ ସେ ସମ୍ପର୍କରେ ଗ୍ରାମବାସୀ ପଲ୍ଲୀସଭା ମାଧ୍ୟମରେ ନିର୍ଦ୍ଧାରଣ କରିବା ପରେ ଗ୍ରାମସଭାରେ ଅନୁମୋଦନ ହୋଇ ମଞ୍ଜୁର ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯିବା କଥା। ହେଲେ ବହିରା ଗ୍ରାମରେ କିମ୍ବା ଗ୍ରାମ ପଞ୍ଚାୟତରେ କୌଣସି ବୈଠକ ନ ହୋଇ ଭିତିରିଆ ଭାବେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ମଞ୍ଜୁର ପାଇଁ ପଂଚାୟତ ସମିତିକୁ ପଠାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ୫-ଟିର ଡିଣ୍ଡିମ ପିଟି ଚାଲିଥିବା ସରକାର ଓ ପ୍ରଶାସନ କିଭଳି ଭାବରେ ବିନା ବୈଠକରେ ପ୍ରସ୍ତୁତ ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରି ନ ଥିଲା।

## ଡେଙ୍ଗୁ ରୋଗ ପ୍ରତି ସତର୍କ, ସଚେତନ ରୁହ



ଡେଙ୍ଗୁ ସଚେତନତା ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥି।

ସୋନପୁର, ୩୦।୭(ନି. ପ୍ର.)

ସୁବର୍ଣ୍ଣପୁର ଜିଲାପାଳଙ୍କ ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ଅଧ୍ୟକ୍ଷ ତଥା ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ସଚେତନତା ମାସ ପାଳନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ ରୋଗ ପ୍ରତି ସତର୍କ ଓ ସଚେତନ ରହିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାପାଳ ନରୱଣେ ଗୁରୁତ୍ୱାରୋପ କରିଥିଲେ।ସବୁସ୍ତରରେ ଡେଙ୍ଗୁର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ବିଭାଗଗୁଡିକ ମିଳିତଭାବେ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା ଓ ଲେପ୍ରସି) ଡାକ୍ତର ପଦ୍ମହଂସା ଦୋରା, ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ଦଣ୍ଡପାଟ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ଭର ବେହେରା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୁରୁ ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଡେଙ୍ଗୁର କାରଣ, ଲକ୍ଷଣ, ପ୍ରକାର ଭେଦ, ବାହକ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ର ଶେଖର ମିଶ୍ର କହିଥିଲେ ଜିଲାରେ ଏ ପର୍ଯ୍ୟନ୍ତ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ଯେଉଁ ରୋଗୀ ଚିହ୍ନଟ ହୋଇଛନ୍ତି ସେମାନେ ବାହାର ରାଜ୍ୟ ଅବା ବାହାର ଜିଲାରୁ ସଂକ୍ରମିତ ହୋଇ ଆସିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅକ୍ରୁର କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

### ୫-ଟି ରୂପାନ୍ତରୀକରଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

**ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠ**

ବାଉଁଶୁଣୀ,୩୦।୭(ଡି.ଏନ.ଏ.)

କନ୍ଧମାଳ ବ୍ଲକ ଶୁଣ୍ଠିପଦରଠାରେ ଥିବା ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠ ୫-ଟି ରୂପାନ୍ତରିକରଣର ଅନ୍ତର୍ଭୁକ୍ତ ହେବା ପରେ ଶନିବାର ବିଦ୍ୟାଳୟ ପରିସରରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉଦୟଭାନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ବ୍ଲକ ସହକାରୀ ଯନ୍ତ୍ରୀ ଜୟ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସୋମନାଥ ଭୂୟାଁ ଓ କାହ୍ନୁଚରଣ ସ୍ୱାଇଁ, ଶୁଣ୍ଠିପଦର ସରପଞ୍ଚ ସୁଜାତା ଭୋଇ, ସମିତି ସଭ୍ୟା ଶୀଳାବତୀ ବସ୍ତିଆ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ୫-ଟି ରୁପାନ୍ତରିକରଣ କାର୍ଯ୍ୟର ରୂପରେଖ ପ୍ରସ୍ତୁତି ଓ ଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲାଲ ବିହାରୀ ବଗର୍ତ୍ତିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମଚନ୍ଦ୍ର ମଲ୍ଲିକ, ସମସ୍ତ ସଦସ୍ୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ହାତୀ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲା ପରିବାର

ପାଇକମାଳ,୩୦।୭(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଗ୍ରାମପଞ୍ଚାୟତର ପତରାପାଲି ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ଜଣଙ୍କ ଘରଦ୍ୱାର ଭାଙ୍ଗି ଯାଇଛି। ତେବେ ଉକ୍ତ ପରିବାରର ୪ଜଣ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ରାତିରେ ପତରାପାଲି ଗ୍ରାମର ମଧୁସୂଦନ ମାଝୀ ସପରିବାର ଘରେ ଶୋଇଥିବା ବେଳେ ଭୀଷଣ ଶବ୍ଦ ହୋଇଥିଲା। ଏହା ଶୁଣି ପରିବାର ଲୋକେ ଉଠି ତାଙ୍କ ଘରକୁ ହାତୀ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ। ସେମାନେ ଘର ଛାଡି ଜୀବନ ବଞ୍ଚାଇବା ପାଇଁ ନିରାପଦ ସ୍ଥାନକୁ ଚାଲିଯାଇଥିଲେ। ସକାଳେ ଘରକୁ ଫେରି ଦେଖିଲା ବେଳକୁ ହାତୀ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବା ସହିତ ଘରେ ଥିବା ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଖାଇ ଦେଇଥିଲା। ମଧୁସୂଦନ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ ବିଭାଗ ଓ ପାଇକମାଳ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଜରିପାଲ ଓ ଚାଉଳ ଦିଆଯାଇଛି। ଆଗକୁ ସହଯୋଗ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବନ ବିଭାଗ ପକ୍ଷରୁ ହାତୀ ରହୁଥିବା ଗ୍ରାମର ବାସିନ୍ଦାଙ୍କୁ ସୁରକ୍ଷିତ ରହିବା ପାଇଁ ସଚେତନ କରାଯାଉଛି।



ହାତୀ ଭାଙ୍ଗିଥିବା ଘର।

## ବାଲ୍ୟ ବିବାହ ନିରୋଧ ସଚେତନତା ଶୋଭାଯାତ୍ରା

ଡୁଙ୍ଗୁରିପାଲି, ୩୦।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପଞ୍ଚାୟତରେ ବାଲ୍ୟ ବିବାହ ବନ୍ଦ କରିବା ନେଇ ଏକ ସଚେତନତା ଶୋଭାଯାତ୍ରା ଓ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ରାମପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। ଡୁଙ୍ଗୁରିପାଲି ସିଡିପିଓ ଜୟନ୍ତୀ ଗଡତିଆ, ସମାଜସେବୀ ଉମେଶ ପୂଜାରୀ, ସମିତି ସଭ୍ୟା ସରିତା ଭରାସାଗର, ସୁପରଭାଇଜର ପୁଷ୍ପା ମଞ୍ଜରୀ ସୁନା ସଭାରେ ଯୋଗ ଦେଇଥିଲେ। ବାଲ୍ୟ ବିବାହକୁ ବନ୍ଦ କରିବା, ପଞ୍ଚାୟତର ପ୍ରତି ୱାର୍ଡରେ ବାଲ୍ୟ ବିବାହ ବନ୍ଦ କରିବାକୁ ସଚେତନତା ସୃଷ୍ଟି କରିବା, ଝିଅକୁ ୧୮ ଓ ପୁଅକୁ ୨୧ବର୍ଷ ହେଲା ପରେ ଘର ଲୋକେ ବିବାହ କରିପାରିବେ ବୋଲି ସଭାରେ ଆଲୋଚନା କରି ଉପସ୍ଥିତ ଥିବା ଲୋକଙ୍କୁ ସଚେତନତା କରାଯାଇଥିଲା। ଆଇନକୁ ଅମାନ୍ୟ କଲେ ବାଲ୍ୟ ବିବାହ ନିରାକରଣ ଅଧିନିୟମ ୨୦୦୬ ଆଇନ ଅନୁସାରେ ଦଣ୍ଡିତ ହେବାର ନିୟମ ରହିଛି ବୋଲି କୁହାଯାଇଥିଲା। ପରେ ରାମପୁର ପଞ୍ଚାୟତର ବିଭିନ୍ନ ଗାଁରାସ୍ତା, ବସ୍‌ଷ୍ଟାଣ୍ଡ ଦେଇ ତହସିଲ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ରାମପୁର ମହିଳା ମହାବିଦ୍ୟାଳୟ ଅଧକ୍ଷା, ରାମପୁର ବାଳକ ଉଚ୍ଚବିଦ୍ୟାଳୟ, ରାମପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ସାମିଲ ଥିଲେ।




ଡୁଙ୍ଗୁରିପାଲିରେ ବାହାରିଥିବା ବାଲ୍ୟ ବିବାହ ନିରୋଧ ସଚେତନତା ଶୋଭାଯାତ୍ରା।

## ଧାର୍ଯ୍ୟ ସମୟରେ କୋର୍ଟରେ ଫାଇନାଲ ପିଆର ଦାଖଲ ହେଲାନି

**ହାତୀ ମୃତ୍ୟୁ ଘଟଣା**

- ବୌଦ୍ଧ ବନ ବିଭାଗର ଅପାରଗତା
- ୩ ଅଭିଯୁକ୍ତଙ୍କୁ ଜାମିନ ଦେଲେ କୋର୍ଟ

ବୌଦ୍ଧ,୩୦।୭ (ସ୍ୱ.ପ୍ର.)

ବୌଦ୍ଧ ବନବିଭାଗର ଅପାରଗତା ଯୋଗୁ ଜିଲାରେ ହାତୀମୃତ୍ୟୁ ଘଟଣାରେ ୩ ଜଣଙ୍କୁ କୋର୍ଟ ଜାମିନ ପ୍ରଦାନା କରିଛନ୍ତି। ବୌଦ୍ଧ ବନଖଣ୍ଡର ବଘିଆପଡା ସେକ୍ସନରେ ଗତ ମେ ମାସରେ ଦୁଇଟି ଦନ୍ତା ହାତୀ ମୃତଦେହ ବୌଦ୍ଧ ବନବିଭାଗ ପକ୍ଷରୁ ଠାବ କରାଯାଇଥିଲା। ବଘିଆପଡା ସେକ୍ସନର ଭୁର୍କପଡା ସଂରକ୍ଷିତ ଜଙ୍ଗଲରେ ଜାମଖୋଲର କମ୍ପାଟମେଣ୍ଟ ନଂ ୮ରେ ଏକ ହାତୀର ମୃତଦେହ ଠାବ ହୋଇଥିବା ବେଳେ ଏହାର ଦିନକ ପରେ ଉକ୍ତ ସେକ୍ସନର ବାଙ୍ଗମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ଅନ୍ୟ ଏକ ହାତୀର ମୃତଦେହ ଠାବ କରାଯାଇଥିଲା। ଗୋଟିଏ ସେକ୍ସନରୁ ଦୁଇ ଦୁଇଟି ଦନ୍ତାହାତୀର ଶିକାର ଘଟଣା ସେ ସମୟରେ ବୌଦ୍ଧ ଜିଲାରେ ହଇଚଇ ସୃଷ୍ଟି କରିଥିଲା। ବନବିଭାଗ ହାତୀମୃତ୍ୟୁ ଘଟଣାରେ ବୌଦ୍ଧ ରେଞ୍ଜର , ଜଣେ ଫରେଷ୍ଟର ଓ ଦୁଇଜଣ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରିଥିଲା। କିନ୍ତୁ ଏହି ଘଟଣାରେ ବନବିଭାଗର ବଡବଡିଆ ବାବୁମାନେ ଖସି ଯାଇଥିବା ବେଳେ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲ।

ଭୁର୍କପଡା ସଂରକ୍ଷିତ ଜଙ୍ଗଲରେ ହାତୀମୃତ୍ୟୁ ଘଟଣାରେ ବୌଦ୍ଧ ବନବିଭାଗ ଗତ ୨୭।୫।୨୦୨୨ରେ ପେଣ୍ଡ୍ରାଗୁଲି ଗ୍ରାମର କର୍ଣ୍ଣ ପ୍ରଧାନ (୪୮), ଜାମଖୋଲ ଗ୍ରାମର ବିଘ୍ନେ କହଁର (୫୦) ଓ ତୁତୁମସିଙ୍ଗ ଗ୍ରାମର ନିଳାକାର ନାଏକ (୩୨)ଙ୍କୁ ରାତିଅଧିଆ ଉଠାଇ ଆଣିଥିଲା। ଏହି ତିନି ଜଣଙ୍କୁ ଉଠାଇ ଆଣିବା ପ୍ରତିବାଦରେ ଉକ୍ତ ଗ୍ରାମବାସୀ ଏମାନେ ନିର୍ଦ୍ଦୋଷ ବୋଲି ଦର୍ଶାଇ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ଓହରିଥିଲେ। କିନ୍ତୁ ବନବିଭାଗ ହାତୀମୃତ୍ୟୁ ଘଟଣାରେ ଗତ ତା୨୮।୫।୨୦୨୨ରିଖରେ କର୍ଣ୍ଣ, ବିଘ୍ନେ ଓ ନିଳାକାରଙ୍କୁ ଗିରଫ କରି ବୌଦ୍ଧ ଏସଡିଜେଏମଙ୍କ କୋର୍ଟକୁ ଚାଲାଣ କରିଥିଲା। ଏହାଛଡା ପୁଣି ଉକ୍ତ ହାତୀ ମୃତ୍ୟୁ ଘଟଣାରେ ଗତ ୭।୬।୨୦୨୨ରେ ବିରିଗଡ ଗ୍ରାମର ସୁଦର୍ଶନ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁଇ ଦୁଇଟି ହାତୀ ମୃତ୍ୟୁ ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ବୌଦ୍ଧ ବନବିଭାଗର ଅପାରଗତା ଯୋଗୁ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିବା ଜଣାପଡିଛି। ୩ ଅଭିଯୁକ୍ତ କର୍ଣ୍ଣ ପ୍ରଧାନ, ବିଘ୍ନେ କହଁର ଓ ନିଳାକାର ନାଏକ ଜେଲ ଭିତରେ ୬୦ଦିନ ରହିସାରିଥିଲେ ମଧ୍ୟ ବୌଦ୍ଧ ବନବିଭାଗ ଧାର୍ଯ୍ୟ ସମୟ ମଧ୍ୟରେ କୋର୍ଟରେ ଫାଇନାଲ ପିଆର ଦାଖଲ କରିପାରି ନ ଥିଲେ। ଫଳରେ ନିୟମ ଅନୁଯାୟୀ ଗତ ତା୨୬।୭।୨୦୨୨ରିଖରେ ଏସଡିଜେଏମ ସୁଶ୍ରୀ ସଙ୍ଗିତା ଦାସ ୩ ଅଭିଯୁକ୍ତ କର୍ଣ୍ଣ, ବିଘ୍ନେ ଓ ନିଳାକାରଙ୍କୁ ୩୦ ହଜାର ଟଙ୍କାର ଗୋଟିଏ ଜାମିନଦାର ଦେଇ ଜାମିନ ପ୍ରଦାନ କରିଥିଲେ। ଶନିବାର ଦିନ ଦୁଇ ଅଭିଯୁକ୍ତ ବିଘ୍ନେ ଓ ନିଳାକାର କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କୋର୍ଟରେ ଜାମିନଦାର ଦେବା ପରେ ଜେଲରୁ ବାହାରିଥିବା ଜଣାପଡିଛି।

# ଦୁଇ ବାଇକ୍ ଧକ୍କା: ଜଣେ ମୃତ, ଦୁଇ ଗୁରୁତର

ନୂଆପଡ଼ା ଅଫିସ,୩୦।୭

ନୂଆପଡ଼ା ଜିଲା କୋମନା ଥାନା ବୃଦ୍ଧିକୋମନା ଠାରେ ଶନିବାର ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ପ୍ରମୋଦ କୁମାର ସାହୁ। ଉଦ୍ୟାନବନ୍ଧ-ବଲାଙ୍ଗିର ରାସ୍ତା ବୃଦ୍ଧିକୋମନା ନିକଟରେ ଓଡି ୦୩ ଭି ୫୮୯୨ ବାଇକ୍ ଏବଂ ଓଡି୧୭ଇ ୧୦୯୭ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ କୋମନା ପୋଲିସକୁ ଖବର ଦେବାରୁ ଗୁରୁତର ଥିବା ଦୁଇ ଜଣ ବାଇକ ଆରୋହୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# ପ୍ରଧାନଶିକ୍ଷକଙ୍କ ଅବସରକୁ ସ୍ମରଣୀୟ କରିବା ପାଇଁ ଶୋଭାଯାତ୍ରା



ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିରାମ ସାହୁଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଭବାନୀପାଟଣା,୩୦।୭(ସ୍ୱ.ପ୍ର.)

ଜଣେ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାକୁ ନେଇ ଏବେ କଳାହାଣ୍ଡି ଜିଲାରେ ଚର୍ଚ୍ଚା ଜୋର ଧରିଛି। ଏପରିକି ଶିକ୍ଷକଙ୍କ ଅବସରକୁ ସବୁଦିନ ପାଇଁ ସ୍ମରଣୀୟ କରିବାକୁ ଯାଇ ସ୍ଥାନୀୟ ଲୋକେ ସ୍କୁଲରୁ ତାଙ୍କ ଘରକୁ ସାତ କିଲୋମିଟର ବ୍ୟାପୀ ଶୋଭାଯାତ୍ରାରେ ଯିବାର ଦେଖିବାକୁ ମିଳିଛି। କଳାହାଣ୍ଡିର ବୀରବାଦ୍ୟ ଘୁମୁରାର ତାଳେ ତାଳେ ଏହି ଶୋଭାଯାତ୍ରା ଦେଖିଲେ ଲାଗୁଥିଲା ଏହା କୌଣସି ସାଂସ୍କୃତିକ ଶୋଭାଯାତ୍ରା। ଶନିବାର ଏପରି ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଗୋଲାମୁଣ୍ଡା ବ୍ଲକ ଖଲିଆପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ। ଦୀର୍ଘ ୪୦ ବର୍ଷ ଚାକିରି କରି ସେ ଅବସର ଗ୍ରହଣ କରିଛନ୍ତି। ଖଲିଆପାଲି ସ୍କୁଲରେ ସାତବର୍ଷର ଶିକ୍ଷକତା କାଳରେ ସ୍କୁଲରେ ଅନେକ ସଂସ୍କାର ଆଣିଛନ୍ତି। ଏହାଛଡା ସେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ସତ୍ତ୍ୱେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଲାଗି ଆଗେଇ ଆସୁଥିଲେ। ଅନ୍ୟ ଶିକ୍ଷକମାନଙ୍କ ସହ ମିଶି ସବୁ ସ୍କୁଲରେ କିପରି ଶୈକ୍ଷିକ ପରିବେଶ ସୃଷ୍ଟି ହେବ ସେନେଇ ଚେଷ୍ଟିତ ଥିଲେ। ଏଥିପାଇଁ ଖଲିଆପାଲି ସ୍କୁଲ ପରିସରରେ ଏକ ବଡଧରଣର ସମ୍ବର୍ଦ୍ଧନା ସଭା କରି ତାଙ୍କୁ ବିଦାୟ ଦେଇଥିଲେ ଛାତ୍ରୀଛାତ୍ର,ଶିକ୍ଷକ ଓ ଗ୍ରାମବାସୀ। ସ୍ଥାନୀୟ ଲୋକେ ତାଙ୍କୁ ଏକ ଶୋଭାଯାତ୍ରାରେ ଖଲିଆପାଲିଠାରୁ ପ୍ରାୟ ୭ କି.ମି. ଦୂର ତାଙ୍କ ନିଜଗାଁ ଧାମନପୁରକୁ ଆଣିଥିଲେ। କେବଳ ଯେ ସେ ଚାକିରି କରୁଥିବା ଯାଗାରେ ସ୍କୁଲର ଉନ୍ନତି ପାଇଁ କାମ କରୁଥିଲେ ତାହା ନୁହେଁ ନିଜଗାଁ ଧାମନପୁରରେ ନିଜ ସମ୍ପତ୍ତିରୁ ୩ ଏକର ଜାଗା ଦେଇ ଏକ ହାଇସ୍କୁଲ ସ୍ଥାପନା କରିଥିଲେ। ତେବେ ଗୋଲାମୁଣ୍ଡା ବ୍ଲକରେ ଶିକ୍ଷାର ବିକାଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଛି ।

# ସିଆଲଲଟି ବିଦ୍ୟାଳୟରେ ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ।

ନୂଆପଡ଼ା ଅଫିସ,୩୦।୭

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଯୋଗ ଦେଇଥିଲେ। ସିଲେଟପାଣି ସେକସନ ଫରେଷ୍ଟର ଛତ୍ରପତି ମହାନନ୍ଦ, ସିଆରସିସି ଛନୁରାମ ନାଏକ, ନିମନ୍ତରଣ ବରିହା, ଛବିଲୋଚନ ସାହୁ, ସଞ୍ଜୟ କୁମାର ସାହୁ, ସୁମନ୍ତ ଶବର, ମମତା ଭୋଇ, ସୁଷମା ଶବର ପ୍ରମୁଖ ସମ୍ମାନିତ ଅତିଥି ଭାଗ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, ପିଜୁଳି, ସଜନା, ଅମୃତଭଣ୍ଡା, ଶାଗୁଆନ, ଶିଶୋ, କରଞ୍ଜ, ଅନ୍ୟାନ୍ୟ ଔଷଧିୟ ଏବଂ ଫୁଲ ଚାରା ସହ ୫ଶହ ଚାରା ରୋପଣ କରାଯାଇଥିଲା। ଧନସିଂ ଧରୁଆ, ଦିଲୀପ କୁମାର ସାହୁ, ଜୁଗଲ ଧରୁଆ, ଭରତ ଚେରକିଆ, କୃଷ୍ଣଚନ୍ଦ୍ର ଧରୁଆ, ହିମାଦ୍ରୀ ପ୍ରଧାନ, ମାଧୁରୀ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୂଆପଡା ଅଫିସ, ୩୦।୭

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ସାଧନା କେନ୍ଦ୍ର ଅଧିନସ୍ଥ ଭାଲୁକୋନା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭାରେ ଛନୁରାମ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଫରେଷ୍ଟର ଛତ୍ରପତି ମହାନନ୍ଦ ଯୋଗଦେଇଥିଲେ। ଭୋଜନ ହଂସ, ଧନିରାମ ନାଏକ, ପ୍ୟାରୀଲାଲ ଦୁରିଆ, ସ୍ୱର୍ଣ୍ଣପ୍ରଭା ଦୁରିଆ, ଦଇତାରୀ ଗଏତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରେମଲାଲ ସତନାମୀ ମଞ୍ଚ ପରିଚାଳନା କରିଥିଲେ। ଚାକିରୀରୁ ଅବସର ନେଇଥିବା ଶିକ୍ଷକ ନିମନ୍ତ୍ରଣ ବରିହାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ମନୋଜ କୁମାର ବିଶ୍ୱାଳ, ଦିଲୀପ କୁମାର ସାହୁ, ଜୁଗଲ ଧରୁଆ,ଇନ୍ଦ୍ରଜିତ ସତନାମୀ, ହିରାମଣି ନାଏକ, ମଞ୍ଜୁରାଣୀ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ODISHA PUBLIC SERVICE COMMISSION CUTTACK

### NOTICE

No.6943/PSC, Dt.29.7.22
(2PE-02-22/23) (DR-I)

**No.D-123:** In continuation to this office Notice No. 4324/PSC, Dt. 07.05.2022, It is for information of all concerned that, 02 (Two) candidates bearing following PPSAN have been called for the physical verification of original certificates/documents to determine their eligibility and suitability for recruitment to the post of Assistant Professor, Teacher Education(Odia), pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN of candidates |
|---|---|---|
| 04.08.2022 | 11.30 AM | 00091326 & 00052232 = **02 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:-

1. Hard copy of the online application form
2. Three passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree mark sheet.
6. B.ED Degree marksheet.
7. Master's Degree mark sheet.
8. M. Phil mark sheet.
9. NET/JRF/SET/SLET qualified certificate.
10. Ph.D. Degree certificate.
11. Conversion certificate from the concerned University indicating the actual equivalent percentage of marks.
12. Odia Test pass certificate.
13. Caste certificate wherever applicable.
14. Identity card issued by the Director of Sports, Odisha in case of Sports person.
15. Permanent Disability Certificate (indicating permanent disability of 40% or more)
16. One set Xerox copy of published Research papers.
17. Teaching/Post-Doctoral experience certificate.
18. Awards.
19. No objection certificate from the competent authority in case of Govt. Servants.
20. Any proof of identity.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
OIPR-12002/11/0124/2223

## OFFICE OF THE MUNICIPAL COUNCIL, BHAWANIPATNA

**No.2976/2022** **Date:27.07.2022**

### Tender Call Notice

**No.C-897:** 1.Executive Officer, Bhawanipatna Municipality invites sealed Tenders from the intending reputed Suppliers/ Dealers for supply of "Furniture and Assets" for Shelter for Urban Homeless (SUH), Bhawanipatna, Kalahandi.

2.Tender papers required for the tender can be obtained from the office of the Bhawanipatna Municipality on payment of Rs.1000/- (Rupees one thousand) only (non-refundable) in Demand Draft towards cost of Tender paper on any working day in office hour from 27.07.2022 to 08 .08.2022 at 5.00 PM.

3.The Tender papers can also be downloaded from the website http://www.kalahandi.nic.in. In case of tender papers downloading from the website the tender shall accompany Bank Draft of Rs.1000/- (Rupees One thousand only) in favour of "Executive Officer, Bhawanipatna Municipality" payable at any Nationalized Bank of Bhawanipatna.

4.The tender shall reach the Executive Officer, Bhawanipatna Municipality, Kalahandi by Registered post / Speed post only on or before 08.08.2022 at 5.00 PM. The tender received beyond the date and time mentioned above shall not be taken into consideration.

5.Tender paper must be accompanied with Demand Draft towards cost of Tender papers and other relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.

6.The sealed tenders will be opened on 17.08.2022 at 3.30 PM by the undersigned in this Office in presence of the renderers' or their authorized representatives and members of the District level purchase Committee constituted for the purpose.

7.The undersigned reserves the right to cancel or reject any or all the tenders without assigning any reason thereof.

8.The detail of this tender is available in the Notice Board/ District Website http://www.kalahandi.nic.in.

**Sd./- Executive Officer, Bhawanipatna Municipality**
OIPR-13100/11/0006/2223

## Inviting RFP for Selection of Agency for Establishment and Running of Project Management Unit (PMU) at Odisha Adarsha Vidyalaya Sangathan (OAVS)

**Tender Ref.No.4147, Bhubaneswar, Dated 22.07.22**

**No.n-32:** The Odisha Adarsha Vidyalaya Sangathan (OAVS) invites Prequalification, Technical and Financial Proposals from Agencies of National repute for the establishment and running of a Project Management Unit (PMU) for increasing the efficiency and effectiveness of the operations of OAVS, Odisha as specified in this RFP Document.

The RFP document can be downloaded from the website link **http//www.oav.edu.in** with effect from 22/07/2022 (11 AM) to 17/08/2022(2 PM) and response to this tender shall be deemed to have been done after careful study and examination of this document with full understanding of its implications.

Interested agencies are requested to submit the details to the undersigned as per the schedule indicated in the Fact Sheet, by post (Registered / Speed) at the office of the Odisha Adarsha Vidyalaya Sangathan (OAVS). Based on the eligibility criteria as mentioned in the RFP, the applicant agency will be selected.

For any further clarifications, please contact the Odisha Adarsha Vidyalaya Sangathan (OAVS). on Phone Number: 0674-2300336 during official working hours only (10 am to 5 pm).

**Sd./- State Project Director, OAVS**
OIPR-27029/11/0007/2223

## यूनियन बैंक ऑफ इंडिया Union Bank of India — आन्ध्रा Andhra — कार्पोरेशन Corporation

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୮.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ-ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ପାରାଦୀପ ଶାଖା, ମୋ.: ୭୬୭୧୯୫୮୫୪୩** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଅଟଳ ବିହାରି ଦାସ, ପିତା: ଶ୍ରୀ ଧଡି ଦାସ,** ଠିକଣା: ସା-ଗଣ୍ଡକିପୁର, ପୋ.:ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତସିଂହପୁର/**ବକେୟା ରାଶି**:ତା.୩୧.୦୫.୨୦୨୨ରିଖ ସୁଦ୍ଧା **ଟ.୨୦,୯୯,୩୬୫.୩୦** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | **ଶ୍ରୀ ଅଟଳ ବିହାରି ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୩୫୪, ପ୍ଲଟ ନଂ.୧୨୬୯, ଏରିଆ: ଏ୦.୦୪୦ ଡିସିମିଲି (୧୭୪୨.୪ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତସିଂହପୁର, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ନଂ.୧୨୬୮, ଦକ୍ଷିଣ- ରାସ୍ତା ଏବଂ ପ୍ଲଟ ନଂ.୧୨୭୨, ପୂର୍ବ- ପ୍ଲଟ ନଂ.୧୨୭୬, ପଶ୍ଚିମ- ସରହଦ ମୌଜା । | ଟ.୧୮,୬୯,୦୦୦/- / ଟ.୧,୮୬,୯୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 158121980050000 IFSC Code: UBIN0159815 |
| ୨. | **ଢେଙ୍କାନାଳ ଶାଖା, ମୋ.: ୭୯୭୮୪୯୭୧୦୨** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମହାଦେବ ମହାପାତ୍ର,** ପିତା: ଗତିକୃଷ୍ଣ ମହାପାତ୍ର, ଠିକଣା: ସା-ବଳଭଦ୍ରପୁର, ପୋ.-କୋରିଆଁ, ଥାନା-ଢେଙ୍କାନାଳ ସଦର, ଢେଙ୍କାନାଳ-୭୫୯୦୧୩/**ବକେୟା ରାଶି**:ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୧୫,୧୬,୪୧୮.୧୩** + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ । | **ଶ୍ରୀ ମହାଦେବ ମହାପାତ୍ର,** ପିତା: ଏଗତିକୃଷ୍ଣ ମହାପାତ୍ର ଙ୍କ (ସା-ବଳଭଦ୍ରପୁର, ପୋ.-କୋରିଆଁ, ଥାନା- ସଦର, ଜିଲ୍ଲା- ଢେଙ୍କାନାଳ,ଓଡିଶା) ନାମରେ ଥିବା ଜମି ଏବଂ ବାସୋପଯୋଗି ଗୃହ ଯାହାର ଖାତା ନଂ.୨୪୫/୩୮, ପ୍ଲଟ ନଂ.୫୮୫/ ୧୩୨୩, ମୌଜା: ବଳଭଦ୍ରପୁର, ତହସିଲି: ଢେଙ୍କାନାଳ ନଂ.୧୪୫, ଥାନା: ଢେଙ୍କାନାଳ ସଦର ନଂ.୬୯, ଜିଲ୍ଲା: ଢେଙ୍କାନାଳ, ଓଡିଶା, ଜମି ଏରିଆ: ଏ୦.୦୪୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ଅଶୋକ ବାରିକ, ପୂର୍ବ- ପଠାଣି ବାରିକ, ପଶ୍ଚିମ- ରାସ୍ତା । | ଟ.୧୧,୦୪,୦୦୦/- / ଟ.୧,୧୦,୪୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 540501980050000 IFSC Code: UBIN0554057 |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ କିମ୍ବା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୮.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ**

**ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: **https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in** ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮**

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୦୭.୨୦୨୨** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## IN THE COURT OF THE AUTHORISED OFFICER-CUM-ASST. CONSERVATOR OF FORESTS SAMBALPUR FOREST DIVISION

**No. 02/ dt. 27.07.2022**

**In continuation to the Notice No. 01 dtd.22.03.2022 of A.O.-Cum-A.C.F., Sambalpur Forest Division**

**No.MM-113:-** A Notice under Section 56 (2-1) of the Orissa Forest Act, 1972 was served through News Paper proclamation vide this office No. 1765 dtd 23.03.2022 intending to confiscate the following seized vehicles alongwith forest produce. The owner of the seized vehicles failed to submit claim over the seized vehicles with all legality within statutory period.

**The details of vehicles seized.**

| Sl. No. | Year | C.C. No. | O.R. CASE No. | UD CASE No. | Range | Type of Vehicle | Regd. No. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 2011-12 | 60 | 3 | | Padiabahal | Truck | OR 15 K 9651 |
| 2 | 2013-14 | 11 | 88 | | Sadar | Truck | WB 33 B 7480 |
| 3 | 2014-15 | 2 | | UD 4 | Padiabahal | Mini Truck | OIS 4396 |
| 4 | 2014-15 | 3 | 27 | | Sadar | Truck | JH 02 K 1063 |
| 5 | 2014-15 | 4 | 28 | | Sadar | Truck | OD 17 A 6049 |
| 6 | 2014-15 | 5 | | UDC1 | Padiabahal | TVS Victor/Spl. Plus | CG 04 CB 5129 / CG 06 1338 |
| 7 | 2014-15 | 6 | 30 | | Sadar | Commander Jeep | ORP 3624 |
| 8 | 2014-15 | 9 | 34 | | Sadar | Tata Ace/Maruti Van | Nil/OAU 8079 |
| 9 | 2014-15 | 11 | 31 | | Padiabahal | Tata Sumo | OR 09 C 9897 |
| 10 | 2014-15 | 12 | 42 | | Sadar | Truck | OR 11 J 3631 |
| 11 | 2014-15 | 14 | 34 | | Padiabahal | Mahindra Maxima | OR 15 S 2476 |
| 12 | 2014-15 | 18 | 34 | | Town | Tata Ace | OR 15 R 8779 |
| 13 | 2014-15 | 19 | | UD 25 | Rengali | Tata Truck | MH 16 AY 1455 |
| 14 | 2014-15 | 23 | 125 | | Rengali | Tata Ace | OD 17 C 6277 |
| 15 | 2014-15 | 24 | 99 | | Sadar | One Tanker | OR 07 D 8257 |
| 16 | 2014-15 | 25 | 98 | | Sadar | Mini Truck | CG 04 J 1617 |
| 17 | 2014-15 | 27 | | UD 51 | Rengali | Tata Ace | OD 15 3474 |
| 18 | 2014-15 | 28 | 148 | | Sadar | Maruti Van | OAU 8079 |
| 19 | 2014-15 | 29 | 42 | | Padiabahal | Maruti Van/Motorcycle | MP 24 G 1762 / ORQ 9643 |
| 20 | 2014-15 | 34 | | UDC 68 | Rengali | Marshall | OR 15 F 3549 |
| 21 | 2014-15 | 47 | | UDC 35 | Rengali | Maruti Van | OR 15 C 5191 |
| 22 | 2014-15 | 50 | OR 38 | UD 24 | Town | Jeep | OR 02 G 0223 |
| 23 | 2014-15 | 51 | OR 47 | UD 31 | Town | Piaggion Tempo | Regd. No. not affixed. Eng. No. not visible. Ch. No. HM453516 |
| 24 | **2015-16** | 1 | 1 | | Rengali | Maruti Van | WB 02C 4478 |
| 25 | 2015-16 | 2 | 18 | | Rengali | Tata Ace/Hero Spl. | OR 17 G 1814 / OD 15 A 8169 |
| 26 | 2015-16 | 3 | 32 | | Rengali | Mahindra Bolero | OR 02 AL 6563 |
| 27 | 2015-16 | 6 | 7 | | Padiabahal | Tata 207 | OR 23 B 1879 |
| 28 | 2015-16 | 8 | | UD 7 | Town | Tata Ace | OR 15 R 3097 |
| 29 | 2015-16 | 9 | 56 | | Sadar | 407 Truck | OR 15 E 9107 |
| 30 | 2015-16 | 10 | 90 | UDC 15 | Sadar | Jeep | OSS 5532 |
| 31 | 2015-16 | 18 | | | Sadar | Tata Ace Van | OD 15 C 5360 |
| 32 | 2015-16 | 20 | 40 | | Sadar | Pickup Van | OD 15 C 1568 |
| 33 | 2015-16 | 21 | 22 | | Town | Tata Ace | OD 15 B 6787 |
| 34 | 2015-16 | 22 | 113 | | Sadar | Mahindra Pickup Van | OD 15 E 0882 |
| 35 | 2015-16 | 35 | 64 | | Dhama | S.K. Dansana, Fr. | OR 23 C 2582 |
| 36 | 2015-16 | 36 | OR 80 | UD 5 | Dhama | Tata Sumo | WB 02 P 7461 |
| 37 | 2015-16 | 37 | UDC 18 | | Padiabahal | Tata Ace | OR 23 B 7408 |
| 38 | 2015-16 | 38 | OR 24 | UD 18 | Twon | Tata Magic | OR 15 P 9374 |
| 39 | 2015-16 | 39 | 158 | | Rengali | Maruti Omni Van | OR 15 D 3548 |
| 40 | 2015-16 | 40 | OR 6 | UD 6 | Town | Tata Magic | OR 15 M 1223 |
| 41 | 2015-16 | 42 | 54 | | Sadar | Maruti Van | CG 04 ZP 4519 |
| 42 | 2015-16 | 43 | 158 | | Sadar | One auto | OD 15 D 4737 |
| 43 | 2015-16 | 44 | 28 | | Town | Mahindra Trolly Tempo | OR 17 G 0655 |
| 44 | 2015-16 | 45 | 159 | | Sadar | Tata 207 | OR 15 Q 8069 |
| 45 | 2015-16 | 46 | 160 | | Sadar | Tata 207 | OR 19 9113 |
| 46 | 2015-16 | 47 | 156 | | Sadar | Tractor/Trolly | OR 15 R 0451 / OR 15 R 0452 |
| 47 | 2015-16 | 59 | 185 | | Sadar | Hero Honda M/C | OD 15 A 1730 |
| 48 | 2015-16 | 61 | | UD.32 | Town | Tempo | OR-17-E-7735 |
| 49 | 2015-16 | 66 | | UD.17 | Town | TATA ACE | OR-15-N-6574 |
| 50 | **2016-17** | 2 | | UD.7 | Rengali | Bolero | OR-23-B-8429 |
| 51 | 2016-17 | 3 | | UD.11 | Padiabahal | Bolero | OD-15-A-7457 |
| 52 | 2016-17 | 5 | | UD.2 | Rengali | Mahindra Pickup Van | Eng. AB41B15483 |
| 53 | 2016-17 | 9 | | UD.14 | Padiabahal | Maruti Omni | OR-15-E-8631 |
| 54 | 2016-17 | 10 | | UD.14 | Town | Mahindr Pickup Truck | OD-23-4083 |
| 55 | 2016-17 | 17 | 126 | | Sadar | 2 Nos. of M/Cycle- UNICORN | OD-15-D-8134 & OR-15-R-5029 |
| 56 | **2017-18** | 1 | 3 | | Town | Maruti Van | OR-15-J-5225 |
| 57 | 2017-18 | 4 | | UD-01 | Padiabahal | TRUCK | OR-15-M-8658 |
| 58 | 2017-18 | 5 | 78 | | Sadar | CAR | WB-02-F-2538 |
| 59 | 2017-18 | 6 | | UD-12 | Town | Bolero Pickup | OR-03-F-9776 |
| 60 | 2017-18 | 8 | | UD-15 | Town | TATA-407 | OR-15-U-4744 |
| 61 | 2017-18 | 13 | 24 | | Town | TATA Pickup | JH-01-CS-7084 |
| 62 | **2018-19** | 4 | 1 | | Town | Maruti Van | MP-23-B-5679 |
| 63 | 2018-19 | 7 | | UD-5 | Sadar | Maruti Omni | WB-02-F-2538 |
| 64 | 2018-19 | 8 | | UD-6 | Sadar | TATA-407 | OR-28-2481 |
| 65 | 2018-19 | 9 | | UD-8 | Sadar | Tempo | Eng. S8D8839261 Ch. MCG27P3DK |
| 66 | 2018-19 | 10 | | UD-8 | Padiabahal | TATA-407 | OR-15-J-3429 |
| 67 | 2018-19 | 12 | | UD-14 | Town | TATA-709 | CG-04-ZB-2016 |
| 68 | 2018-19 | 13 | | UD-18 | Rengali | TATA-407 | OR-28-2481 |
| 69 | 2018-19 | 14 | | UD-15 | Town | Bolero Pick up | OR-02-BF-6501 |
| 70 | 2018-19 | 15 | 38 | | Padiabahal | TATA Pick up | OR-02-AP-3915 |
| 71 | **2019-20** | 1 | | UD-1 | Sadar | Tempo | OR-15-P-8633 |
| 72 | 2019-20 | 2 | | UD-8 | Rengali | Bolero pick up | CG-04-JD-3308 |
| 73 | 2019-20 | 3 | | UD-3 | Sadar | TATA-407 | OR-15-B-3121 |
| 74 | 2019-20 | 4 | | UD-6 | Sadar | TATA-407 | OR-16-8977 |
| 75 | 2019-20 | 5 | | UD-11 | Rengali | TATA ACE | OD-15-K-8546 |
| 76 | 2019-20 | 6 | 64 | | Sadar | TATA ACE | OD-15-A-1080 |
| 77 | 2019-20 | 7 | | UD-12 | Rengali | TATA-207 | OR-02-Y-4569 |
| 78 | 2019-20 | 8 | | UD-4 | Dhama | Bolero Pick up | WB-29-B-2965 |
| 79 | 2019-20 | 9 | | UD-1 | Padiabahal | TATA ACE | OD-16-E-7526 |
| 80 | 2019-20 | 10 | 26 | | Town | Van | OR-15-B-4813 |
| 81 | 2019-20 | 11 | 42 | | Padiabahal | TATA-407 | OR-23-C-7424 |
| 82 | 2019-20 | 12 | | UD-6 | Dhama | AUTO | OD-15-H-4026 |
| 83 | 2019-20 | 14 | | UD-16 | Town | TATA ACE | OR-16-C-9846 |
| 84 | 2019-20 | 15 | | UD-23 | Sadar | Truck | OD-15-G-4462 |
| 85 | 2019-20 | 16 | | UD-24 | Sadar | Bolero Pick up | OD-15-A-9681 |
| 86 | 2019-20 | 17 | 28 | | Dhama | MARUTI OMNI | OR-15-C-4729 |

Thus this Court of Authorised Officer-cum-Asst. Conservator of Forests, Sambalpur Forest Division concludes that the seized vehicles were used for illegal transportation of forest produce in the sole knowledge of the owner as well as his agent/driver violating the Orissa Forest Act, 1972.

Therefore, the undersigned in exercise of the power conferred under Section 56 of O.F.A., 1972, Notification No.12520 dtd.07.06.1983 of the Govt. of Orissa, do hereby order experte that, the above seized vehicles and forest produces etc. seized in, be confiscated to the Government, Odisha. The person aggrieved on the above order may prefer to appeal before the Appellate Authority within statutory period as provided under Section 56 (2-e) of the said Act, failing which action shall be taken for disposal of confiscated property with due observation of the formalities.

The 86 numbers of Confiscation Proceedings as mentioned in the table (as C.C. Nos.) are disposed off accordingly.

**Sd./- Authorised Officer-cum-Asst. Conservator of Forests**
**Sambalpur Forest Division**

OIPR-08104/11/0007/2223